

ମହାତ୍ରେଙ୍କୁ ନେତୃତ୍ୱ

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ◆ISSUE-324 ◆BHUBANESWAR ◆FRIDAY ◆23 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୩ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



■ ରଥଖଳାରୁ...

## ତିନିରଥର ୩୫ ଚକ ନିର୍ମାଣ ସରିଲା



ପୁରୀ,୨୨।୫ (ସମିସ): ବିଧି ମୁତାବକ ରଥଖଳାରେ ତିନି ରଥର ନିର୍ମାଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗୁରୁବାର ସୁଦ୍ଧା ତିନି ରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ପ୍ରାୟ ୩୫ଟି ଚକ ନିର୍ମାଣ ସରିଛି। ଭୋଇ ସେବକମାନେ ୩୮ଟି ଚକର ସିଙ୍ଗଡ଼ା ବାଡ଼ିଆ କାମ ଶେଷ କରିଛନ୍ତି। ସେହିପରି ତିନିରଥର ମୁହାଁଟ ଏବଂ ନିରାଡ଼ି ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ରଥର ଚାରିପାର୍ଶ୍ୱରେ ଗୋଟିଏ ଗୋଟିଏ ନିରାଡ଼ି ଏବଂ ଗୋଟିଏ ଗୋଟିଏ ମୁହାଣ୍ଟ ଲାଗିଥାଏ। ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ତିନି ରଥ ଚାଳିକୁ ଯୋଗାଇଥିବା ଚାରୋଟି ଲେଖାଏଁ ୨୦ ଫୁଟିଆ ଧଉରା କାଠରେ ଦୁଇଟି ମୁହାଁଟ ଏବଂ ଦୁଇଟି ନିରାଡ଼ି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମୁହାଁଟ ରଥର ପାଞ୍ଚଦଣ୍ଡା ଉଭୟପାର୍ଶ୍ୱରେ ଫିଟିଂ ହୋଇଥାଏ। ମୁହାଁଟ ଉପରେ ଗୁଜ ଫିଟିଂ କରାଯିବା ପରେ ଗୁଜ ଉପରେ ନିରାଡ଼ି ପଡ଼ି ଗୟଳ ମୋଡ଼ା ହୁଏ। ସେହିପରି ରଥଖଳାରେ ରୂପକାର ସେବକ ଖୋଦେଇ କାମରେ ଲାଗିପଡ଼ିଛନ୍ତି। ଏମାନେ ତିନିରଥର ଗୁଜରେ ସିଂହବିରାଳ ଖୋଦେଇ କରୁଛନ୍ତି। ସରିଯାଇଥିବା ରୂପ ଖୋଦେଇର ପଲିସି କାମ ବି ଜାରି ରହିଛି। ଦୋଳବେଦୀ କୋଣ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା ତିଆରି କରୁଛନ୍ତି।

■ ଶିଶୁଭବନରେ ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା ଘଟଣା

## ୬ ଜଣିଆ ତଦନ୍ତ କମିଟି ଗଠିତ

କଟକ,୨୨।୫(ସମିସ): ଶିଶୁ ଭବନରେ ଟର୍ଚ୍ଚ ଲାଇଟ୍ ପକାଇ ଶିଶୁ ମୁଣ୍ଡରେ ଷ୍ଟିଚ୍ ପକାଇବା ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଅଧୀକ୍ଷକଙ୍କ ନେତୃତ୍ୱରେ ଗଠିତ ୬ ଜଣିଆ କମିଟି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ। ଅନ୍ୟପକ୍ଷରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଅଧୀକ୍ଷକ ଡାକ୍ତର ପ୍ରଭାକର ମିଶ୍ର ଏ ବାବଦରେ କହିଛନ୍ତି ଯେ ଟର୍ଚ୍ଚ ଲାଇଟ୍ ପକାଇ ଚିକିତ୍ସା କରାଯାଉଥିବା ସ୍ଥାନଟି ମାଇନର୍ ଓ.ଟି ନୁହେଁ; ଏହା କାଜୁଆଲିଟି। ତଥାପି ଏଭଳି ଅବ୍ୟବସ୍ଥା କାହିଁକି ଦେଖିବାକୁ ମିଳିଛି, ସେନେଇ ତଦନ୍ତ ହେବ ବୋଲି ଅଧୀକ୍ଷକ ଡାକ୍ତର ମିଶ୍ର କହିଛନ୍ତି। ପ୍ରକାଶଥାଉକି, ରାଜ୍ୟର ଏକମାତ୍ର ଭରସାଯୋଗ୍ୟ ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ ଶିଶୁଭବନରେ ବୁଧବାର ଏହି ଘଟଣା ଦେଖିବାକୁ ମିଳିଥିଲା। ରାଜାବଗିଚା ଅଞ୍ଚଳର ୨ ବର୍ଷର ଏକ ଶିଶୁପୁତ୍ରର ମୁଣ୍ଡରେ ଆଘାତ ଲାଗିଥିଲା। ପରିବାରଲୋକେ ଶିଶୁପୁତ୍ରକୁ ଧରି ତୁରନ୍ତ ଶିଶୁଭବନକୁ ନେଇଥିଲେ। କାଜୁଆଲିଟିରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ଶିଶୁପୁତ୍ରର ମୁଣ୍ଡରେ ଷ୍ଟିଚ୍ ପକାଯାଇଥିବା ବେଳେ ଜଣେ କର୍ମଚାରୀ ଟର୍ଚ୍ଚ ଧରି ଛିଡ଼ା ହୋଇଥିଲେ।

# ବଲାଙ୍ଗିର ଜିଲ୍ଲା ବିଜେପିରେ ବିଦ୍ରୋହ

## ଭିତରେ ମନ୍ତ୍ରୀଙ୍କ ସମୀକ୍ଷା, ବାହାରେ ବିଧାୟକଙ୍କ ହାଇଡ୍ରାମା

■ ବଲାଙ୍ଗିର, ୨୨।୫ (ସମିସ): ବଲାଙ୍ଗିର ଜିଲ୍ଲା ବିଜେପିରେ ଦେଖା ଦେଇଛି ବିଦ୍ରୋହ। ସରକାରୀ ସମୀକ୍ଷା ବୈଠକରେ ବିଧାୟକଙ୍କୁ ଯୋଗ ଦେବାକୁ ଅନୁମତି ନାହିଁ; ଅଧିକାରୀ ବିଧାୟକଙ୍କ କଥା ଶୁଣୁ ନାହାନ୍ତି। ଏପରିକି ବିଧାୟକଙ୍କ କଥା ନ ଶୁଣିବାକୁ ସାଂସଦ ମନା କରୁଛନ୍ତି। ଯାହାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଅସନ୍ତୋଷ। ଖୋଦ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏପରି ଅଭିଯୋଗ ଆଣିବା ସହ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଆଡ଼କୁ ତେରଛା ବାଣ।

ଗୁରୁବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ସମସ୍ତ ବିଭାଗର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବୈଠକ ଆରମ୍ଭ ହେବା ପୂର୍ବରୁ ସମ୍ମିଳନୀକକ୍ଷ ବାହାରେ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ୍ ବସିଥିଲେ ହେଁ ତାଙ୍କୁ କକ୍ଷ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ଗଣମାଧ୍ୟମ ପ୍ରଶ୍ନରେ ଶ୍ରୀ ଜୈନ ଖୋଲାଖୋଲି ଏହାକୁ ନେଇ ଆପତ୍ତି ଉଠାଇଥିଲେ। ତାଙ୍କ କହିବା ଅନୁସାରେ ଏହି ସମୀକ୍ଷା ବୈଠକକୁ ତାଙ୍କୁ ନିମନ୍ତ୍ରଣ ଦିଆଯାଇ ନାହିଁ କି ବିଭାଗୀୟ ଚିଠିରେ ତାଙ୍କ ନାମ ନାହିଁ। ଫଳରେ ଭିତରକୁ ଗଲେ ସେ ଅପଦସ୍ତ ହେବେ। ତେଣୁ ସେ ନିଜ ଅଭିଯୋଗ ମନ୍ତ୍ରୀଙ୍କୁ ଜଣାଇବା ସହ ପ୍ରଶାସନକୁ ଉତ୍ତର ମାଗିବା ପାଇଁ ଆସିଥିବା କହିଥିଲେ। ଶ୍ରୀ ଜୈନ ଟିଟିଲାଗଡ଼ ଅଞ୍ଚଳରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବା ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ନିଜେ ଚଢ଼ଉ କରିଥିଲେ। କିନ୍ତୁ ଛତୁଆ ପ୍ରସ୍ତୁତିରୁ ଉକ୍ତ ଏସଏଚ୍‌ଜିକୁ ହଟାଯାଉନାହିଁ। କେବଳ ଏତିକି ନୁହଁ ଟିଟିଲାଗଡ ଅଞ୍ଚଳର ଉନ୍ନତି ପାଇଁ ସେ ବିଭିନ୍ନ ପ୍ରସ୍ତାବ, ଅଭିଯୋଗ, ସରକାରୀ ଅଧିକାରୀ ମାନଙ୍କୁ ବଦଳି ବିଷୟରେ



ବିଧାୟକଙ୍କ କଥା ନ ଶୁଣିବାକୁ ଅଧିକାରୀଙ୍କୁ ସାଂସଦଙ୍କ ନିର୍ଦ୍ଦେଶ

ବାରମ୍ବାର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଉଥିଲେ ମଧ୍ୟ ସେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ସେ ୨୦ରୁ ୨୫ ଚିଠି ଜିଲ୍ଲାପାଳଙ୍କୁ ଦେଇଥିବାବେଳେ ତାହାର ଉତ୍ତର ସେ ପାଇନାହାନ୍ତି। ପ୍ରଶାସନିକ ଅଧିକାରୀମାନେ ଉତ୍ତର ଦେବାକୁ ମ୍ୟାଡମ ମନା କରିଛନ୍ତି ବୋଲି ଅଧିକାରୀମାନେ କହୁଛନ୍ତି। ନିଜ ଦଳର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଙ୍କ ସମୀକ୍ଷା ବୈଠକରେ ବିଧାୟକଙ୍କ ଏହିଭଳି ପ୍ରତିବାଦ ରାଜନୀତିକୁ ସରଗରମ କରିଛି। ଜିଲ୍ଲା ବିଜେପି କାହା ନିୟନ୍ତ୍ରଣରେ ଅଛି, ଜିଲ୍ଲା ପ୍ରଶାସନିକ କଳ କାହା ଇସାରାରେ କାମ କରୁଛି ତାହା ସମସ୍ତଙ୍କୁ ଜଣା; କିନ୍ତୁ ଜଣେ ବିଧାୟକ ଏହାକୁ ପ୍ରତିବାଦ କରିବା ପରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ସାଂସଦଙ୍କ ଆଡ଼କୁ ବିଧାୟକ ତେରଛା ବାଣ ମାରିବା ସହ ଏହାକୁ ନେଇ ସେ ବିଧାନସଭା ରେ ମଧ୍ୟ ପ୍ରଶ୍ନ କରିବେ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ରବି ନାଏକ କହିଛନ୍ତି ଯେ ବୈଠକ ସମ୍ପର୍କରେ ବିଧାୟକଙ୍କୁ ସୂଚନା ଦିଆନଯିବା ନେଇ ସେ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଛନ୍ତି । ମାତ୍ର ଜଣେ ବିଧାୟକଙ୍କୁ କାହିଁକି ବୈଠକକୁ ନିମନ୍ତ୍ରଣ କରାଗଲା ନାହିଁ ଓ ଏପରି ସାହସ ପ୍ରଶାସନ କିପରି କଲା ସେ ସମ୍ପର୍କରେ ମନ୍ତ୍ରୀ ନିରବ ରହିଛନ୍ତି ।

## ଉପକୂଳ ରାଜପଥ ଟେଣ୍ଡର୍ ପୁଣି ବାତିଲ୍

ନିରାକାରପୁର,୨୨।୫(ସମିସ): ଉପକୂଳ ରାଜପଥ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)। ୩୧୬ (କ)ରେ ନାମିତ ଏହି ଜାତୀୟ ରାଜପଥଟି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡ଼ପୋଖରୀଆ ନିକଟରେ ଥିବା ସୁନେଇ ରୁପେଇ ମନ୍ଦିରଠାରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗର ଦୀଘା ଯାଏ ଯିବା ପାଇଁ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଜମି ଅଧିଗ୍ରହଣ ପାଇଁ ଚିହ୍ନଟ ମଧ୍ୟ ଶେଷ ହୋଇଥିଲା। ଏହାର ୪ଟି ପ୍ୟାକେଜ୍ ପାଇଁ ଚଳିତ ବର୍ଷ ଜାନୁଆରୀ ୮ ତାରିଖ ଦିନ ଜାତୀୟ ରାଜପଥ ବିଭାଗ ଟେଣ୍ଡର୍ ଆହ୍ୱାନ କରିଥିଲା। ତେବେ ଗୁରୁବାର ଏନ୍‌ଏଚ୍‌ଏଆଇ ଏହି ପ୍ରକଳ୍ପର ସମସ୍ତ ଟେଣ୍ଡର୍‌କୁ ବାତିଲ୍ କରିଦେଇଛି। କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ପ୍ରକଳ୍ପ ନିମନ୍ତେ ଡକାଯାଇଥିବା ସମସ୍ତ ୪ଟି ଟେଣ୍ଡରକୁ ବାତିଲ୍ କରାଯାଇଛି। ଫଳରେ ଏହାର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି।

**ଏନ୍‌କାଉଣ୍ଟର୍‌ରେ ୨୭ ମାଓବାଦୀ ନିହତ ଘଟଣା**

## ପୁଲିସ ମୁଖ୍ୟାଳୟକୁ ଆସିଲା ଶବ



ମାଲକାନଗିରି, ୨୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଜମାଡ଼ ଜଙ୍ଗଲରେ ଗତକାଲି ସୁରକ୍ଷାକର୍ମୀଙ୍କ ଏନ୍‌କାଣ୍ଟରରେ ୨୭ ମାଓବାଦୀ ନିହତ ହୋଇଥିଲେ। ମୃତ ମାଓବାଦୀଙ୍କ ମଧ୍ୟରେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ମୁଖ୍ୟ ତଥା ସିପିଆଇ ମାଓ ସଂଗଠନର ସାଧାରଣ ସଂପାଦକ ନାମ୍ବାଲା କେଶବ ରାଓ ରହିଥିଲା। ତେବେ ଏହି ଘଟଣାରେ ଦୁଇଜଣ ଡିଆରଜି ଯବାନ ମଧ୍ୟ ସହିଦ ହୋଇଛନ୍ତି। ଆଜି ମୃତ ମାଓବାଦୀଙ୍କ ମରଶରୀର ଓ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀଗୁଡ଼ିକୁ ଜବତ କରି ନାରାୟଣପୁର ପୁଲିସ ମୁଖ୍ୟାଳୟକୁ ଅଣାଯାଇଛି।

**ଦୁଇ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି**

ସେହିପରି ଦୁଇ ସହିଦ ଯବାନଙ୍କୁ ନାରାୟଣପୁର ପୁଲିସ ଲାଇନ୍‌ରେ ଛତିଶଗଡ଼ର ଡିଜି ଏବଂ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଗୁଳି ବିନିମୟରେ ନିହତ ନମ୍ବାଲା କେଶବ ରାଓ ଓରଫ୍ ବାସବରାଜୁ ମାଓ ସଙ୍ଗଠନର ମେରୁଦଣ୍ଡ ସଦୃଶ କାର୍ଯ୍ୟ କରୁଥିବା ବେଳେ ତା'ର ମୃତ୍ୟୁ ଯବାନଙ୍କୁ ବଡ଼ ସଫଳତା ଆଣିଦେଇଛି। ୨୦୧୮ ମସିହାରେ ସଂଗଠନର କେନ୍ଦ୍ରୀୟ କମିଟି ମହାସଚିବ ଭାବେ ସେ ଦାୟିତ୍ୱ ନେଇଥିଲା। ଏହା ପୂର୍ବରୁ ୨୦୧୦ ମସିହାରେ ଦନ୍ତେୱାଡ଼ାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆକ୍ରମଣ ଏବଂ ୨୦୧୩ ମସିହାରେ ଜିରମଘାଟି ହମଲାରେ ବାସବରାଜୁର ସିଧାସଳଖ ସମ୍ପୃକ୍ତି ଥିଲା। ତତ୍କାଳୀନ ଛତିଶଗଡ଼ ରାଜ୍ୟ କଂଗ୍ରେସ ସଭାପତି ମହେନ୍ଦ୍ର କର୍ମା ଓ ୨୦୧୮ ମସିହାରେ ଟିଡିପି ବିଧାୟକ କେ. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ମଧ୍ୟ ସେ ସାମିଲ ଥିଲା ବୋଲି ଜଣାପଡ଼ିଛି।

ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡରେ ମଧ୍ୟ କେଶବ ରାଓଙ୍କ ମୁଣ୍ଡ ଉପରେ ଲକ୍ଷଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଘଟଣାସ୍ଥଳରୁ ୩ଟି ୧୨ବୋର ବନ୍ଧୁକ, ୮ଟି ଥ୍ରି ନଟ ଥ୍ରି ବନ୍ଧୁକ, ୪ଟି ଏସଏଲଆର ବନ୍ଧୁକ, ୩ଟି ଏକେ ୪୭ ବନ୍ଧୁକ, ୬ଟି ଇନସାସ୍ ବନ୍ଧୁକ, ୩ଟି ବିଜିଏଲ ଲଞ୍ଚର୍, ଗୋଟିଏ କାର୍ବାଇନ ଓ ୩୦ରୁ ଅଧିକ ଛୋଟବଡ଼ ବିଜିଏଲ ସେଲ୍ ଜବତ ହୋଇଛି। ଅଞ୍ଚଳରେ ଯବାନଙ୍କ ପକ୍ଷରୁ ମାଓ ଦମନ ଅଭିଯାନକୁ ଆହୁରି ବଢ଼ାଇ ଦିଆଯାଇଛି।

**ଜ୍ୟୋତି -ପ୍ରିୟଙ୍କା ସମ୍ପର୍କ**

## ତଦନ୍ତରେ ବିଳମ୍ବ; ବଢୁଛି ସନ୍ଦେହ



ପୁରୀ, ୨୨।୫ (ସମିସ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କର ରହିଛି ଓଡ଼ିଶା ଲିଙ୍କ୍। ସେ ପୁରୀ ଆସି ଦୁଇଦିନ ରହିଥିବା ବେଳେ ବିଭିନ୍ନ ସ୍ଥାନ ବୁଲିଛନ୍ତି। ଆଉ, ତାଙ୍କୁ ପୁରୀ ବୁଲାବୁଲିରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ପୁରୀର ଝିଅ ପ୍ରିୟଙ୍କା ସେନାପତି। ସେ ବି ଜଣେ ବ୍ଲଗର୍। ଜ୍ୟୋତିଙ୍କ ଗିରଫ ପରେ ତାଙ୍କ ସହ ଯେଉଁମାନଙ୍କର ସମ୍ପର୍କ ବେଶ୍ ନିବିଡ଼ ରହିଛି, ତାହାର ଚେର ଖୋଜି ପହଞ୍ଚିଛି ଏନ୍‌ଆଇଏ। ଏହି କ୍ରମରେ ଏବେ ଏନ୍‌ଆଇଏ ଏବଂ ପୁଲିସ୍ ସ୍କାନର୍‌ରେ ଅଛି ପ୍ରିୟଙ୍କା। ପୁରୀ ପୁଲିସ ୬ଦିନ ହେଲାଣି ଜ୍ୟୋତି-ପ୍ରିୟଙ୍କାଙ୍କ ମଧ୍ୟରେ ସମ୍ପର୍କ କେତେ ଗଭୀର ଆଉ ନିବିଡ଼; ତାହାକୁ ନେଇ ଖୋଳତାଡ଼ କରୁଛି। ହେଲେ ତଦନ୍ତରେ ଯେତେ ବିଳମ୍ବ ହେଉଛି, ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ସନ୍ଦେହ ସେତେ ସୁଦୃଢ଼ ହେଉଛି।

ଜ୍ୟୋତି ଗତବର୍ଷ ସେପ୍ଟେମ୍ବର ୨୧ ଓ ୨୨ତାରିଖ ଦୁଇ ଦିନ ପୁରୀରେ ରହିଥିଲେ। ତିନିଦିନ ରହିବା ପାଇଁ ବୁକ୍ କରିଥିଲେ ହେଁ ଦୁଇଦିନ ରହିଥିଲେ। ଏହି ରହଣି ମଧ୍ୟରେ ସେ ତାଙ୍କ ବାନ୍ଧବୀ ପ୍ରିୟଙ୍କାଙ୍କ ସହ ଶ୍ରୀମନ୍ଦିର, ଚିଲିକା ସମେତ ବିଭିନ୍ନ ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଶ୍ରୀମନ୍ଦିର ଡ୍ରୋନ୍ ଭିଡିଓ ଉତ୍ତୋଳନ କରୁଥିବା ଯୁବକଙ୍କ ସହ ପ୍ରିୟଙ୍କା ଓ ଜ୍ୟୋତିଙ୍କର କ'ଣ ସମ୍ପର୍କ ରହିଛି, ଷଷ୍ଠ ଦିନରେ ତା'ର ମଧ୍ୟ ତଦନ୍ତ କରିଛି ପୁଲିସ୍। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଅନେକ ସମୟରେ ମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରୁଥିବା ବେଳେ ମୋବାଇଲ ଫୋନ୍ ଭିତରକୁ ଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଯୋଗେ ଭିଡିଓ ଉତ୍ତୋଳନ ହେଉଛି। ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ମଧ୍ୟ ବିଭିନ୍ନ ସମୟରେ ଭାଇରାଲ ହୋଇଛି। ତେଣୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ରାଜ୍ୟ ସରକାର ଓ ଜିଲ୍ଲା ପୁଲିସ ପ୍ରଶାସନ ଅଧିକ ସତର୍କ ଓ ସଜାଗ ହେବାର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ଭିତରକୁ କଡ଼ାକଡ଼ି ଯାଞ୍ଚ କରି ଭକ୍ତଙ୍କୁ ଛାଡ଼ିବା ସହ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବା ଉଚିତ ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ।

## ଦଳିଦେଲା ଦନ୍ତା

ଯୋଡ଼ା/ବାଲିବନ୍ଧ, ୨୨।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ୍ କୁଟୁଗାଁ ପଞ୍ଚାୟତ ସାନଯୋଡ଼ା ଗ୍ରାମରେ ଗୁରୁବାର ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଟୁରୁ ନାଏକ (୫୦)। ସକାଳୁ ଶୌଚ ପାଇଁ ଘର ନିକଟ ଜଙ୍ଗଲକୁ ଯାଇଥିଲା ବେଳେ ୧୮ ଘରିଆ ଏକ ହାତୀପଲ ସହ ଟୁରୁ ମୁହାଁମୁହିଁ ହୋଇଥିଲେ। ଗୋଠ ଭିତରୁ ଗୋଟିଏ ଦନ୍ତା ବାହାରି ଆସି ଟୁରୁକୁ ଆକ୍ରମଣ କରିଥିଲା। ହାତୀଟି ଟୁରୁଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଟୁରୁଙ୍କ ମୃତ୍ୟୁ ଘଟିଥିଲା। ଚମ୍ପୁଆ ରେଞ୍ଜର୍ ଅକ୍ଷୟ ଛାତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଶବ ବ୍ୟବଚ୍ଛେଦ କରାଇଛନ୍ତି। ଟୁରୁଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବା ସହ ରେଡକ୍ରସ୍ ସହାୟତା ମଧ୍ୟ ପ୍ରଦାନ କରାଯିବ ବୋଲି ଚମ୍ପୁଆ ରେଞ୍ଜର ଶ୍ରୀ ଛତ୍ରିଆ ସୂଚନା ଦେଇଛନ୍ତି।

## ଡିଜିଟାଲ ଆରେଷ୍ଟ ନାମରେ ୭୩ ଲକ୍ଷ ଠକେଇ

**ପଶ୍ଚିମବଙ୍ଗରୁ ସାଇବର୍ ଠକ ଗିରଫ**

କଟକ,୨୨।୫(ସମିସ): ନିଜକୁ ସିବିଆଇ ଏବଂ ଦିଲ୍ଲୀ ପୁଲିସ୍ ଅଧିକାରୀ ପରିଚୟ ଦେବା ସହ ଡିଜିଟାଲ ଆରେଷ୍ଟର ଧମକ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୭୩ ଲକ୍ଷ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ଗିରଫ କରିଛି। ସେ ହେଲା, ରୋହିତ କୁମାର ଜୟସ୍ୱାଲ (୨୫)। କ୍ରାଇମବ୍ରାଞ୍ଚ ତାକୁ ପଶ୍ଚିମବଙ୍ଗର ହାଓଡ଼ାରୁ ଗିରଫ କରିଛି। ତା' ନିକଟରୁ ଗୋଟିଏ ମୋବାଇଲ ଫୋନ ସହ ଅନ୍ୟ ଦସ୍ତାବିଜ୍ ଜବତ କରାଯାଇଛି। ଏଥିସହ ଅଭିଯୁକ୍ତର ଏକାଧିକ ବ୍ୟାଙ୍କ ଜମାଖାତାକୁ ଅଚଳ କରି ଦିଆଯାଇଛି। ରୋହିତକୁ କ୍ରାଇମ୍‌ବ୍ରାଞ୍ଚ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କୁଜଙ୍ଗ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଡିଏସ୍‌ପି ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଧିକ ଅନୁସନ୍ଧାନ ଜାରି ରଖିଛି।



ଗତ ୨୦୨୪ ମେ' ୧୫ରେ ପାରାଦୀପର ଜଣେ ଅଭିଯୋଗକାରୀ ସାଇବର ଥାନାରେ ଏହି ଠକେଇ ସମ୍ପର୍କିତ ରିପୋର୍ଟ କରିଥିଲେ। ତାଙ୍କ ନାମରେ ଏକ ସନ୍ଦେହଜନକ ପାର୍ସଲଟି ଚୀନ୍‌ର ସାଂଘାଇକୁ ପଠାଯାଉଥିବା ବେଳେ ଦିଲ୍ଲୀ କଷ୍ଟମ୍ ବିଭାଗ ଦ୍ୱାରା ଜବତ କରାଯାଇଛି ବୋଲି ଫୋନ୍ ଯୋଗେ କୁହାଯାଇଥିଲା। ଏଥିରେ ବହୁ ପରିମାଣର ଏଟିଏମ୍ କାର୍ଡ, ୧୫ଟି ଭାରତୀୟ ପାସ୍‌ପୋର୍ଟ, ୨ଟି ଲାପଟପ୍ ରହିଥିଲା। ସାଇବର୍ ଠକମାନେ ଅଭିଯୋଗକାରୀଙ୍କୁ ସିବିଆଇ ଓ କଷ୍ଟମ ବିଭାଗର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ଅଭିଯୋଗକାରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା କୁହାଯାଇ ତାଙ୍କଠାରୁ ୭୩ ଲକ୍ଷ ୬୨ ହଜାର ଟଙ୍କା ଠକି ନେଇଥିଲେ ସାଇବର ଠକ। ତେବେ ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କିଛି ନାହିଁ; ଏଣୁ ପୁଲିସ, ସିବିଆଇ, ବିଚାର ବିଭାଗ ଅଧିକାରୀ ପରିଚୟଦେଇ ଏଭଳି ଫୋନ ଆସୁଥିଲା, ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ପରାମର୍ଶ ଦେଇଛି।

## ବିଜେଡିର ଶୃଙ୍ଖଳା କମିଟିରେ ୭ ସଦସ୍ୟ

ଭୁବନେଶ୍ୱର,୨୨।୫(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ୭ ଜଣିଆ ରାଜ୍ୟସ୍ତରୀୟ ଶୃଙ୍ଖଳା କମିଟି ଗଠନ କରିଛନ୍ତି। କମିଟିରେ ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ଡ. ରାଜଶ୍ରୀ ମଲ୍ଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଓ ଡ. ଲୋପାମୁଦ୍ରା ବକ୍ସିପାତ୍ର ସଦସ୍ୟ ରହିଛନ୍ତି।

**ଅଧାରେ ରହିଲା ଜଗା ଦର୍ଶନ**

## ହାଇୱା ଧକ୍କାରେ ୨ ସାଙ୍ଗ ମୃତ

ଢେଙ୍କାନାଳ/ତ୍ରିଶୂଳିଆ, ୨୨।୫(ସମିସ): ଅଧାରେ ରହିଲା ଜଗାଦର୍ଶନ। ଜଗା ପାଖରେ ପହଞ୍ଚିବା ପୂର୍ବରୁ ଅଧା ବାଟରେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ। କଟକ ଜିଲ୍ଲା ବାରଙ୍ଗ ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲ ବନ୍ଧରାସ୍ତାର ସାନମୁଣ୍ଡଳୀ ଗ୍ରାମ ନିକଟରେ ଆଜି ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଢେଙ୍କାନାଳ ସଦର ଥାନା ଶିମିଳିପାଟଣା ଗାନ୍ଧୀ ଛକ ଅଞ୍ଚଳର ରମେଶ ରାଉତଙ୍କ ପୁଅ ସମୀର ରାଉତ ଏବଂ ନୂଆସାହିର ସନ୍ତ ତୁଙ୍ଗ। ବାରଙ୍ଗ ଥାନା ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୀମର ଓ ସନ୍ତ ଆଜି ଜଗନ୍ନାଥ ଦର୍ଶନ ନିମନ୍ତେ ଏକ ବାଇକ୍‌ରେ ପୁରୀ ବାହାରିଥିଲେ। ଭୋର୍‌ରେ ସେମାନେ ଆଠଗଡ଼ ଦେଇ ପୁରୀ ମେନ୍ କେନାଲ ରୋଡ୍‌ରେ ଯାଉଥିବା ବେଳେ ବାରଙ୍ଗ ଥାନା ସାନମୁଣ୍ଡଳୀ ଗ୍ରାମ ନିକଟରେ ଏକ ହାଇୱା ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଦୁହିଁଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତେବେ ସ୍ଥାନୀୟ ଲୋକେ ହାଇୱାକୁ ପିଛା କରି କିଛି ଦୂରରେ ଅଟକାଇଥିଲେ।

**କୋଟିଆ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ**

## ରାଜସ୍ୱ ମନ୍ତ୍ରୀ ଅଧ୍ୟକ୍ଷ, ୧୧ ବିଭାଗର ସଚିବ ସଦସ୍ୟ

ଭୁବନେଶ୍ୱର,୨୨।୫(ସମିସ): ବହୁଚର୍ଚ୍ଚିତ କୋଟିଆ ବିବାଦ ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଗୁରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କମିଟିରେ ମୋଟ ୧୬ ଜଣ ସଦସ୍ୟ ରହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ରହିଛନ୍ତି। ଏହି କମିଟି କୋଟିଆରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଯୋଜନା, ଦିଆଯାଉଥିବା ଅନୁଦାନର ସମୀକ୍ଷା କରିବ। ଏହାସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପକ୍ଷରୁ ସେଠାରେ କାର୍ଯ୍ୟାନ୍ୱୟନ କରାଯାଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ତଦନୁଯାୟୀ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କରିବ ବୋଲି ଜଣାପଡ଼ିଛି।

କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସଟି ଓ ଏସସି ବିଭାଗର ପ୍ରମୁଖ ସଚିବ, ଶ୍ରମ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ପ୍ରମୁଖ ସଚିବ, ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ସ୍ୱାସ୍ଥ୍ୟ ବିଭାଗର ସଚିବ, ଦକ୍ଷିଣାଞ୍ଚଳ ଆରଡିସି, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟର ଜିଲ୍ଲାପାଳ ଏବଂ ଏସପିଙ୍କୁ ସଦସ୍ୟ ଭାବେ ନିଆଯାଇଛି। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଗତ ଏପ୍ରିଲ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜର ସମସ୍ୟା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କୋଟିଆକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏହି ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ସୁଦୃଢ଼ ପ୍ରଶାସନିକ ଢାଞ୍ଚା ପ୍ରସ୍ତୁତ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିଲା। କୋଟିଆ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ ଏକାଧିକ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବେଳେ ଏହାକୁ ଏକୀକୃତ କରି ଏହାକୁ ଏକ ଏକକ ସଂସ୍ଥା ଦ୍ୱାରା କାର୍ଯ୍ୟାନ୍ୱୟନ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

# ଜମି କିଣି ନିଲାମ କରିବେ ସରକାର


## ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି ହଡ଼ପ ପାଇଁ ନୂଆ ଫନ୍ଦି !

ଭୁବନେଶ୍ୱର, ୨୨।୫ (ସମିସ): ଅନୁସୂଚୀତ ଜାତି ଓ ଜନଜାତି ଲୋକଙ୍କଠାରୁ ସରକାର କିଣିବେ ଜମି। ବର୍ଷେ ଦୁଇବର୍ଷ ମଧ୍ୟରେ ଏହାକୁ ପାଖରେ ରଖିବେ ଓ ଏହାପରେ ସର୍ବସାଧାରଣଙ୍କ ପାଇଁ ଏହାକୁ ନିଲାମ କରିବେ। ରାଜ୍ୟ ସରକାର ଖୁବ୍ ଶୀଘ୍ର ଏପରି ଏକ ନୀତି ଆଣିବାକୁ ଯାଉଛନ୍ତି ଓ ଖୋଦ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଏହି ସୂଚନାକୁ ନେଇ ସାରା ରାଜ୍ୟରେ ଆରମ୍ଭ ହୋଇଛି ବିତର୍କ। ଏହି ବର୍ଗର ଲୋକମାନଙ୍କ ଜମି ହଡ଼ପ ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଓ ସରକାରଙ୍କୁ ହାତ କରି ଧନୀକ ଗୋଷ୍ଠୀ ଆଦିବାସୀ ଜମି ଦଖଲ କରିନେବେ ବୋଲି ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ମନ୍ତ୍ରୀ ଦେଇଥିବା ଟିପ୍ପଣୀ ପରୋକ୍ଷରେ ଏହି ଧାରଣାକୁ ଅଧିକ ଦୃଢ଼ୀଭୂତ କରିଛି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଧନୀକ ଶ୍ରେଣୀର ବା ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିମାନେ ଚାପ ପକାଇ ଅନୁସୂଚିତ ଜାତି ଏବଂ ଜନଜାତି ଲୋକଙ୍କ ଠାରୁ ଜମି ହଡ଼ପ କରିପାରିବେନି। ଆଦିବାସୀମାନଙ୍କ ଜମି ସରକାର



କିଣିବେ। ଏଥିପାଇଁ ଖୁବଶୀଘ୍ର ସରକାର ଏକ କର୍ପସ ଫଣ୍ଡ ଗଠନ କରାଯିବାକୁ ଯୋଜନା ହେଉଛି। ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଆଦିବାସୀମାନେ ଜମି ବିକ୍ରି କରିବାକୁ ଚାହିଁଲେ, ସେହି ଜମିକୁ ସରକାର କିଣି ଜମିକୁ ୨-୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖିବେ। ଏହି ସମୟ ମଧ୍ୟରେ ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି ପୁନଃ କ୍ରୟ କରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ନିଲାମ କରାଯିବ। ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। ଏଥିରେ ଏସ୍‌ଟି ଓ ଏସ୍‌ସି ବିଭାଗରର ପ୍ରମୁଖ ସଚିବ, ଏସ୍‌ଟି ଓ ଏସ୍‌ସି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ଟି ଏବଂ ଏସ୍‌ସି ବିଭାଗର ଗୃହ କମିଟି, ବିଧାୟକ ମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲାପରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ଆଦିବାସୀଙ୍କ ଜମି ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସରକାରୀ ନିୟମ ଅନୁଯାୟୀ ଆଦିବାସୀମାନଙ୍କ ଜମି ନେବା ଅନ୍ୟମାନଙ୍କ ପାଇଁ ସହଜ ହେଉ ନ ଥିବାରୁ ସରକାର ସେମାନଙ୍କଠାରୁ ଜମି ନେଇ ଧନୀକ ଶ୍ରେଣୀର ଲୋକମାନଙ୍କୁ ଟେକିଦେବା ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି । ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି ହଡ଼ପକୁ ସରକାର ଏବେ ସରକାରୀକରଣ କରିବାକୁ ଯୋଜନା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।



‘ଭୂତ୍ ବଙ୍ଗଲା’ ସୁଟିଂ ସାରିଲେ ଅକ୍ଷୟ

▶ପୃଷ୍ଠା ୧୧ ଦେଖନ୍ତୁ...

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-324 ◆BHUBANESWAR ◆FRIDAY ◆23 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୩ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ୨୭ରେ ଲଘୁଚାପ


■ **ଭୁବନେଶ୍ୱର, ୨୨।୫ (ସମିସ):** ଆସନ୍ତା ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାଶ୍ୱର୍ବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ୨ ଦିନରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୭-୩୧ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଅନ୍ୟପଟେ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ହେଲେ ଏହା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ରାଜ୍ୟକୁ ଟାଣି ଆଣିବାରେ ସହାୟକ ହେବ। ତେଣୁ ମାସ ଶେଷକୁ ରାଜ୍ୟରେ ଭଲ ବର୍ଷା ହେବା ନେଇ ଏହା ସହାୟକ ହେବ। ଅନ୍ୟପକ୍ଷରେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବା ପାଣିପାଗ ବିଭାଗ କହିଛି। ଏଥିପାଇଁ କେରଳ ସହ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଓଡ଼ିଶାରେ ମଧ୍ୟ ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଗୁରୁବାର ବିଶେଷ କରି ପଶ୍ଚିମ ଓଡ଼ିଶାର ଏକାଧିକ ଜିଲ୍ଲାରେ

**ମୌସୁମୀକୁ ଭିଡ଼ି ଆଣିବ**

ବର୍ଷା ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱର ସମେତ ପ୍ରାୟ ରାଜ୍ୟର ସବୁ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇଛି। ଏହା ମୌସୁମୀ ଆଗମନର ପ୍ରାକ୍ ସୂଚନା ଦେଉଛି। ମୌସୁମୀ କେରଳ ଛୁଇଁବା ପରେ ୮-୧୦ ଦିନ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ଚଳିତ ବର୍ଷ ମୌସୁମୀ ସଅଳ ଆସୁଥିବାରୁ ଓଡ଼ିଶାକୁ ମଧ୍ୟ ଜୁନ୍ ପ୍ରଥମ ସପ୍ତାହ ବେଳକୁ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି।

# ଓଡ଼ିଶାକୁ ଫେରିଲା କରୋନା

## ଭୁବନେଶ୍ୱରରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ



■ **ଭୁବନେଶ୍ୱର, ୨୨।୫ (ସମିସ):** ୩ ବର୍ଷ ବ୍ୟବଧାନ ପରେ ପୁଣି ଓଡ଼ିଶାକୁ ଫେରିଛି କରୋନା। ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣଙ୍କ ପୁରୁଷ ହୋଇଥିବା ବେଳେ ଏବେ ସେ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ନିକଟରେ ସେ ଦିଲ୍ଲୀରୁ ଫେରିଥିବା ସୂଚନା ମିଳିଛି। ଆକ୍ରାନ୍ତ ବ୍ୟକ୍ତି ଜଣଙ୍କ ପୂର୍ବରୁ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେ ଏବେ କ୍ୱାରାଣ୍ଟାଇନରେ ଅଛନ୍ତି। ଓଡ଼ିଶାକୁ କରୋନାର ନୂଆ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଛନକା ପଶିଛି। ମାତ୍ର ଆତଙ୍କିତ ନ ହେବାକୁ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

### ଆତଙ୍କିତ ନ ହେବାକୁ କହିଲେ ସ୍ୱାସ୍ଥ୍ୟ ସଚିବ

ଦକ୍ଷିଣ ଏସିଆର ଚୀନ ଓ ସିଙ୍ଗାପୁରରେ କରୋନା କାୟା ବିସ୍ତାର କରିଥିବା ବେଳେ ଭାରତକୁ ମଧ୍ୟ ସଂକ୍ରମଣ ବ୍ୟାପିଛି। କରୋନାରେ ସଂକ୍ରମିତ ହୋଇ ମୁମ୍ବାଇରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ୨୫୭ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱରରେ ପ୍ରଥମ କରି ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କମିସନର ତଥା ଶାସନ ସଚିବ ଅଶ୍ୱଥି ଏସ୍ ଗଣମାଧ୍ୟମକୁ କହିଛନ୍ତି, ଚିନ୍ତାର କୌଣସି କାରଣ ନାହିଁ। ପରିସ୍ଥିତି ଉପରେ ଆମେ କଡ଼ା ନଜର ରଖିଛୁ। ଏହି ଷ୍ଟ୍ରେନ୍ ହାଲୁକା ଏବଂ କମ୍ ତୀବ୍ରତା ଯୁକ୍ତ।

ସେ ଆହୁରି କହିଛନ୍ତି, କେନ୍ଦ୍ର ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ପରାମର୍ଶ ଜାରି କରାଯାଇ ନାହିଁ। ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପରେ, ଆମେ ସେହି ଅନୁସାରେ କାର୍ଯ୍ୟକାରୀ କରିବୁ। ପଜିଟିଭ୍ ପରୀକ୍ଷା କରାଯାଇଥିବା ରୋଗୀ ସୁସ୍ଥ ହେଉଛନ୍ତି। ନୂତନ ପ୍ରକାର ସ୍ୱାସ୍ଥ୍ୟ ବିପଦ ବୃଦ୍ଧି କରୁଥିବା ପରି ମନେ ହେଉନାହିଁ। ବର୍ତ୍ତମାନର ପରିସ୍ଥିତିରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଏହା ଏକ ପୃଥକ ମାମଲା। କୌଣସି କ୍ଲଷ୍ଟର୍ ପ୍ରାଦୁର୍ଭାବ କିମ୍ବା ବୃଦ୍ଧି ପାଉଥିବା ସଂକ୍ରମଣର ସୂଚନା ନାହିଁ। ଷ୍ଟ୍ରେନ୍‌ର ଗମ୍ଭୀରତା କମ୍ ରହିଛି ଏବଂ ପରିସ୍ଥିତି ବିଗିଡ଼ି ନାହିଁ ବୋଲି ସେ କହିଛନ୍ତି। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଯଦି ▶ପୃଷ୍ଠା-୭

# ଡଙ୍ଗା ବୁଡ଼ି ୨ ଶିଶୁ ସମେତ ମା’ ମୃତ

**ହାତୀ ଭୟରେ ଜଳଭଣ୍ଡାର ପାର୍ ହେଉଥିଲେ**



■ **ଦେବଗଡ଼, ୨୨।୫ (ସମିସ):** ନଦୀ ମଝିରେ ଡଙ୍ଗା ବୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ଜୀବନ ଯାଇଛି। ଦେବଗଡ଼ ଜିଲ୍ଲା ରେଙ୍ଗାଲି ଜଳଭଣ୍ଡାରରେ ବୁଧବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ନୂଆଡ଼ିହ ପଞ୍ଚାୟତ ଅନ୍ତର୍ଗତ ପୁଡ଼ାଡ଼ିହ ଗ୍ରାମର ବୁଲୁ ପେଣ୍ଟେଇଙ୍କ ପତ୍ନୀ ଜ୍ୟୋତ୍ସ୍ନା ପେଣ୍ଟେଇ (୨୬) ଏବଂ ତାଙ୍କର ଦୁଇପୁଅ ଆୟୁଷ(୫) ଓ ରିୟାଂଶ(୩)।

ରେଙ୍ଗାଲି ଜଳଭଣ୍ଡାରର ତଲେଇସର ଘାଟ ନିକଟରେ ଏକ ମଞ୍ଚା ବାନ୍ଧି ବୁଲୁ ନିଜ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ହଠାତ୍ ଏକ ହାତୀ ସେଠାରେ ପହଞ୍ଚିଯିବାରୁ ଭୟରେ ବୁଲୁ ସମସ୍ତଙ୍କୁ ଡଙ୍ଗାରେ ବସାଇ ନଦୀ ଆରପଟକୁ ଯାଉଥିଲେ। ଏହି ସମୟରେ କୌଣସି କାରଣରୁ ଡଙ୍ଗାଟି ଜଳଭଣ୍ଡାରରେ ବୁଡ଼ି ଯାଇଥିଲା। ଫଳରେ ସମସ୍ତେ ବୁଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର ପାଇଁ ବୁଲୁ ପ୍ରୟାସ କରିଥିଲେ ମଧ୍ୟ ତିନିଜଣଙ୍କୁ ଏକା ସାଙ୍ଗରେ ଧରି ▶ପୃଷ୍ଠା-୭

# କୃଷି ପୋଖରୀ ଖନନ ନାଁରେ ୨୦ ଲକ୍ଷର ଦୁର୍ନୀତି: ୪ ଗିରଫ

■ **ରାୟଗଡ଼ା, ୨୨।୫ (ସମିସ):** ମନରେଗା ଯୋଜନା ଅଧୀନରେ ୨୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ରାୟଗଡ଼ା ଜିଲ୍ଲା ଜଳ ବିଭାଜିକା ବିଭାଗର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ତିନି ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡ଼ା ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟାଙ୍କ କାର୍ଯ୍ୟାଳୟର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ, ସହ-ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ଲେଭଲ-୧ ଅଧିକାରୀ ରାଜେନ୍ଦ୍ରନାଥ ନାଏକ, ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ଖୋସଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ କର୍ମୀ ଶ୍ରୀକୁମାର ନାୟକ। ଉକ୍ତ ୪ଜଣ ଅଧିକାରୀ ରାୟଗଡ଼ା ଜିଲ୍ଲାର ▶ପୃଷ୍ଠା-୭

# କର୍କଟ ରୋଗୀଙ୍କ ଆୟୁ କମାଉଛି ‘ଆୟୁଷ୍ମାନ’

## ମୁମ୍ବାଇରେ କର୍କଟ ରୋଗୀଙ୍କୁ ମିଳୁନି ସୁବିଧା

## ଭିଡିଓ ବାର୍ତ୍ତା କରି ରୋଗୀ ଓ ସମ୍ପର୍କୀୟଙ୍କ କ୍ଷୋଭ

■ **ବଲାଙ୍ଗିର, ୨୨।୫ (ସମିସ):** ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରି ଆୟୁଷ୍ମାନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତୁଳନାରେ ଅଧିକ ସୁବିଧା ମିଳିବ ବୋଲି ଘୋଷଣା କରିଛନ୍ତି। ମାତ୍ର ବାସ୍ତବିକତା ହେଉଛି ଭିନ୍ନ, ଆୟୁଷ୍ମାନରେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ଓଡ଼ିଆ ରୋଗୀ କିପରି ହଇରାଣ ହରକତ ହୋଇଛନ୍ତି ତାହା ଶୁଣିବା ପରେ ଆୟୁଷ୍ମାନକୁ ଲୋକମାନେ ଅଭିଶାପ କହିବା ଆରମ୍ଭ କରିଛନ୍ତି । ଆୟୁଷ୍ମାନ ଯୋଜନା ଦ୍ୱାରା ପ୍ରଭାବିତ ହୋଇଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମୁମ୍ବାଇରୁ ଭିଡିଓ ଜରିଆରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ବିଏସ୍‌କେୱାଇ ଯୋଜନାରେ ପୂର୍ବରୁ ସେମାନେ ଅଧିକ ସୁବିଧା ପାଉଥିବାବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନାରେ ତାହା ମିଳୁ ନ ଥିବା ଅଭିଯୋଗ କରିଛନ୍ତି।




କଟକ ଜିଲ୍ଲାର କର୍କଟ ରୋଗୀ ସୁକାନ୍ତ କୁମାର ସାହୁ। ରୋଗରେ ଆକ୍ରାନ୍ତ ହେବା ପରେ ବିଏସ୍‌କେୱାଇ ଯୋଜନା ଜରିଆରେ ମୁମ୍ବାଇରେ ଚିକିତ୍ସିତ ହୋଇଥିଲେ। ଏହି କାର୍ଡକୁ ବ୍ୟବହାର କରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ଅପରେସନ ପର୍ଯ୍ୟନ୍ତ ସବୁତକ ଖର୍ଚ୍ଚ ତତ୍‌କାଳୀନ ରାଜ୍ୟ ସରକାର ବହନ କରିଥିଲେ। ଅପରେସନ ପରେ ନିୟମିତ ଚିକିତ୍ସା ମଧ୍ୟ କାର୍ଡ ଦ୍ୱାରା କରୁଥିଲେ। କିନ୍ତୁ ଏହା ଆୟୁଷ୍ମାନ କାର୍ଡ ହେବା ପରେ ମୁମ୍ବାଇରେ ଆଉ ପୂର୍ବ ଭଳି ସେବା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଦୀପକ କୁମାର ସେନାପତି ନିଜର କର୍କଟ ପୀଡ଼ିତ ସ୍ତ୍ରୀଙ୍କୁ ମୁମ୍ବାଇରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ତାଙ୍କ କହିବା ଅନୁସାରେ ବିଏସ୍‌କେୱାଇ ଯୋଜନାରେ ମୁମ୍ବାଇକୁ ଆସି ସବୁପ୍ରକାର ପରୀକ୍ଷାଠାରୁ ଆରମ୍ଭ କରି ଅପରେସନ, ଔଷଧ ସବୁ ମାଗଣାରେ ମିଳୁଥିଲା କିନ୍ତୁ ଆଉ ▶ପୃଷ୍ଠା-୭

# କଂଗ୍ରେସ ଧାରଣାରେ ‘ଫାଟ’ ଜଳଜଳ

## ଭକ୍ତଙ୍କ ହାତ ଛାଡ଼ିଦେଲେ ଦଳର ହେଭିୱେଟ୍

■ **ଭୁବନେଶ୍ୱର, ୨୨।୫ (ସମିସ):** ପଛୁଆ ବର୍ଗଙ୍କୁ ଉପଯୁକ୍ତ ସଂରକ୍ଷଣ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ୨୪ ଘଣ୍ଟିଆ ଅହୋରାତ୍ର ଧାରଣା ଦେଇଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗୁରୁବାର ରାତି ତମାମ କଂଗ୍ରେସର ଅନେକ କର୍ମୀ ଓ ନେତା ଏଠାରେ ଧାରଣାରେ ବସିଛନ୍ତି। ତେବେ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ଦାବିରେ କଂଗ୍ରେସର ଏହି ଧାରଣା ଦଳର ଅନ୍ତଃକନ୍ଦଳକୁ ପଦାରେ ପକାଇଛି । କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେବାର ମାତ୍ର ୪ ମାସ ନ ପୂରୁଣୁ ଦଳୀୟ ନେତା ଭକ୍ତଙ୍କ ହାତ ଛାଡ଼ି ଦେବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ଠିଆ କରିଛି।

- **୪ ମାସ ନ ପୂରୁଣୁ ପିସିସି ନେତୃତ୍ୱ ପ୍ରତି ପରୋକ୍ଷ ଆହ୍ୱାନ**
- **ତୁରନ୍ତ ଡକାଗଲା ରାଜନୈତିକ ବ୍ୟାପାର କମିଟି ବୈଠକ**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଗାତାର ଭାବରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ବିଜେପି ସରକାରଙ୍କୁ ଘେରୁଛନ୍ତି। ସାରା ଦେଶରେ କଂଗ୍ରେସ ନେତୃତ୍ୱ ଏହାକୁ ପ୍ରସଙ୍ଗ କରିଛି। ମାତ୍ର ରାଜ୍ୟରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ଏକାଧିକ ବରିଷ୍ଠ ନେତା ଅନୁପସ୍ଥିତ ରହିବା ପରେ ଏକ ଭିନ୍ନ ଚର୍ଚ୍ଚା ଆରମ୍ଭ ହେଉଛି। ସୂଚନା ଅନୁଯାୟୀ ନିକଟରେ ପିସିସି ସଭାପତି ଗଠନ କରିଥିବା କମିଟିକୁ ନେଇ ଦଳରେ ବିଦ୍ରୋହ ସୃଷ୍ଟି ହୋଇଛି। ପିସିସି ସଭାପତି ନିଜର କମିଟିରେ କଂଗ୍ରେସର ହେଭିୱେଟ୍ ବା ସେମାନଙ୍କର ସମର୍ଥକଙ୍କୁ ସ୍ଥାନ ନ ଦେବା ଯୋଗୁଁ ଅସନ୍ତୋଷ ବଢ଼ି ଚାଲିଛି। ଖାସ ଏହି କାରଣ ପାଇଁ ୪ ଜଣ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କ ଭଳି ଟାଣୁଆ ନେତା ଏହି ସଂରକ୍ଷଣ ସମାବେଶରେ ଅନୁପସ୍ଥିତ ରହିଥିବା ଚର୍ଚ୍ଚା ହେଉଛି। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ▶ପୃଷ୍ଠା-୭




# ଭତ୍ତା ପାଇଁ ଘୁଷୁଡ଼ି ଘୁଷୁଡ଼ି ଗଲେ ୮୦ ବର୍ଷୀୟ ବୃଦ୍ଧ



■ **କେନ୍ଦ୍ରାପଡ଼ା, ୨୨।୫ (ସମିସ):** ଭତ୍ତା ଟଙ୍କା ପାଇଁ ୮୦ ବର୍ଷୀୟ ଜଣେ ବୃଦ୍ଧ ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ପଞ୍ଚାୟତ ଅଫିସ୍‌କୁ ଯିବା ଭଳି ଏକ ଅପ୍ରୀତିକର ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବୃଦ୍ଧଜଣଙ୍କ ହେଲେ, କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କୋର ପଞ୍ଚାୟତ, କୋର ଗ୍ରାମର ଶ୍ରୀଧର ସାହୁ।

ସୂଚନାନୁଯାୟୀ, ବାର୍ଦ୍ଧକ୍ୟଜନିତ ରୋଗ ମାଡ଼ି ବସିବା ଦିନଠାରୁ ଶ୍ରୀଧର ଆଉ ଭତ୍ତା ପାଇଁ ପଞ୍ଚାୟତ ଅଫିସ୍ ଯାଇ ପାରୁନଥିଲେ। ସେବେଠାରୁ ତାଙ୍କ ଝିଅ ପଞ୍ଚାୟତ ଅଫିସ୍‌ରୁ ଭତ୍ତା ଟଙ୍କା ଉଠାଇ ଆସୁଥିଲେ। କିନ୍ତୁ ଚଳିତଥର ପଞ୍ଚାୟତ ଅଧିକାରୀ ତାଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ରୋକଠୋକ୍ ମନା କରିଦେଇଥିଲେ। ଖୋଦ୍ ଶ୍ରୀଧର ନ ଆସିଲେ ଭତ୍ତା ଦିଆଯିବ ନାହିଁ ବୋଲି କହିଥିଲେ। ତେଣୁ ଭତ୍ତା ଟଙ୍କାରେ କଷ୍ଟେମଷ୍ଟେ ମାସକ ଗୁଜୁରାଣ ମେଣ୍ଟାଉଥିବା ଶ୍ରୀଧର ଅନ୍ୟ କୌଣସି ଉପାୟ ନ ପାଇ ଆଜି ନିଜେ ରାସ୍ତାକୁ ବାହାରିଥିଲେ। ଚଲାବୁଲା କରିପାରୁନଥିବାରୁ ସେ ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ପଞ୍ଚାୟତ ଅଫିସ୍ ଅଭିମୁଖେ ଯାଉଥିଲେ। ଏହା ଦେଖି କିଛି ପଥଚାରୀ ତାଙ୍କୁ ପଚରାଉଚରା କରିବାରୁ ପ୍ରକୃତ ଘଟଣା ପଦାକୁ ଆସିଥିଲା। କିଛି ସହୃଦୟ ବ୍ୟକ୍ତି ଏ ସଂପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଖବର ପାଇ ଅଧିକାରୀଜଣଙ୍କ ସେଠାକୁ ଆସି ଶ୍ରୀଧରଙ୍କୁ ଭତ୍ତା ଦେଇଥିଲେ। ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।



## ଅଧାରୁ ବନ୍ଦ ହେଲା ସାରଥୀ ସତ୍‌ସଙ୍ଗ

କେନ୍ଦ୍ରାପଡ଼ା,୨୨।୫(ସମିସ): ପଟ୍ଟାମୁଣ୍ଡାଇ ପରେ କେନ୍ଦ୍ରାପଡ଼ା ଇଟିପୁରରେ ସାରଥୀ ସତସଙ୍ଗ ବନ୍ଦ ହୋଇଛି। ନିକିରାଇ ପୁଲିସର ତତ୍ପରତା ପରେ ସତସଙ୍ଗ କାର୍ଯ୍ୟକ୍ରମ ବନ୍ଦ ହୋଇଛି। ଗତ ଏପ୍ରିଲ ୯ ତାରିଖ ଦିନ ପଟ୍ଟାମୁଣ୍ଡାଇ ପୌର ପରିଷଦର ୩ନଂ ୱାର୍ଡରେ ସାରଥି ଓରଫ ସନ୍ତୋଷ ରାଉଳର ସତସଙ୍ଗ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ପୁଲିସ ପହଞ୍ଚି କାର୍ଯ୍ୟକ୍ରମକୁ ବନ୍ଦ କରିଥିଲା। ସେହିପରି ନିକିରାଇ ଥାନା ଅନ୍ତର୍ଗତ ଘିଗିଡିଆରେ କୈଳାସ ରାଉତଙ୍କ ପୁଅ ଓ ଝିଅର ଷୋହଳ ପୂଜା ରହିଥିବା କାରଣରୁ ଏକ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାରରୁ ହଜାର ସାରଥୀ ଅନୁଗାମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ଏକ ବିରାଟ ପଟୁଆରରେ ସାରଥୀ ପାଦୁକା ଓ ଫଟୋଚିତ୍ରକୁ ସତସଙ୍ଗ ସ୍ଥାନକୁ ଅଣାଯାଇଥିଲା। ରାଜ୍ୟରେ ସାରଥୀ ସତସଙ୍ଗ ବିବାଦୀୟ ପ୍ରସଙ୍ଗ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମ ପାଇଁ ୨୦୦ ଜଣଙ୍କ ମଧ୍ୟରେ ଅନୁମତି ରହିଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୫୯୭୪/୧୫।୫।୨୫ରେ ଷୋଳ ପୂଜା ଓ ନାମ ସଂକୀର୍ତ୍ତନ ପାଇଁ ଅନୁମତି ମିଳିଥିବାବେଳେ ସାରଥୀ ସତସଙ୍ଗ କାର୍ଯ୍ୟକ୍ରମ ପାଇଁ କୌଣସି ଅନୁମତି ନ ଥିଲା। ନିକିରାଇ ପୁଲିସ ସତସଙ୍ଗ ସ୍ଥଳରେ ପହଞ୍ଚି ହଠାତ ସତସଙ୍ଗ ସ୍ଥାନରୁ ସାରଥୀଙ୍କ ଫଟୋ ଉଠାଇବାକୁ ନିର୍ଦ୍ଦେଶ ଦେଇଥିବାବେଳେ ସାଉଣ୍ଡ ଅପରେଟରକୁ କାର୍ଯ୍ୟକ୍ରମ ସ୍ଥାନରୁ ଥାନାକୁ ନେଇଥିଲା।

■ ଝିପିଝିପି ବର୍ଷାରେ ବ୍ରିଜ୍ ତଳେ ଆଣ୍ଠୁଏ ପାଣି

## ପଞ୍ଚୁପାଣ୍ଡବ ଛକରେ ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୨।୫(ସମିସ):



ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକରେ ଚାଲିଥିବା ରାସ୍ତାକାମ ପାଇଁ ଯାତାୟାତରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହି ଛକରେ ବ୍ରିଜ ନିର୍ମାଣ କାମ ସରିଥିଲେ ସୁଦ୍ଧା ବର୍ଷାପାଣି ନିଷ୍କାସନ ହୋଇ ନ ପାରି ବ୍ରିଜ ତଳେ ଜମି ରହୁଛି। ଆଜି ଅଦିନିଆ ବର୍ଷା ହେବାରୁ ବ୍ରିଜ ତଳେ ପାଣି ଜମି ରହିଥିଲା। ଫଳରେ ଲୋକେ ଯାତାୟାତ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ପୋଲ ତଳେ ଯେଉଁ ପାଣି ଜମି ରହୁଛି ପଦାକୁ ପାଣି ବାହାରିପାରୁନାହିଁ। ରାସ୍ତା କାମ ଚାଲୁ ରହିଥିବାବେଳେ ଗୋଟେ ପଟରୁ ଆରପଟକୁ କୌଣସି ରାସ୍ତା ନ ଥିବାରୁ ଏକମାତ୍ର ଏହି ପୋଲ ତଳେ ଲୋକେ ଯାତାୟାତ କରୁଛନ୍ତି। ଠିକାଦାରଙ୍କ ମନମୁଖୀ କାମରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ରାସ୍ତା କଡ଼ର କେତେକ ସ୍ଥାନରେ ମାଟି ଓ ଡଷ୍ଟ ଷ୍ଟକ୍ ରଖାଯାଇଥିବାରୁ ପବନ ହେଲେ ଲୋକେ ଯିବା ଆସିବା କରିବା ପାଇଁ ଭୟ କରୁଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ପୋଲ ଢଳାଇ ପଡ଼ିଥିଲେ ମଧ୍ୟ ପୋଲ ଉପରେ ରଡ୍ ଦେଖାଯାଉଛି। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚୁପାଣ୍ଡବ ଛକରେ ଶହ ଶହ ଲୋକେ ଯିବା ଆସିବା କରୁଥିବାବେଳେ ଖରା ଓ ବର୍ଷା ହେଲେ ଲୋକଙ୍କ ଠିଆ ହେବାକୁ ଜାଗାଟିଏ ବି ବ୍ୟବସ୍ଥା ନାହିଁ। ଲୋକେ ଏହି ପୋଲ ତଳେ ମୁଣ୍ଡ ଗୁଞ୍ଜି ରହୁଥିବାବେଳେ ଏହି ପୋଲ ତଳେ ପାଣି ଜମି ରହିଥିବାରୁ ବାଟୋଇ ହନ୍ତସନ୍ତ ହେଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ସହ ବର୍ଷାଦିନେ ପୋଲତଳେ ପାଣି ନ ରହିବା ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଜକନିକା ମେଡିକାଲରେ ନିମ୍ନମାନର କାମ

● ରାଜକନିକା ମେଡିକାଲରେ ନିମ୍ନମାନର କାମ

## ନଷ୍ଟ ହୋଇଗଲାଣି ଟାଇଲ

ରାଜକନିକା,୨୨।୫(ସମିସ): ଠିକାଦାରଙ୍କ ନିମ୍ନମାନର କାମ ଯୋଗୁଁ ରାଜକନିକା ମେଡିକାଲ ପରିସରରେ ବିଛାଯାଇଥିବା ଟାଇଲ ଏବେ ଭାଙ୍ଗିବାରେ ଲାଗିଛି। ଡାକ୍ତରଖାନାକୁ ଦୈନିକ ବହୁ ସଂଖ୍ୟକ ରୋଗୀ ଆସୁଥିବାବେଳେ ବିଭିନ୍ନ ସ୍ଥାନରେ ଟାଇଲ ଭାଙ୍ଗି ଖାଲ ହୋଇଯାଇଥିବାରୁ ଲୋକେ ଝୁଣ୍ଟି ଆହତ ହେଉଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଜଣାଇଛୁ ବୋଲି କହିଛନ୍ତି। ତେବେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କାମ ନିମ୍ନମାନର ହେବା ସମ୍ପର୍କରେ ଜିଲ୍ଲା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

■ ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

## ଗାଁରେ ବୁଲାଇଲେ, ନଣ୍ଡା ହେଲେ ସ୍ଥାନୀୟ ଲୋକେ

ରାଜନଗର,୨୨।୫ (ସମିସ): ଷ୍ଟ୍ରିଟଲାଇଟ୍ ବିଦ୍ୟୁତ୍ ଆଘାତରେ ଷଣ୍ଢର ମୃତ୍ୟୁ ଘଟିଥିବାବେଳେ ବ୍ୟବସାୟୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲୋକେ ଷଣ୍ଢକୁ ଗାଁ ପରିକ୍ରମା କରିବା ସହିତ ସତ୍କାର କରିଛନ୍ତି। ନିଜର ପ୍ରିୟ ଷଣ୍ଢ ପାଇଁ ଲୋକେ ନଣ୍ଡା ହୋଇଛନ୍ତି। ଡାଙ୍ଗମାଳ ଗ୍ରାମର ମଙ୍ଗଳା ଛକରେ ନିରାକାର ବେହେରାଙ୍କ ଦୋକାନ ନିକଟରେ ଥିବା ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟଟି କୌଣସି କାରଣରୁ ଚାର୍ଜ ହୋଇଯାଇଥିଲା। ବ୍ୟବସାୟୀ ଜଣକ ପ୍ରତିଦିନ ତାଙ୍କ ସାଇକଲକୁ ଷ୍ଟ୍ରିଟଲାଇଟ ଖୁଣ୍ଟାରେ ଡେରିକି ରଖୁଥା'ନ୍ତି। ନିରାକାର ଆଜି ଦୋକାନ ଖୋଲିବା ପୂର୍ବରୁ ଷଣ୍ଢ ଷ୍ଟ୍ରିଟଲାଇଟ ଖୁଣ୍ଟରେ ଘଷି ହୋଇଯାଇଥିଲା। ଷ୍ଟ୍ରିଟଲାଇଟର ଲୁହା ଖୁଣ୍ଟ ସଂସ୍ପର୍ଶରେ ଆସିବା କ୍ଷଣି ଷଣ୍ଢ ଚିତ୍କାର କରି ଟଳିପଡ଼ିଥିଲା। ପରେ ବ୍ୟବସାୟୀ ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟ ପାଖକୁ ଯାଇ ନ ଥିଲେ। ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟରୁ ବିଦ୍ୟୁତ ସଂଯୋଗ କଟାଯିବା ପରେ ଷଣ୍ଢକୁ ସତ୍କାର ପାଇଁ ନିଆଯାଇଥିଲା। ଷଣ୍ଢକୁ ଶୋଭାଯାତ୍ରାରେ ଡାଙ୍ଗମାଳ ଗାଁ ପରିକ୍ରମା କରାଯିବା ପରେ ମଙ୍ଗଳା ଛକ ନିକଟରେ ଷଣ୍ଢକୁ ସତ୍କାର କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ବସନ୍ତ ବେହେରା, ମଦନ ବେହେରା, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ନଣ୍ଡା ହୋଇଥିବାବେଳେ ରଘୁନାଥ ବେହେରା, ନିମାଇ ବେହେରା, କାଳନ୍ଦୀ ବେହେରା, ନିରାକାର ବେହେରା, ରବୀନ୍ଦ୍ର ବେହେରା, ରାଜକିଶୋର ବେହେରା, ହରେକୃଷ୍ଣ ଦାସ, ବାବୁଲି ବୈଦ୍ୟ, ରାଧାଶ୍ୟାମ ବାରିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଷ୍ଟ୍ରିଟ୍‌ଲାଇଟ ମେଣ୍ଟେନାନ୍ସ ଦାୟିତ୍ୱରେ ସରପଞ୍ଚଙ୍କୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଠିକ ସମୟରେ ମରମତି କରା ନ ଯିବାରୁ ଆଜି ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଗୋଗୁଆ ଛକରେ ପ୍ରତିଷ୍ଠା ହେବ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି

କେନ୍ଦ୍ରାପଡ଼ା,୨୨।୫(ସମିସ): ଆସନ୍ତା ୨୫ ତାରିଖରେ ଭଜନ ସମ୍ରାଟଙ୍କ ୯୭ତମ ଜୟନ୍ତୀରେ ପ୍ରତିମୂର୍ତ୍ତି ତାଙ୍କ ନିଜ ପଞ୍ଚାୟତ ଗାଙ୍ଗପଡ଼ାର ଗୋଗୁଆ ଛକଠାରେ ପ୍ରତିଷ୍ଠା କରାଯିବାକୁ କେନ୍ଦ୍ରାପଡ଼ା ଭଜନ ସମ୍ରାଟ ସ୍ମୃତି ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗୋଗୁଆ ଜଳସେଚନ ବିଭାଗ ଡାକବଙ୍ଗଳାର ପ୍ରବେଶ ପଥର ବାମ ପାର୍ଶ୍ୱରେ ଗଣକବି ଗୋପାଳ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିଷ୍ଠା କରାଯିବ। ଜଗନ୍ନାଥଙ୍କ ପରମଭକ୍ତ ଭିକାରୀ ବଳଙ୍କ ଜନ୍ମସ୍ଥାନ ଗାଙ୍ଗପଡ଼ା ପଞ୍ଚାୟତର ସୋବଲା ଗ୍ରାମରେ। ବିଧାୟକ ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଗୋଗୁଆ ଜଳସେଚନ ବିଭାଗ ଡାକବଙ୍ଗଳାଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ସେଥିରେ ଭଜନ ସମ୍ରାଟଙ୍କ ଜୟନ୍ତୀ ତିଥି ୨୫ ତାରିଖରେ ଗୋଗୁଆ ଛକରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ଅନାବରଣ ହେବା ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଭିକାରୀ ବଳଙ୍କ ପରିବାରକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉତ୍ସବରେ ଭିକାରୀ ବଳଙ୍କ ଭଜନ ପରିବେଷଣ କରାଯିବ। ଭଜନପ୍ରେମୀ ୨୫ ତାରିଖ ଅପରାହ୍ନ ୫ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ସ୍ମୃତି ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ ପାତ୍ର, ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ ରାଉତ, ପଞ୍ଚାୟତ ସଭାପତି ଚନ୍ଦ୍ରକାନ୍ତ ରାଉତ, ସଙ୍ଗୀତକାର ବିମଳ ପ୍ରସାଦ ପରିଡା ପ୍ରମୁଖ ଯୋଗ ଦେଇଥିବାବେଳେ ଅଙ୍କୁର ଦାସ, ଅଭିରାମ ସେଠୀ, ଏକ୍ରାମ୍ ଖାଁ, ଜଲ୍ଲାଲ ଖାଁ, ସଜିମ୍ ଖାଁ, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରହ୍ଲାଦ ତ୍ରିପାଠୀ, ମୃତ୍ୟୁଞ୍ଜୟ ରାଉତ, ବିଶ୍ୱମ୍ବର ଦାସ, ଅବିନାଶ ସାହୁ, କୈଳାସ ପରିଡା, ବସନ୍ତ ମଲ୍ଲିକ, ଅନ୍ତର୍ଯ୍ୟାମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ତାରିଣୀ +୨ ବିଜ୍ଞାନ ବିଦ୍ୟାଳୟର ସଫଳତା

ମାର୍ଶାଘାଇ,୨୨।୫(ସମିସ): ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷାରେ ମାର୍ଶାଘାଇ ବ୍ଲକ ହଳଦିଆଗଡ଼ା-ଗରଜଙ୍ଗା ତାରିଣୀ +୨ ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ବିଜ୍ଞାନ ଛାତ୍ର ଦିବ୍ୟଜ୍ୟୋତି ମହାପାତ୍ର ୫୫୨ ନମ୍ବର ରଖି ତାରିଣୀ ଶିକ୍ଷା ପ୍ରତିଷ୍ଠାନ ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ୧୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ ଜଣ ଓ ତୃତୀୟ ଶ୍ରେଣୀରେ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୧ ଜଣ ୫୦୦ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ତାରିଣୀ ଗ୍ରୁପ୍ ଅଫ ଏଜ୍ୟୁକେସନ ଚେୟାରମ୍ୟାନ ଶ୍ରୀବତ୍ସ ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଦାନପୁର-ହାଟବାଣପୁର ରାସ୍ତା ପାଲଟିଛି ମରଣଯନ୍ତା

ଡେରାବିଶ,୨୨।୫(ସମିସ): ଡେରାବିଶ ବ୍ଲକ୍ ଅଧୀନ କେନ୍ଦ୍ରାପଡ଼ା କେନାଲ୍‌ର ଦାନପୁର ପଞ୍ଚାୟତସ୍ଥ ଦାନପୁର ଲକ୍‌ଠାରୁ ବସପୁର ପଞ୍ଚାୟତ ଅନ୍ତର୍ଗତ ହାଟବାଣପୁର ଯାଏ ରାସ୍ତା ମରଣଯନ୍ତା ପାଲଟିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତାଟି ଗତବର୍ଷ ନିର୍ମାଣ କରାଯାଇଥିଲା। ତେବେ ଲୁଣାନଦୀର ବିଭିନ୍ନ ବାଲିଘାଟରୁ ହାଇୱା ଭଳି ଭାରୀଯାନ ଅହରହ ବାଲି ଚାଲାଣ କରୁଥିବାରୁ ଏହି ରାସ୍ତାଟି ଧିରେ ଧିରେ ମରଣଯନ୍ତା ପାଲଟିଲାଣି। ବାଲି ବୋଝେଇ ଗାଡ଼ିରୁ ବାଲି ଝଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ବାଲିର ମୋଟା ଆସ୍ତରଣ ସୃଷ୍ଟି ହେବା ସହ ବହୁ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଯଦ୍ୱାରା ଦୈନିକ ବାଇକ୍ ଆରୋହୀ ଓ ସାଇକଲ ଆରୋହୀ ବାଲି ଓ ଖାଲ ଯୋଗୁଁ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଅହରହ ଭାରୀଯାନ ଯାତାୟାତ କରୁଥିବାରୁ ସେହି ବାଟଦେଇ ଅନ୍ୟକୌଣସି ଛୋଟ ଯାନ ଯିବା କଷ୍ଟସାଧ୍ୟ ହୋଇପଡୁଛି। ଏହି ବାଟଦେଇ ଯାଉଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ୨ ବର୍ଷ ପୂର୍ବେ କେନାଲ ବନ୍ଧର ହାଟବାଣପୁର ନିକଟରେ ଜଣେ ହାଇସ୍କୁଲ ଛାତ୍ରୀଙ୍କ ହାଇୱା ଧକ୍କାରେ ମୃତ୍ୟୁ ଘଟିଥିଲା। ଏହି ରାସ୍ତାକୁ ଭାରୀଯାନ ଚଳାଚଳ ଉପଯୋଗ ନିମନ୍ତେ ମଜବୁତ୍ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



■ ସରକାରୀ ଅର୍ଥ ଅପବ୍ୟୟ ଅଭିଯୋଗ

## ଉଦ୍‌ଘାଟନର ଦିନ କେଇଟାରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ରାଜକନିକା,୨୨।୫(ସମିସ): ରାଜକନିକା ବ୍ଲକ୍‌ରେ ଯେତେ ଷ୍ଟ୍ରିଟ୍‌ଲାଇଟ ଲାଗିଛି, ସେଥିରୁ ଏକଦଶମାଂଶ ଲାଇଟ ଏବେ ଅଚଳ ହୋଇପଡ଼ିଛି। କେବେ ରାଜ୍ୟସଭା ସାଂସଦଙ୍କ ଅନୁଦାନ ତ ଆଉ କେବେ ବିଧାୟକ ଓ ସାଂସଦଙ୍କ ହାତପାଣ୍ଠିରେ ସ୍ଥାପନ ହୋଇଥିବା ଏହି ବ୍ୟୟବହୁଳ ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପନ ହେବାର କିଛି ଦିନ ଜଳିବା ପରେ ଏବେ ଅଚଳ ହୋଇପଡ଼ିଛି।
ପ୍ରଥମେ ରାଜକନିକା ସଦରର ଚନ୍ଦନପୋଖରୀ ଛକଠାରୁ କଣ୍ଟପଡ଼ା ବଜାର ପର୍ଯ୍ୟନ୍ତ ଲଗାଯାଇଥିବା ଷ୍ଟ୍ରିଟ୍‌ଲାଇଟ ଅଳ୍ପ କେଇ ମାସ ଜଳିବା ପରେ ବର୍ଷେରୁ ଅଧିକ ଦିନ ଧରି ଅଚଳ ହୋଇପଡ଼ିଛି। ସେହିପରି ଅଶୋକ ବଜାରଠାରୁ ଗଞ୍ଜା ଯାଏ, କଣ୍ଡିଆଠାରୁ ଫାଣ୍ଡି ଛକ, ଆୟତନ, କାଟଣା ଆଦି ଅଞ୍ଚଳର ଷ୍ଟ୍ରିଟ୍‌ଲାଇଟ କେବେ ଜଳୁଛି ତ କେବେ ଲିଭୁଚି ତାହା ଜାଣିବା ମୁସ୍କିଲ। କୋଟି କୋଟି ଟଙ୍କାର ସରକାରୀ ଅର୍ଥରେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଅତି ନିମ୍ନମାନର ଏଭଳି ଷ୍ଟ୍ରିଟଲାଇଟ ଲଗାଯାଇଥିବାରୁ ତାହାର ସ୍ଥାୟିତ୍ୱ ନେଇ ମୂଳରୁ ପ୍ରଶ୍ନ ଉଠିଥିଲା। ଉପର ଚକାଚକ କରି ଭିତରେ ଫମ୍ପା ଭଳି ପ୍ରଥମେ ବହୁ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା ଏସବୁ ଷ୍ଟ୍ରିଟଲାଇଟ୍ ଦିନ କେଇଟାରେ ବନ୍ଦ ହୋଇଯାଉଛି। ତେବେ ସରକାରୀ ଅର୍ଥକୁ ବେଲଗାମ ଭାବରେ ଖର୍ଚ୍ଚ କରି ନୂଆ ନୂଆ ପ୍ରକଳ୍ପର ଏଭଳି ଷ୍ଟ୍ରିଟ ଲାଇଟ ସ୍ଥାପନ ପରେ ତା'ର ରକ୍ଷଣାବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ ରହିବା, ଯଦି ବା ବ୍ୟବସ୍ଥା ରହୁଛି, ସେ ବ୍ୟବସ୍ଥା ଲାଇଟକୁ ସବୁବେଳେ ଜଳାଇ ରଖିବାକୁ ଅସମର୍ଥ ହେବା, ଏପରିକି ଏସବୁ ଲାଇଟ ଜଳିବା ପାଇଁ କାହାକୁ ଅଭିଯୋଗ କରାଯିବ; ତା'ର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥିବାରୁ ଲାଇଟ ଦିନକୁ ଦିନ ବନ୍ଦ ହେବାରେ ଲାଗିଛି। ତେବେ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ଯୋଜନାରେ ଲଗାଯାଇଥିବା ଏସବୁ ଷ୍ଟ୍ରିଟଲାଇଟକୁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ପଟ୍ଟାମୁଣ୍ଡାଇରେ ତ୍ରିରଙ୍ଗା ଶୋଭାଯାତ୍ରା




ପଟ୍ଟାମୁଣ୍ଡାଇ,୨୨।୫(ସମିସ): ଅପରେସନ ସିନ୍ଦୂରର ସଫଳତାକୁ ନେଇ ରାଷ୍ଟ୍ରୀୟ ନାଗରିକ ମଞ୍ଚ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା। ମହାବୀର ବଜାରଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ପରେ ବାଇପାସ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଏଥିରେ ବରିଷ୍ଠ ବିଜେପି ନେତା ଆଡଭୋକେଟ ସଞ୍ଜୟ ସାହୁ, ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ (ବାବୁ), ନଗର ବିଜେପି ସଭାପତି ଅଶୋକ ସାହୁ, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, କାଉନସିଲର ବିଦ୍ୟାଧର ସେଠୀ, ପୀତାମ୍ବର କର, ଆଡଭୋକେଟ ପ୍ରମୋଦ ସାହୁ, ସମୀର ପାତ୍ର, ଦେବାଶିଷ ମଲ୍ଲିକ, ପାରେଶ୍ୱର ପାତ୍ର, ସ୍ୱାଗତ ଦାସ, ନାରୀନେତ୍ରୀ ରଶ୍ମିତା ସାହୁ, ଚନ୍ଦନ ପାତ୍ର, ଅଭିରାମ ସାମଲ, ସୁଧାଂଶୁ ଜେନା, ଅଭୟ ପାତ୍ର, ଆଡ଼ଭୋକେଟ ଶିଶର ମଲିକ, ବସନ୍ତ ସାହୁ ପ୍ରମୁଖ ବହୁ ବିଜେପି ନେତା, କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ଗାଈ ଆକ୍ରମଣରେ ୧୦ ଆହତ ଲୋକଙ୍କୁ ଆକ୍ରମଣ ପରେ ୩ ଗାଈ ମୃତ

ରାଜନଗର,୨୨।୫(ସମିସ): ସଂସାରଫଳ ଗ୍ରାମରେ ୩ଟି ଗାଈ ହିଂସ୍ର ହୋଇ ସାଧାରଣ ଲୋକଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଛନ୍ତି। ଏହି ହିଂସ୍ର ଗାଈ ଆକ୍ରମଣରେ ୧୦ ଜଣ ଆହତ ହୋଇଛନ୍ତି। ଗାଈଙ୍କ ହିଂସ୍ର ରୂପ ଦେଖି ଲୋକେ ଏକ ପ୍ରକାର ଭୟଭୀତ ହୋଇପଡିଛନ୍ତି। ସଂସାରଫଳ ଗ୍ରାମର ରବୀନ୍ଦ୍ର ପାତ୍ର, ବିଜୟ ପାତ୍ର, ବନମାଳୀ ମଲିକଙ୍କ ଗାଈ ହିଂସ୍ର ହୋଇ ପଡିବା ସହିତ ବାଟରେ ପଡ଼ି ପ୍ରାଣ ହରାଇଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏ ସମ୍ପର୍କରେ ଗାଈ ହରାଇଥିବା ରବୀନ୍ଦ୍ର, ବିଜୟ ଓ ବନମାଳୀ କୁହନ୍ତି, ହଠାତ ଆମ ଗାଈ ପାଗଳ ହୋଇ ଲୋକଙ୍କୁ ଗୋଡ଼ାଇ ମାରିବା ପରେ ଟଳି ପଡୁଛନ୍ତି। କିଛି ସମୟ ପରେ ସେମାନଙ୍କ ପ୍ରାଣବାୟୁ ଉଡ଼ିଯାଉଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଦୀପ ଜେନା କୁହନ୍ତି, ପାଗଳ କୁକୁର କାମୁଡ଼ାରୁ ଗାଈମାନେ ହିଂସ୍ର ହୋଇ ଏପରି ଆଚରଣ କରିଥାଇପାରନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାମଲଙ୍କ ଶ୍ରାଦ୍ଧବାର୍ଷିକୀ

## ଧୋୟାଞ୍ଚଳ ବିକାଶରେ ବ୍ରହ୍ମାନନ୍ଦଙ୍କ ଅବଦାନ ଅବିସ୍ମରଣୀୟ


ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୨।୫(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ପ୍ରାକ୍ତନ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାମଲଙ୍କ ଅବଦାନ ସ୍ମରଣୀୟ ହୋଇରହିବ ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦାଣ୍ଡିସାହିଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରାକ୍ତନ ଅଧ୍ୟକ୍ଷ ମାନସ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିଜେଡି ନେତା ମାନସ ପରିଡ଼ା, ରାଜ୍ୟ ବିଜେଡି ପ୍ରାକ୍ତନ ସମ୍ପାଦକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ପ୍ରତିନିଧି ଜିତୁ ସାହୁ, ସମାଜସେବୀ ହେମନ୍ତ ବିଶ୍ୱାଳ, ଶିଳ୍ପଦ୍ୟୋଗୀ ସୁକାନ୍ତ ମିଶ୍ର, ଇଂ ସୁବାସ ଥାଟୋଇ, ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ, ଶିକ୍ଷାବିତ ସୁରେଶ ଦାସ, ଅଣ୍ଡରା ସୋସାଇଟି ସଭାପତି ବୃନ୍ଦାବନ ମଲ୍ଲିକ, ପେଣ୍ଡପାଳ ସୋସାଇଟି ସଭାପତି ଧନେଶ୍ୱର ପ୍ରଧାନ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ସହିରା ସରପଞ୍ଚ ହେମନ୍ତ ମହାନ୍ତି, ସମାଜସେବୀ ସରୋଜ ରାଉତ, ଯୁବନେତା ରଶ୍ମିରଞ୍ଜନ ସ୍ୱାଇଁ, ଗୁଣନିଧି ବିଶ୍ୱାଳ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ସମିତି ସଭ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଦିବଂଗତ ବ୍ଲକ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାମଲଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ ସଂଜୀବ ମଲ୍ଲିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ସାମଲ, ପୁଷ୍ପରଞ୍ଜନ ସାମଲ, ଚିତ୍ତରଞ୍ଜନ ସାମଲ ଓ ଅମିତାଭ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



## ବିଜ୍ଞାନରେ ଶୁଭମ, ବାଣିଜ୍ୟରେ ଶୁଭଲକ୍ଷ୍ମୀ ଓ କଳାରେ ସ୍ମୃତିରେଖା ବ୍ଲକ୍ ଟପ୍ପର

ରାଜକନିକା,୨୨।୫(ସମିସ): +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଜକନିକା ବ୍ଲକ୍‌ର ୪ଟି ସେକେଣ୍ଡାରୀ ସ୍କୁଲ ମଧ୍ୟରୁ ବିଜ୍ଞାନ, ବାଣିଜ୍ୟ ଓ କଳା ୩ଟି ବିଭାଗରେ ରାଜକନିକାର ଶୈଳେନ୍ଦ୍ର ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ଲକ୍ ଟପ୍ପର ହୋଇଛନ୍ତି। ବିଜ୍ଞାନ ଛାତ୍ର ଶୁଭମ୍ ବେହେରା ୫୩୦ ନମ୍ବର, ବାଣିଜ୍ୟ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ୪୯୩ ନମ୍ବର ଓ କଳା ଛାତ୍ରୀ ସ୍ମୃତିରେଖା ବେହେରା ୫୩୬ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଓଳାଭର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ପ୍ରିୟଦର୍ଶିନୀ ମହାନ୍ତି ୫୧୧ ନମ୍ବର, ବାଣିଜ୍ୟରେ ଶତାବ୍ଦୀ ମଲ୍ଲିକ୍ ୪୯୧ ନମ୍ବର ଓ କଳାରେ ମାନସୀ ସାହୁ ୪୯୦ ନମ୍ବର ରଖିଛନ୍ତି। କାଟଣା କପିଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ରାଜଲକ୍ଷ୍ମୀ ନାୟକ ୫୨୭ ନମ୍ବର, ହାଟସାହି ବି.ଆର୍. ସାଇନ୍ସ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ସାଗରିକା ଦାସ ୩୯୯, କଳାରେ ପ୍ରିୟଙ୍କା ବାରିକ ୪୧୨ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ରାଜକନିକା ଶୈଳେନ୍ଦ୍ର ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଓଳାଭର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କାଟଣା କପିଳେଶ୍ୱର ବିଦ୍ୟାଳୟ ଓ ହାଟସାହି ବି.ଆର୍. ସାଇନ୍ସ କଲେଜ ସେଣ୍ଟରରେ ୧୨୪୨ ଜଣ ପରୀକ୍ଷା ଦେଇଥିଲେ। ଶୈଳେନ୍ଦ୍ର ନାରାୟଣ ବିଦ୍ୟାଳୟର ବିଜ୍ଞାନରେ ୧୨୪ ଜଣ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୨ ଜଣ ଓ ତୃତୀୟ ଶ୍ରେଣୀରେ ୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟରେ ୧୧୮ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୧ ଜଣ ଓ ତୃତୀୟ ଶ୍ରେଣୀରେ ୪୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ୨୫୭ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୩ ଜଣ ଓ ତୃତୀୟ ଶ୍ରେଣୀରେ ୧୦୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଓଳାଭର ବିଦ୍ୟାଳୟର ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୧୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୮ ଜଣ ଓ ତୃତୀୟ ଶ୍ରେଣୀରେ ୪ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦ ଜଣ ଓ ତୃତୀୟ ଶ୍ରେଣୀରେ ୨୨ଜଣ ଓ କଳାରେ ପ୍ରଥମ ଶ୍ରେଣୀରେ ୧୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୨ ଜଣ ଓ ତୃତୀୟ ଶ୍ରେଣୀରେ ୧୬୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।







## ଦୁର୍ଘଟଣାରେ ୨ ମୃତ

ପଟ୍ଟାମୁଣ୍ଡାଇ,୨୨।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଡ଼ମୋହନପୁର ପଞ୍ଚାୟତରେ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ବଡ଼ମୋହନପୁର ପଞ୍ଚାୟତ କଣିପାଳ ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ମୃତ୍ୟୁଞ୍ଜୟ ସାହୁ। ଉଭୟ ବାଇକ୍‌ରେ ଯାଉଥିବା ସମୟରେ ଦିହୁଡିପୁର ପଞ୍ଚାୟତର ଚହଲିବାଙ୍କ ଛକ ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ କରିଛି।

# ସଫଳତା ପାଇଲେ ଗରିବ ମେଧାବୀ ଛାତ୍ର ବେଦପ୍ରକାଶ

### 'ସକାଳ' ସହାୟତାରେ ଜୁପିଟରରେ ପଢୁଥିଲେ ବିଜ୍ଞାନ

ମହାକାଳପଡ଼ା,୨୨।୫(ସମିସ):

ଜମିବାଡ଼ି ନ ଥିବାରୁ ପର ଜମିରେ ଭାଗ ଚାଷ କରି ବାପା ପରିବାର ପ୍ରତିପୋଷଣ କରନ୍ତି। ଅଭାବୀ ପରିବାର ହେତୁ ଦିବ୍ୟାଙ୍ଗ ଥିବା ବଡ଼ଭାଇ ପାଠପଢ଼ାରେ ଡୋରି ବନ୍ଧା ହେଲା। ସାନଭାଇ ୨୦୨୩ ମାଟ୍ରିକ ପରୀକ୍ଷାରେ ୫୨୨ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ବି ଉଚ୍ଚତର ଶିକ୍ଷା ପାଇଁ ଅର୍ଥର ଅଭାବ ରହିଥିଲା। ଏପରିକି +୨ରେ ସ୍ଥାନୀୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବାକୁ ଅର୍ଥର ଅଭାବ ଥିଲା। ତେଣୁ ଭବିଷ୍ୟତ ଅସ୍ପଷ୍ଟ ଦିଶୁଥିଲା। ମହାକାଳପଡ଼ା ବ୍ଲକ୍ ବରକନ୍ଧା ପଞ୍ଚାୟତ ଗୋଜାବନ୍ଧ ଗାନ୍ଧିଜୀ ଉଚ୍ଚବିଦ୍ୟାଳୟର ଛାତ୍ର ବେଦପ୍ରକାଶ ସ୍ୱାଇଁଙ୍କ କଥା ଆମେ କହୁଛୁ। ପାଠ ପଢ଼ିବାର ଇଚ୍ଛା ଓ ଘରର ଅଭାବ ସମ୍ପର୍କରେ ଦୈନିକ ଖବରକାଗଜ 'ସକାଳ' ନଜରକୁ ଆସିଥିଲା। ଏନେଇ 'ସକାଳ' ସିଇଓ ସୁବ୍ରତ ଦାସ ବେଦପ୍ରକାଶଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା କରି ଭୁବନେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜୁପିଟର ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ରହିବା, ଖାଇବା ଓ ପାଠ ପଢ଼ିବାର ବ୍ୟବସ୍ଥା କରାଇଥିଲେ। ଦୁଇବର୍ଷ ସେହି ଆବାସିକ ଶିକ୍ଷାନୁଷ୍ଠାନରେ ରହି +୨ ବିଜ୍ଞାନରେ ପାଠ ପଢିଥିଲେ। +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପରେ ବେଦପ୍ରକାଶ ସ୍ୱାଇଁ ୮୯ ପ୍ରତିଶତ ହାରରେ ୫୩୪ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଖବର ପାଇବା ପରେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ଦେଇଥିବା ଦୈନିକ ଖବରକାଗଜ 'ସକାଳ' ପରିବାରକୁ କୃତଜ୍ଞତା ଜଣାଇଛନ୍ତି। 'ସକାଳ'ର ସିଇଓ ସୁବ୍ରତ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ଦେବଦତ୍ତ ଦାଶ, ମହାକାଳପଡ଼ା ପ୍ରତିନିଧି ବିଚିତ୍ରାନନ୍ଦ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜୁପିଟର ବିଜ୍ଞାନ ଉଚ୍ଚମାଧ୍ୟମିକ ଆବାସିକ ବିଦ୍ୟାଳୟର ସଭାପତି ବିରଞ୍ଚି ପଣ୍ଡାଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

ଏ କ୍ଷେତ୍ରରେ ସମସ୍ତ ଉପଦେଶ ଦେଇଥିବା ଗୋଜବନ୍ଧ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଯେବେ ମୋ' ପାଖରେ ଅର୍ଥ ନ ଥିଲା, ଭବିଷ୍ୟତ ଅସ୍ପଷ୍ଟ ଲାଗୁଥିଲା, 'ସକାଳ' ମୋତେ ସହାୟ ହେଲା। 'ସକାଳ'ର ସହଯୋଗ ଯୋଗୁଁ ଭୁବନେଶ୍ୱରର ଜୁପିଟର ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପାଠପଢ଼ି ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇପାରିଛି ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି ବେଦପ୍ରକାଶ। ଭବିଷ୍ୟତରେ ପ୍ରଶାସନିକ ସେବା ପାଇଁ ଲକ୍ଷ୍ୟ ରଖିଥିବା ନେଇ ବେଦପ୍ରକଶ ସ୍ୱାଇଁ କହିଛନ୍ତି।



କୃତଜ୍ଞତା ଜଣାଇଲେ



ମ୍ୟୁନିକ୍ ବିଶ୍ୱକପ୍ ଖେଳିବେ ଶ୍ରୀୟଙ୍କା।

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-324 ◆BHUBANESWAR ◆FRIDAY ◆23 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୩ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





100% RESULT FROM 2015

# JHADESWAR

## +2 SCIENCE HIGHER SECONDARY SCHOOL

Near Birla Tyres, Indian Oil Road, BALASORE

572 95.33%

BARSHA PRIYADARSHINI MOHANTY



A hilarious launching of B.Tech. College



AICTE Approved

- COMPUTER SC. ENGG.: 120
- MECHANICAL ENGG. : 60
- ELECTRICAL ENGG. : 120
- CIVIL ENGG. : 60



571 95.16%

RADHAKRUSHNA PARIDA

Congratulations to all pass outs

- ପାସ୍‌ହାର ୧୦୦ ଶତକଡ଼ା କାଏମ୍।
- ୯୮% ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ।
- ୪୨ ଜଣ ଛାତ୍ରଛାତ୍ରୀଙ୍କର ୯୦% ରୁ ଅଧିକ ମାର୍କ।
- ୧୪୦ ଜଣ ଛାତ୍ରଛାତ୍ରୀଙ୍କର ୫୦୦ରୁ ଉର୍ଦ୍ଧ୍ୱ ମାର୍କ।
- ୧୮୨ ଜଣ ଛାତ୍ରଛାତ୍ରୀଙ୍କର MATRIC ନମ୍ବର ଠାରୁ CHSE ରେ ଆଶାତୀତ ଭାବରେ ଅଧିକ ନମ୍ବର।

Admission Open for Std-XIth

The Premier Institution for CBSE & CHSE Board, JEE (Main & Advanced), NEET Various Olympaids & NTSE

Admission is going on

- B.Sc. (+3 Science) Phy., Che., Mathe., Zoology & Comp. Sc.
- B.Sc. (Nursing) & GNM
- Diploma Engg. (Civil, Etc., Elect & Mechanical)
- I.T.I (Fitter & Electrician)
- International School (CBSE) (Std-I to IX & XI)
- Engineering College

The Topper's A1 Work Shop in Odisha

| | | | | | | | | |
|---|---|---|---|---|---|---|---|---|
| 569 OMM PRAKASH SAHU | 568 LIPSA BEHERA | 566 JAGAT JYOTI NAYAK | 565 SARTHAK KUMAR NAIK | 564 RUDRA PRASAD PUTY | 563 SAIGOPAL KULHARI | 561 BINDUSMITA CHOUDHURY | 559 ASHWINI KU. BAG | 558 GOUTAM BARIK |
| 558 BICHITRANANDA BHARATI | 557 GOUTAM SETHI | 556 SHUBHANKAR BARIK | 556 HRUSHIKESH BERA | 555 PRATIK KUMAR DAS | 554 SWOYANSU KU. SAHU | 554 ROHIT SASMAL | 554 RAJESH BEHERA | 554 ARPITA SAHOO |
| 553 JITESH KUMAR DAS | 553 BALARAM DAS | 551 ABHIPSA SAHOO | 550 ADITYA AYUSMAN TRIPATHY | 549 PARSHURAM SAHOO | 548 PANKAJ KU. MANDAL | 548 ANURAG SWAIN | 547 SMRUTIRANJAN DAS | 547 OMPRAKASH NANDA |
| 547 IPSITA MOHAPATRA | 546 SUJIT KUMAR KAR | 546 JYOTIPRAKASH BEHERA | 545 JYOTIRANJAN MOHANTY | 543 SUBHANKAR BEHERA | 543 SAISHREE BEHERA | 543 DIBYAJYOTI DAS | 542 SATYABRATA BEHERA | 542 RAJESH KU. SAHOO |
| 542 KRISHNA KUMAR JENA | 541 SUBHA RANJAN GIRI | 540 SASWAT PANIGRAHI | 540 KEERTTI CHANDAN MISHRA | 539 SIDDHESWAR DAS | 539 ANJALI MOHANTY | 538 SWAYAMSUDHA MALIK | 538 NIRMALYA BARIK | 98.% 1ST CLASS IN 2025 |

FOR ADMISSION CONTACT: 7854931172 | 9348529272 | 8018458344 jsrcbalasore@gmail.com www.jsrcbalasore.org

ସକାଳ
THE SAKALA

# ସମ୍ପାଦକୀୟ



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

## ବାଂଲାଦେଶୀ ବୋଝ

ଦେଶର ବିଭିନ୍ନ ଅଞ୍ଚଳରେ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଦେଶାନ୍ତର କରିବା ପାଇଁ କେନ୍ଦ୍ର ସରକାର ଏକ କଡ଼ା ସମୟୋପଯୋଗୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ବୈଧାନିକ କ୍ଷମତା ଓ ଅଧିକାର ପ୍ରଦାନ ସହିତ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ସୀମାନ୍ତରେ ପହରା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସୀମା ସୁରକ୍ଷା ବାହିନୀ ଓ ଆସାମ୍ ରାଇଫଲ୍‌କୁ କୁହାଯାଇଛି। ସଦ୍ୟତମ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟମାନେ ଅବୈଧ ଅନୁପ୍ରବେଶକାରୀଙ୍କ ତଥ୍ୟ ଓ ସୂଚନା ପ୍ରତି ମାସର ୧୫ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରିବେ ଏବଂ ତାହାର ଏକକିତା ନକଲ ସୀମା ସୁରକ୍ଷା ଓ ତଟରକ୍ଷୀ କର୍ତ୍ତୃପକ୍ଷଙ୍କୁ ପଠାଇବେ। ବ୍ୟୁରୋ ଅଫ୍ ଇମିଗ୍ରିସନ୍ ଏଭଳି ଅବୈଧ ଅନୁପ୍ରବେଶକାରୀଙ୍କ ତାଲିକା ଇଣ୍ଟରନେଟ୍‌ରେ ସାର୍ବଜନୀନ କରିବା ସହିତ ଆଧାର କର୍ତ୍ତୃପକ୍ଷ, ନିର୍ବାଚନ ଆୟୋଗ, ବୈଦେଶିକ ମନ୍ତ୍ରଣାଳୟକୁ ପ୍ରଦାନ କରିବେ, ଯାହାଫଳରେ ଅବୈଧ ଅନୁପ୍ରବେଶକାରୀମାନେ ଆଉ ଆଧାର କାର୍ଡ, ପାସ୍‌ପୋର୍ଟ, ଭୋଟର ପରିଚୟ ପତ୍ର ହାତେଇ ପାରିବେ ନାହିଁ। ଯେଉଁମାନେ ହାତେଇ ନେଇଛନ୍ତି ସେଗୁଡ଼ିକୁ ଅକାମୀ କରିଦିଆଯିବ।

ପ୍ରଥମେ ଶରଣାର୍ଥୀ ଭାବରେ ଭାରତରେ ରହିବାକୁ ଆସୁଥିବା ଏହି ଅନୁପ୍ରବେଶକାରୀମାନେ ସୀମାନ୍ତ ରାଜ୍ୟଗୁଡ଼ିକରୁ ସମୟକ୍ରମେ ଦେଶର ବିଭିନ୍ନ ଅଞ୍ଚଳକୁ ବିକ୍ଷିପ୍ତ ଭାବେ ମାଡ଼ି ଯାଇ କେବଳ ସ୍ଥାୟୀ ବସତି ସ୍ଥାପନ କରୁନାହାନ୍ତି, ଭାରତୀୟ ନାଗରିକମାନେ ପାଉଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ସେମାନଙ୍କ ଯୋଗସୂତ୍ରରେ ରହି କାଳକ୍ରମେ ଆହୁରି ଅନେକ ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ଭାରତୀୟ ବସତିଗୁଡ଼ିକରେ ଯୋଗ ଦେଇ ସଂଖ୍ୟା ବୃଦ୍ଧି କରିଚାଲିଛନ୍ତି। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସେମାନଙ୍କ ସିଂହଭାଗ ସମ୍ପୃକ୍ତି ଥିବା ବିଭିନ୍ନ ସମୟରେ ପ୍ରମାଣିତ ହୋଇଛି। ଆହୁରି ମଧ୍ୟ ବହିରାଗତଙ୍କ ପ୍ରଭାବରେ ବିଭିନ୍ନ ପ୍ରଦେଶର ଆଞ୍ଚଳିକ ସଂସ୍କୃତି ପ୍ରଭାବିତ ଏବଂ ପରିବେଶ ପ୍ରଦୂଷିତ ହେଉଛି। ତେଣୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ ପଦକ୍ଷେପ ଏକ ଜରୁରୀ ଆବଶ୍ୟକତା।

ଏହି ନିଷ୍ପତ୍ତି ପ୍ରଥମ ନୁହେଁ। ଗତବର୍ଷ ୨୯୫ ବାଂଲାଦେଶୀଙ୍କୁ ତଡ଼ି ଦିଆଯାଇଥିବା ବେଳେ ଗତ ଏପ୍ରିଲ୍ ୩୦ ସୁଦ୍ଧା ୧୦୦ ବାଂଲଦେଶୀଙ୍କୁ ସେଠାକାର ସୀମା ସୁରକ୍ଷା ବାହିନୀକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ବାଂଲାଦେଶର କାମଚଳା ଶାସକଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ବୃଦ୍ଧି ପାଉଥିବା ପୃଷ୍ଠଭୂମିରେ ଭାରତ ସରକାର ଅନୁପ୍ରବେଶକାରୀଙ୍କ ପ୍ରତି ଆଭିମୁଖ୍ୟକୁ ଏଥର କଠୋର କରିଛନ୍ତି। ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ଭାରତରେ ଅନୁପ୍ରବେଶ ପରେ କେତେକ ସୀମାନ୍ତ ରାଜ୍ୟରେ କିଛିଦିନ ରହି ଅନ୍ୟ ରାଜ୍ୟକୁ ଯାଉଛନ୍ତି। ତେଣୁ ଏବେ ଯେଉଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ସେଥିରେ ଅବୈଧ ଅନୁପ୍ରବେଶକାରୀଙ୍କ ବିଷୟରେ ମୂଳ ରାଜ୍ୟରୁ ୩୦ ଦିନ ମଧ୍ୟରେ ତଥ୍ୟ ସଂଗ୍ରହ ପାଇଁ ସମସ୍ତ ରାଜ୍ୟଙ୍କୁ କୁହାଯାଇଛି। ପୂର୍ବରୁ ଏଥିପାଇଁ ମାସ ମାସ ସମୟ ଲାଗୁଥିଲା। ଗୁଜୁରାଟ୍ ଇତିମଧ୍ୟରେ ୬,୫୦୦ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଅଟକ ରଖିଥିବା ବେଳେ ରାଜସ୍ଥାନ ସରକାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ୧୪୮ ଜଣ ଅନୁପ୍ରବେଶକାରୀଙ୍କୁ ପଶ୍ଚିମବଙ୍ଗ ପଠାଇ ଦେଇଛନ୍ତି, ଯେଉଁଠାରୁ ସେମାନଙ୍କୁ ନିଜ ଦେଶ ବାଂଲାଦେଶ ଓ ମ୍ୟାଁମାର ପଠାଇ ଦିଆଯିବ। ରାଜ୍ୟ ସରକାରମାନଙ୍କ ସହଯୋଗ ଓ ସମନ୍ୱୟ ମିଳିଲେ କେନ୍ଦ୍ର ସରକାରଙ୍କ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ। କିନ୍ତୁ ଏଥିରେ ଯେଉଁ କେତେକ ଅପ୍ରୀତିକର ଓ ଅବାଞ୍ଛିତ କାରକମାନ ରହିଛି ତାହା ପ୍ରଥମେ ଦୂର କରିବାକୁ ପଡ଼ିବ।

କେବଳ ଓଡ଼ିଶା କଥା ଦେଖାଯାଉ। ବାଂଲାଦେଶୀଙ୍କୁ ତଡ଼ିବା ପୂର୍ବରୁ ସେମାନଙ୍କୁ ଅବୈଧ ଅନୁପ୍ରବେଶକାରୀ ଭାବେ ପ୍ରମାଣିତ କରିବାକୁ ପଡ଼ିବ। ଏ କାମଟି ସହଜ ନୁହେଁ। ୩୦ ଦିନର କଣ୍ଟ ମଧ୍ୟ ଏଥିପାଇଁ ଯଥେଷ୍ଟ ନୁହେଁ। ଓଡ଼ିଶାର କେନ୍ଦ୍ରାପଡ଼ା, ରାଜନଗର, ଜଗତସିଂହପୁର ଆଦି ଅଞ୍ଚଳ ଅନୁପ୍ରବେଶକାରୀ ଅଧ୍ୟୁଷିତ ଅଞ୍ଚଳ ଭାବେ କୁଖ୍ୟାତି ଅର୍ଜନ କରିଥିବାରୁ ରାଜ୍ୟ ସରକାର ପ୍ରଥମେ ସେହି ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଖୋଦ୍ ରାଜଧାନୀ ଉପକଣ୍ଠ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏକାଧିକ ପିଢ଼ି ଧରି ଆସ୍ଥାନ ଜମାଇ ରହିଛନ୍ତି। ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ରାସନ୍ କାର୍ଡ ତ ସାଧାରଣ କଥା, ସେମାନେ ସେହି ସବୁ ଅଞ୍ଚଳରେ ଜମି ପଟ୍ଟା ହାତେଇ ନେଇ ସ୍ଥାୟୀ ବସବାସର ଦଲିଲ୍ ପ୍ରସ୍ତୁତ କରିସାରିଛନ୍ତି। ମାଲକାନଗିରି ଅଞ୍ଚଳରେ ସେମାନେ ଜନବସତି(ଡାଏସ୍ପୋରା) ସ୍ଥାପନ କରିସାରିଛନ୍ତି। ଅନୁପ୍ରବେଶକାରୀ ଚିହ୍ନଟ ବେଳେ ସେମାନଙ୍କ ପରିବାରରେ ସଦ୍ୟତମ ଯୋଗ ଦେଇଥିବା ବହିରାଗତଙ୍କୁ ଅବୈଧ ଅନୁପ୍ରବେଶକାରୀ ବୋଲି ଧରାଯିବ କି ନାହିଁ ତାହା ଏକ ଜଟିଳ ପ୍ରଶ୍ନ। ତା'ଛଡ଼ା ଯେଉଁ ବାଂଲାଦେଶୀ କିମ୍ବା ରୋହିଙ୍ଗ୍ୟା ଅନୁପ୍ରବେଶକାରୀମାନେ ବହୁବର୍ଷ ଧରି ରହିଆସିଛନ୍ତି ଅଥଚ ଜମି ପଟ୍ଟା ପାଇପାରିନାହାନ୍ତି ସେମାନଙ୍କୁ ଚିହ୍ନଟ କରି ତଡ଼ିବା ବେଳେ ସେମାନଙ୍କ ସମସାମୟିକ ପଟ୍ଟାଧାରୀ ଅନୁପ୍ରବେଶକାରୀମାନଙ୍କୁ କାହିଁକି ତଡ଼ିଦିଆଯିବ ନାହିଁ ସେହି ନ୍ୟାୟିକ ଓ ମାନବାଧିକାରର ପ୍ରଶ୍ନ ମଧ୍ୟ ଉଠିବ।

ଆଉ ଏକ ଜଟିଳ ସମସ୍ୟା ହେଉଛି ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପରେ ସେମାନଙ୍କୁ ଫରେନର୍ସ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପର୍ଯ୍ୟନ୍ତ ଅଟକ ଶିବିରରେ ରଖାଯିବ। ଏଥିପାଇଁ ଜିଲ୍ଲାସ୍ତରରେ ଅଟକ ଶିବିରମାନ ନିର୍ମାଣ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଅଟକ ଶିବିର ନିର୍ମାଣ ଓ ଅଟକ ଶରଣାର୍ଥୀଙ୍କ ଭରଣପୋଷଣ ପାଇଁ ରାଜ୍ୟ ରାଜକୋଷ ଉପରେ ଅଯଥା ଖର୍ଚ୍ଚ ଓ ଚାପ ପଡ଼ିବ। ଗତ ଫେବୃଆରୀ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ଭାରତରେ ଅନୁପ୍ରବେଶ କରିବାରେ ଏବଂ ସେମାନଙ୍କୁ ବିଭିନ୍ନ ପ୍ରମାଣପତ୍ର ଯୋଗାଇ ଦେବାରେ ସହାୟତା କରୁଥିବା ତତ୍ତ୍ୱମାନଙ୍କ ବିପକ୍ଷରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କହିବା ବାହୁଲ୍ୟ ମାତ୍ର ଯେ ଅନୁପ୍ରବେଶକାରୀଙ୍କୁ ଭୋଟର ପରିଚୟ ପତ୍ର ଦେବାରେ ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ପ୍ରଥମେ ଭୋଟ ରାଜନୀତିର ଏକ ଅଙ୍ଗ ହୋଇଯାଇ ସେମାନେ ଭୋଟର ପରିଚୟ ପତ୍ର ଆଧାରରେ ରାସନ୍ ଓ ଆଧାର କାର୍ଡ ହାତେଇ ନେଇ ଭାରତୀୟତାର ପ୍ରମାଣ ଦେଇ ପରବର୍ତ୍ତୀ ସମୟରେ ଆଇନ ଶୃଙ୍ଖଳା ଓ ବୈଧାନିକ ଜଟିଳତା ସୃଷ୍ଟି କରୁଛନ୍ତି। ତେଣୁ ଅବୈଧ ଅନୁପ୍ରବେଶକାରୀଙ୍କୁ ବୈଧ କରିବାରେ ପ୍ରଚ୍ଛନ୍ନ ଭୂମିକା ନିର୍ବାହ କରୁଥିବା ସମ୍ପୃକ୍ତ ରାଜନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତ? ଏଥିପାଇଁ ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ପ୍ରାଞ୍ଜଳ ଓ ସବିଶେଷ ହେବା ବାଞ୍ଛନୀୟ।

## ତୃତୀୟଲିଙ୍ଗୀ: ପରିଚୟ ବନାମ ଗ୍ରହଣୀୟତା

**ଡକ୍ଟର ଅବଶ ପରିଡ଼ା**

କିଛିଦିନ ତଳେ ଓଡ଼ିଶା ସରକାର ଟ୍ରାନ୍ସଜେଣ୍ଡର ବା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ତୃତୀୟଲିଙ୍ଗୀଙ୍କ କଲ୍ୟାଣ, ବିକାଶରେ ସହାଭାଗିତା, ସମାନତା ଓ ସାମାଜିକ ଗ୍ରହଣୀୟତା ଏହାର ମୁଖ୍ୟ ଲକ୍ଷ୍ୟ। ଏହା ଏକ ଭଲ ପଦକ୍ଷେପ; କିନ୍ତୁ ଅନେକ ସାମାଜିକ ବିଜ୍ଞାନ ଗବେଷଣାରେ ଦେଖାଯାଇଛି ଯେ ସାଧାରଣ ଲୋକଙ୍କ ମଧ୍ୟରେ ଟ୍ରାନ୍ସଜେଣ୍ଡରଙ୍କୁ ନେଇ ଅନେକ ଭୁଲ ଧାରଣା ରହିଛି। ଏହା ଦୂର ନ ହେବା ପର୍ଯ୍ୟନ୍ତ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ସକାରାତ୍ମକ ମାନସିକତା ସୃଷ୍ଟି ହୋଇପାରିବ ନାହିଁ।

ଟ୍ରାନ୍ସଜେଣ୍ଡର ଶବ୍ଦଟି ଏକ ବହୁଳ ବ୍ୟବହୃତ ଶବ୍ଦ। କିନ୍ତୁ ବେଶପୋଷାକ, ରୂପାକୃତି କିମ୍ବା ଆଚରଣ ବାସ୍ତବିକ ଲିଙ୍ଗ ଅନୁରୂପ ହେଉନଥିବା ପ୍ରତ୍ୟେକ ବ୍ୟକ୍ତି ଟ୍ରାନ୍ସଜେଣ୍ଡର ନୁହନ୍ତି। ବ୍ୟକ୍ତିବିଶେଷଙ୍କ ଦୃଷ୍ଟିକୋଣ, ଜ୍ଞାନ ଓ ଅଭିଜ୍ଞତାକୁ ଆଧାର କରି ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀ ଭଳି ଶବ୍ଦର ପରିଭାଷା ଏବଂ ବ୍ୟବହାର ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଟ୍ରାନ୍ସଜେଣ୍ଡର ଶବ୍ଦଟି ଏକ ଲାଟିନ୍ ଶବ୍ଦ 'ଟ୍ରାନ୍ସ' ରୁ ଆସିଛି, ଯାହାର ଅର୍ଥ 'ଅନ୍ୟପାଶ୍ୱର୍ରେ'। ସରଳରେ ଏହାର ଅର୍ଥ ହେଉଛି ଯେ ଜନ୍ମସମୟରେ ନିର୍ଦ୍ଦିଷ୍ଟ ହୋଇଥିବା ଲିଙ୍ଗ ପରବର୍ତ୍ତୀ ସମୟରେ 'ଅନ୍ୟ ପାଶ୍ୱର୍ରେ' ନିଜକୁ ଚିହ୍ନଟ କରିବାର ଏକ ପ୍ରକ୍ରିୟା। 'ଟ୍ରାନ୍ସଜେଣ୍ଡର' ଶବ୍ଦଟି ପୁରୁଷ ଓ ମହିଳା ବ୍ୟତୀତ ଅନ୍ୟ ସମସ୍ତ ଲିଙ୍ଗ ପରିଚୟକୁ ଅନ୍ତର୍ଭୁକ୍ତ କରେ।

ଏକ ଗବେଷଣା 'ଟ୍ରାନ୍ସଜେଣ୍ଡର ଆଇଡିଣ୍ଟି'ରେ ତିରିଶରୁ ଅଧିକ 'ଅନ୍ୟାନ୍ୟ ଲିଙ୍ଗ ପରିଚୟ' ଉଲ୍ଲେଖ ରହିଛି। ଉଦାହରଣ ସ୍ୱରୂପ, ଟ୍ରାନ୍ସସେକ୍ସୁଆଲ ବା ପରଲୈଙ୍ଗିକ, ନନ୍-ବାଇନାରି, କୁଇର, ଏଜେଣ୍ଡର, ବହୁଲିଙ୍ଗୀ, ନ୍ୟୁଟ୍ରୋଇସ୍, ଆଣ୍ଡ୍ରୋଗିନ୍, ଆନ୍ତଃଲିଙ୍ଗୀ, ଡେମିଜେଣ୍ଡର, ଆପୋରା-ଜେଣ୍ଡର, ଟ୍ରାନ୍ସ ଟ୍ରାନ୍ସମ୍ୟାନ୍। ଏସବୁ କିଛି ବ୍ୟବହାର ଦ୍ୱାରା ଏବଂ କିଛି ଡାକ୍ତରଙ୍କ ଅସ୍ତ୍ରୋପଚାର ଦ୍ୱାରା ନିର୍ମିତ। ଉଦାହରଣତଃ ଟ୍ରାନ୍ସଜେଣ୍ଡର ମହିଳା। ଜନ୍ମସମୟରେ ପୁରୁଷ ଭାବରେ ଚିହ୍ନଟ କରାଯାଇଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ନିଜ ଲିଙ୍ଗ ପରିଚୟ, ଆତ୍ମଭାବନା, ଆଚରଣ, ବ୍ୟବହାର ଓ ଜୀବନଯାପନ ଜଣେ ମହିଳା ଭାବରେ ଦର୍ଶାଉଥିବା ବ୍ୟକ୍ତିବିଶେଷ ଏହି ଶ୍ରେଣୀଭୁକ୍ତ। ଭାରତରେ ହିଜରା ବା ହିଞ୍ଜିଡ଼ା ସମ୍ପ୍ରଦାୟ ହେଉଛି ଟ୍ରାନ୍ସଜେଣ୍ଡର ମହିଳା ଶ୍ରେଣୀର ଏକ ଉଦାହରଣ।

'ଲିଙ୍ଗ ପରିଚୟ' ହେଉଛି ନିଜକୁ ପୁରୁଷ କିମ୍ବା ମହିଳା ଭାବରେ ଜାଣିବାର ବ୍ୟକ୍ତିଗତ ଭାବନା। ଯେତେବେଳେ ଏହା ଆଚରଣ ଓ ବ୍ୟବହାରରେ ପ୍ରକାଶିତ ହୁଏ, ଆମେ ଏହାକୁ 'ଲିଙ୍ଗ ଭୂମିକା' ବୋଲି କହିଥାଉ। ଲିଙ୍ଗ ଭୂମିକା ଏବଂ ଲିଙ୍ଗ ପରିଚୟ ଦ୍ୱାରା ଜଣେ ବ୍ୟକ୍ତି ବିଷମଲିଙ୍ଗୀ ହେବ ନା ସମଲିଙ୍ଗୀ ତାହା ନିର୍ଣ୍ଣୟ ହୁଏ। କିନ୍ତୁ ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀଙ୍କ କ୍ଷେତ୍ରରେ ଲିଙ୍ଗ ପରିଚୟ ସହିତ ସେମାନଙ୍କର 'ଶରୀରଗତ ଲିଙ୍ଗ' ମେଳ ଖାଏ ନାହିଁ। ସ୍ୱଷ୍ଟତାର ଅଭାବ ଯୋଗୁଁ ପ୍ରାୟତଃ ଆମେ ଯୌନ ପ୍ରବୃତ୍ତି ଏବଂ ଲିଙ୍ଗ ପରିଚୟକୁ ସମାନ ଭାବରେ ତୁଳନା କରୁଛେ। ସମଲିଙ୍ଗୀ ଓ ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀଙ୍କୁ ଆମେ ସମାନ ସମୟକ୍ରମରେ ଦେଖୁଛେ, ଯାହା ଠିକ ନୁହେଁ।

ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ସମାଜର ଏକ ଅଂଶ ଥିବା ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀମାନେ ନିଜ ଭିନ୍ନ ସଂସ୍କୃତି ଓ ସାଂସ୍କୃତିକ ନାମ ଦ୍ୱାରା ପରିଚିତ। ହିଜଡ଼ା, କିନ୍ନର, କୋଠି, ଆରାବଣୀ, ଜୋଗପ୍ପା, ଶିବ-ଶକ୍ତି ଇତ୍ୟାଦି ହେଉଛି କିଛି ଲୋକପ୍ରିୟ ତୃତୀୟଲିଙ୍ଗୀ ସମ୍ପ୍ରଦାୟ। ଭାରତରେ ଟ୍ରାନ୍ସଜେଣ୍ଡର ମହିଳା ବା ହିଜଡ଼ାମାନେ 'ବାହୁଚରା ମାତା'ଙ୍କୁ ନିଜର ପୃଷ୍ଠପୋଷକ ଦେବୀ ଭାବରେ ପୂଜା କରନ୍ତି। ସେହିପରି ଅନ୍ୟ କିଛି ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟରେ 'ରାଜା ଇଲା'ଙ୍କ କାହାଣୀ ବେଶ ଲୋକପ୍ରିୟ। କାହାଣୀଟି ଏମତି - ରାଜାଙ୍କୁ ଅଭିଶାପ ମିଳିଥିଲା ଯେ ସେ ପ୍ରତ୍ୟେକ ମାସର ଗୋଟିଏ ପକ୍ଷ ପୁରୁଷ ଏବଂ ଆଉ ଗୋଟିଏ ପକ୍ଷ ମହିଳା ଭାବେ ରାଜା ବଞ୍ଚିବେ। ଭାରତରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଧର୍ମଗ୍ରନ୍ଥ ଓ ମହାକାବ୍ୟଗୁଡ଼ିକରେ ୨୦୦୦ ବର୍ଷ ପୂର୍ବେ ମନ୍ଦିର ଏବଂ କାମସୂତ୍ର କାହାଣୀରେ ଉଲ୍ଲେଖ କରାଯାଇଥିଲା।

ଭାରତରେ ବର୍ଷ ବର୍ଷ ଧରି ଜନଗଣନା ତଥ୍ୟ ସଂଗ୍ରହ କରିବା ସମୟରେ ତୃତୀୟ ଲିଙ୍ଗ ଅର୍ଥାତ୍ ଟ୍ରାନ୍ସଜେଣ୍ଡରଙ୍କୁ ବିଶେଷ ମାନ୍ୟତା ଦିଆଯାଇନାହିଁ। ତଥାପି ଗତ ଜନଗଣନାରେ ଟ୍ରାନ୍ସଜେଣ୍ଡରଙ୍କ ତଥ୍ୟ ଲିଙ୍ଗ ଅଧୀନରେ 'ଅନ୍ୟ' ବର୍ଗରେ ସଂଗ୍ରହ କରାଯାଇଥିଲା ଏବଂ ସେମାନଙ୍କ ନିଯୁକ୍ତି, ସାକ୍ଷରତା ଏବଂ ଜାତି ସହିତ ଜଡ଼ିତ ବିବରଣୀ ମଧ୍ୟ ପ୍ରଦାନ କରାଯାଇଥିଲା। ଜନଗଣନାରୁ ଜଣାପଡ଼ିଛି ଯେ ଟ୍ରାନ୍ସଜେଣ୍ଡରଙ୍କ ମୋଟସଂଖ୍ୟା ପ୍ରାୟ ପାଞ୍ଚ ଲକ୍ଷ। ଏଥିରେ ଗୋଟିଏ ସମସ୍ୟା ଥିଲା ଯେ ସଂଗ୍ରହ କରାଯାଇଥିବା ତଥ୍ୟଗୁଡ଼ିକୁ ମୁଖ୍ୟତଃ ପୁରୁଷ ବିଭାଗ ସହିତ ଯୋଡ଼ାଯାଇଥିଲା। କାରଣ ତୃତୀୟଲିଙ୍ଗୀଙ୍କୁ ସାଧାରଣତଃ ପୁରୁଷ ଭାବରେ ଗଣନା କରାଯାଏ। ଅବଶ୍ୟ ଅନୁରୋଧ କଲେ, ସେମାନଙ୍କୁ ମହିଳା ଭାବରେ ଗଣନା କରାଯାଇପାରିବ ବୋଲି ସୂଚନା ଅଛି। ଯଦିଓ ଜନଗଣନା ଏକ ଆନୁମାନିକ ଆକଳନ ପ୍ରଦାନ କରିଛି, କିନ୍ତୁ ପ୍ରକୃତ ଟ୍ରାନ୍ସଜେଣ୍ଡର ଜନସଂଖ୍ୟା ଉପରେ ମତାମତ ଦେବା ଅସମ୍ଭବ। ୨୦୧୧ ଜନଗଣନାରେ ଭାରତରେ ୫୫ ହଜାର ପିଲାଙ୍କୁ ସେମାନଙ୍କ ପିତାମାତାଙ୍କ ଦ୍ୱାରା ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀ ଭାବରେ ଚିହ୍ନଟ କରାଯାଇଥିବାର ରିପୋର୍ଟ ଦିଆଯାଇଛି। ୟୁଏନ୍‌ଡିପି ଇଣ୍ଡିଆ ଅନୁଯାୟୀ, ସାଧାରଣ ଜନସଂଖ୍ୟାର ୭୬ ପ୍ରତିଶତ ତୁଳନାରେ ଟ୍ରାନ୍ସଜେଣ୍ଡର ଜନସଂଖ୍ୟାର କେବଳ ୪୬% ସାକ୍ଷର। ଏହାବ୍ୟତୀତ ସାଧାରଣ ଜନସଂଖ୍ୟାର ୭୫% ତୁଳନାରେ କେବଳ ୬୫% ଟ୍ରାନ୍ସଜେଣ୍ଡରଙ୍କୁ ବର୍ଷକୁ ଛଅ ମାସରୁ ଅଧିକ ସମୟ ପାଇଁ କାମ ପାଆନ୍ତି।

ଭାରତରେ ଟ୍ରାନ୍ସଜେଣ୍ଡରମାନେ ଶିକ୍ଷାର ଅଭାବ ଏବଂ ଅନ୍ୟାନ୍ୟ ମୌଳିକ ସେବା ପାଇବା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଶିକ୍ଷା ସେମାନଙ୍କ ପାଇଁ ସମସ୍ୟା ନୁହେଁ କିନ୍ତୁ ଶିକ୍ଷା ଜାରି ରଖିବା ହେଉଛି ପ୍ରକୃତ ସମସ୍ୟା। ଅଧିକାଂଶ ଟ୍ରାନ୍ସଜେଣ୍ଡର ସେମାନଙ୍କ ସ୍କୁଲ ସାଥୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ନିର୍ଯାତନା, ଅପମାନ, ଭେଦଭାବ ଓ ବହିଷ୍କାର ହେତୁ ସ୍କୁଲ ପାଠପଢ଼ା ବନ୍ଦ କରିଦିଅନ୍ତି। ଘର ପରିବର୍ତ୍ତନ ମଧ୍ୟ ସ୍କୁଲ ବନ୍ଦ କରିବାରେ ଅନ୍ୟ ଏକ କାରଣ। ନୂତନ ବାସସ୍ଥାନ, ବୟସ କିମ୍ବା ଶେଷ ସ୍କୁଲରେ ପଢ଼ିଥିବା ପ୍ରମାଣପତ୍ର ନ ଥିବାରୁ ସେମାନେ ନୂତନ ସ୍କୁଲ କିମ୍ବା କଲେଜରେ ଯୋଗ ଦେଇପାରନ୍ତି ନାହିଁ।

ଟ୍ରାନ୍ସଜେଣ୍ଡରମାନଙ୍କୁ କର୍ମଶକ୍ତିରୁ ଦୂରେଇ ରଖୁଥିବା ଆଉ ଏକ ଅସଂଗତ କଥା ହେଉଛି ଯେ ସେମାନେ କୌଣସି ଚାକିରି ଓ ନିଷ୍ପତ୍ତି ନେବାରେ ଉପଯୁକ୍ତ ନୁହନ୍ତି। ଭାରତର ପ୍ରଥମ ଟ୍ରାନ୍ସମହିଳା ପ୍ରିନ୍ସିପାଲ୍ 'ମାନବୀ ବନ୍ଦୋପାଧ୍ୟାୟ' ତାଙ୍କ ସହକର୍ମୀମାନଙ୍କ ଅସହଯୋଗ କରିବା କାରଣରୁ ଚାକିରିରୁ ଇସ୍ତଫା ଦେଇଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ସତକଥା ହେଉଛି ଲୋକମାନେ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ସମ୍ବେଦନଶୀଳ ଓ ଉଦାର ନୁହନ୍ତି। ଆଇନଗତ ସୁରକ୍ଷାର ଅଭାବ ଏବଂ ଦେଶବ୍ୟାପୀ ସାମାଜିକ ସଚେତନତାର ଅଭାବ ଯୋଗୁଁ ଭାରତରେ ଟ୍ରାନ୍ସଜେଣ୍ଡର ଲୋକମାନେ ଏବେ ବି ବହୁତ ହିଂସା ଓ ନିର୍ଯାତନା ଶିକାର ହେଉଛନ୍ତି। ଏଥିରେ ମୌଖିକ, ଶାରୀରିକ, ଯୌନ ହିଂସା, ଉତ୍ପୀଡ଼ନ, ସେବା ପ୍ରଦାନ କରିବାକୁ ମନା, ମିଥ୍ୟା ଗିରଫଦାରୀ, ପୈତୃକ ସମ୍ପତ୍ତିରେ ଅଂଶ ଗ୍ରହଣ ନକରିବା, ଡାକ୍ତରଖାନାରେ ସେବା ପ୍ରଦାନ କରିବାକୁ ମନା କିମ୍ବା ବିଳମ୍ବ କରିବା ଏବଂ ଅନ୍ୟାନ୍ୟ କାରଣ ଅନ୍ତର୍ଭୁକ୍ତ। ଟ୍ରାନ୍ସଜେଣ୍ଡରମାନଙ୍କୁ ଭୋଟର ପରିଚୟପତ୍ର ଓ ରାସନ କାର୍ଡ ପାଇବା ପାଇଁ ଲାଞ୍ଚ ଭାବରେ ବହୁ ପରିମାଣର ଟଙ୍କା ଦେବାକୁ ବାଧ କରାଯାଏ ବୋଲି ଦୁର୍ନୀତିକୁ ନେଇ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ ଅଛି।

କେତେକ ସମୟରେ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ପରିବାର ସମର୍ଥନ ମିଳିଥାଏ; କିନ୍ତୁ ଡାକ୍ତରୀ ବୃତ୍ତିଗତଙ୍କଠାରୁ ଉଲ୍ଲେଖନୀୟ ସମର୍ଥନ ମିଳେନାହିଁ। ଅନ୍ୟ ସମୟରେ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ଘର କିମ୍ବା ପରିବାରରୁ ନୁହେଁ, ବରଂ ଡାକ୍ତରୀ ସ୍ୱାସ୍ଥ୍ୟସେବାରୁ ସମର୍ଥନ ମିଳିଥାଏ। ସମର୍ଥନର ଏହି ଅସନ୍ତୁଳନ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ଅଧିକ ଦ୍ୱନ୍ଦ୍ୱରେ ପକାଇଥାଏ। ତେଣୁ ସେ ପରିଚୟ ଲୁଚାଇବାକୁ ଚେଷ୍ଟା କରିଥାଏ। ଟ୍ରାନ୍ସଜେଣ୍ଡରମାନଙ୍କ ମଧ୍ୟରେ ବାସହୀନତା ଏବଂ ଘରୋଇ ବଳାତ୍କାର ବହୁତ ସାଧାରଣ ଘଟଣା। ଟ୍ରାନ୍ସଜେଣ୍ଡରଙ୍କ ଦ୍ୱାରା ସାର୍ବଜନୀନ ଶୌଚାଳୟ ବ୍ୟବହାର କରିବାର ଅଧିକାରକୁ ମଧ୍ୟ ସେମାନଙ୍କ ଲିଙ୍ଗ ସହିତ ସମାନ ଭାବରେ ପ୍ରତ୍ୟାଖ୍ୟାନ କରାଯାଏ। ଷ୍ଟୋନୱାଲ ସଂସ୍ଥା ପ୍ରକାଶ କରିଛି ଯେ 'ଟ୍ରାନ୍ସଫୋବିଆ -ଟ୍ରାନ୍ସଜେଣ୍ଡର କିମ୍ବା ଟ୍ରାନ୍ସସେକ୍ସୁଆଲ ଲୋକଙ୍କ ପ୍ରତି ଏକ ଘୃଣା କିମ୍ବା ଭୟ ଏବେ ତୀବ୍ର ହେଉଛି। ଏହା ହିଂସା, କ୍ରୋଧ କିମ୍ବା ସମାଜର ଲିଙ୍ଗ ଆଶା ପୂରଣ କରୁନଥିବା ଲୋକଙ୍କ ପ୍ରତି ଅନୁଭବ ଦ୍ୱାରା ପ୍ରତିଫଳିତ ହେଉଛି।

ବିଡ଼ମ୍ବନା ଯେ, ଭାରତରେ ପ୍ରତ୍ୟେକ ଟ୍ରାନ୍ସଜେଣ୍ଡରଙ୍କୁ ହିଜରା କୁହାଯାଏ। ଲୋକମାନେ ଏବେ ବି ହିଜରା ଓ ଅନ୍ୟାନ୍ୟ ତୃତୀୟଲିଙ୍ଗୀଙ୍କ ବିଷୟରେ ଅଜ୍ଞ ଓ ସମ୍ବେଦନହୀନ। ତେଣୁ ତୃତୀୟଲିଙ୍ଗୀଙ୍କୁ ସାମାଜିକ ଗ୍ରହଣୀୟତା ଓ ସମ୍ମାନ ମିଳିଲେ ସେମାନେ ସ୍ୱଚାଳିତ ରୂପରେ ବିକାଶରେ ସାମିଲ ହୋଇଯିବେ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଆଗକୁ ବୋତଲରେ ଅମ୍ଳଜାନ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ନିକଟରେ ତେଲେଙ୍ଗାନାର କାଞ୍ଚା ଗାଛିବୋଉଲି ଅଞ୍ଚଳରେ ପ୍ରାୟ ଚାରିଶହ ଏକର ଜଙ୍ଗଲ କଟାଯିବା ଘଟଣା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ବେଦନଶୀଳ ପ୍ରସଙ୍ଗର ସ୍ୱତଃସ୍ଫୂର୍ତ୍ତ ବିଚାର କରିଥିଲେ। ବିଚାରପତି ବି.ଆର. ଗଭାଇ ଓ ବିଚାରପତି ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଅନେକ ପ୍ରଶ୍ନ ପଚାରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଅଞ୍ଚଳରେ କୌଣସି ପ୍ରକାରର ମାନବିକ କାର୍ଯ୍ୟକଳାପ ଉପରେ ନିଷେଧାଦେଶ ଜାରି କରିଛନ୍ତି।

ଏହି ସ୍ଥାନଟି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟରେ ଅବସ୍ଥିତ, ଯେଉଁଠାରେ ତେଲଙ୍ଗାନା ସରକାର ଏକ ବିଶାଳ ଆଇଟି ପାର୍କ ନିର୍ମାଣ କରିବାକୁ ଯୋଜନା କରୁଥିଲେ, କିନ୍ତୁ ଏହି ଅଞ୍ଚଳଟି ମୟୂର, ହରିଣ ଓ ଅନ୍ୟାନ୍ୟ ସଂରକ୍ଷିତ ପ୍ରଜାତି ସମେତ ଅନେକ ପ୍ରକାରର ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଏକ ହୃଦୟ ବିଦାରକ ଭିଡିଓ ପ୍ରସାରିତ ହୋଇଥିଲା, ଯେଉଁଥିରେ ଘନ ଅନ୍ଧାରରେ ବୁଲଡୋଜର ଚାଲୁଥିଲା ଏବଂ ଚାରିପାଖରେ ମୟୂରଙ୍କ ଭୟଭୀତ ଚିତ୍କାର ଶୁଭୁଥିଲା। ଏହା ସାଧାରଣ ଲୋକଙ୍କ ଅନ୍ତରାତ୍ମା ଦୋହଲାଇ ଦେଇଥିଲା। ଭିଡିଓରୁ ସ୍ପଷ୍ଟ ହୋଇଥିଲା ଯେ କେବଳ ବୃକ୍ଷ ନୁହେଁ, ସମଗ୍ର ପରିବେଶକୁ ନିର୍ମମ ଭାବରେ ହତ୍ୟା କରାଯାଉଛି।

ସମ୍ପ୍ରତି ଅନ୍ୟ ଏକ ମାମଲାରେ, ମନ୍ଦିର ପରିଚାଳନା କମିଟିର ବେଆଇନ ଗଛ କାଟିବା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏକ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ କୌଣସି ଧର୍ମ ଏହିପରି ଗଛ କାଟିବାକୁ ଅନୁମତି ଦିଏ ନାହିଁ। ଏହା କେବଳ ପରିବେଶ ଦୃଷ୍ଟିକୋଣରୁ ଭୁଲ୍ ନୁହେଁ, ବରଂ ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ଗ୍ରହଣୀୟ ନୁହେଁ। ଏହାର କିଛିଦିନ ପୂର୍ବରୁ ଆଗ୍ରାର ତାଜମହଲ ଚାରିପାଖରେ ଶହଶହ ଗଛର ଅବୈଧ କଟା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଠୋର ମନ୍ତବ୍ୟ ଦେଇଥିଲେ ଏବଂ କଟାଯାଇଥିବା ପ୍ରତି ଗଛ ପାଇଁ ଏକ ଲକ୍ଷ ଟଙ୍କା ଜରିମାନାର ଦଣ୍ଡାଦେଶ କରିଥିଲେ। ବହୁ ସଂଖ୍ୟାରେ ଗଛ କାଟିବା ମଣିଷକୁ ହତ୍ୟା କରିବା ସହ ସମାନ। ତେଣୁ ପରିବେଶକୁ କ୍ଷତି ପହଞ୍ଚାଉଥିବା ଲୋକଙ୍କ ପ୍ରତି କୌଣସି ଦୟା ଦେଖାଇବା ଉଚିତ୍ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟ ସେହି ମାମଲାରେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ରିପୋର୍ଟକୁ ଗ୍ରହଣ କରି କହିଥିଲେ ଯେ ମଥୁରା-ବୃନ୍ଦାବନର ଡାଲମିଆ ଫାର୍ମରେ ୪୫୪ ଗଛ କଟାଯାଇଥିଲା, ଯାହା ଏକ ଗମ୍ଭୀର ପରିବେଶଗତ ଅପରାଧ। ଏହି କାର୍ଯ୍ୟ ପାଇଁ କମିଟି ପ୍ରତି ଗଛ ପାଇଁ ଏକ ଲକ୍ଷ ଟଙ୍କା (ମୋଟ ୪.୫୪ କୋଟି ଟଙ୍କା) ଜରିମାନା ସୁପାରିସ କରିଥିଲା।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ ଆଶା ସୃଷ୍ଟି କରିଛି ଯେ ଏପରି ବିନାଶକାରୀ ପ୍ରୟାସକୁ କଠୋର ଭାବରେ ବନ୍ଦ କରାଯିବ ଏବଂ ବିକାଶ ନାମରେ ପ୍ରକୃତିକୁ ବଳି ଦେବାର ପ୍ରବୃତ୍ତିକୁ ରୋକାଯିବ। ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଦେଶର ସେହି ଅଞ୍ଚଳଗୁଡ଼ିକ ପାଇଁ ମଧ୍ୟ ଏକ ବାର୍ତ୍ତା ଦେଉଛି, ଯେଉଁଠାରେ ମନ ଇଚ୍ଛା ଗଛ କଟାଯାଏ।

ମଣିଷ ଜୀବନ ବୃକ୍ଷ ବିନା ଅକଳ୍ପନୀୟ। ପରିବେଶ ବିଶେଷଜ୍ଞଙ୍କ ମତରେ, ଆମକୁ ଆମ ଚାରିପାଖରେ ଅନ୍ତତଃ ଏତିକି ଗଛ ଲଗାଇବାକୁ ହେବ, ଯାହା ଦ୍ୱାରା ଆମେ ଆମ ପରିବାରକୁ ଅମ୍ଳଜାନ ଯୋଗାଇପାରିବା। ଜଣେ ବ୍ୟକ୍ତିକୁ ଦିନସାରା ପ୍ରଚୁର ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ। ତେଣୁ ପରିବେଶବିତ୍‌ମାନେ କୁହନ୍ତି ଯେ ଗଛ ଲଗାଇ ନିଜ ପାଇଁ ଅମ୍ଳଜାନ ଉତ୍ପାଦନ କରିବା ଆବଶ୍ୟକ। ନଚେତ୍, ଯେପରି ଆମେ ଆଜି ବୋତଲରେ ପାଣି କିଣି ପିଉଛନ୍ତି, ଆଗାମୀ ସମୟରେ ଆମର ଭବିଷ୍ୟତ ପିଢ଼ି 'ବିଶୁଦ୍ଧ ବାୟୁ ବୋତଲ' କିଣିବାକୁ ବାଧ ହେବେ। ଯଦି ବାୟୁମଣ୍ଡଳରେ ଅମ୍ଳଜାନ ନାହିଁ, ତେବେ ପୃଥିବୀରେ ଜୀବନ ଶେଷ ହୋଇଯିବ। ତେଣୁ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା। ଏକ ରିପୋର୍ଟ ଅନୁଯାୟୀ, ଏକ ସୁସ୍ଥ ଗଛ ପ୍ରତିଦିନ ଏତେ ଅମ୍ଳଜାନ ଛାଡ଼ିଥାଏ ଯେ ଏହା ଛଅରୁ ସାତ ଜଣଙ୍କୁ ଅମ୍ଳଜାନ ଯୋଗାଇପାରେ, କିନ୍ତୁ ପର୍ଯ୍ୟାପ୍ତ ଗଛ ଅଭାବରୁ ଅନେକ ସ୍ଥାନରେ ଗୋଟିଏ ଗଛ ପ୍ରାୟ ୨୦ ଜଣଙ୍କୁ ଅମ୍ଳଜାନ ଯୋଗାଏ। ପ୍ରକୃତରେ ଗଛ ଅଭାବରୁ ପୂର୍ବରୁ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ଦଶପ୍ରତିଶତ ହ୍ରାସ ପାଇଛି। ଫଳସ୍ୱରୂପ, ଫୁସଫୁସକୁ ପର୍ଯ୍ୟାପ୍ତ ଅମ୍ଳଜାନ ନ ମିଳିବାରୁ ସଂକ୍ରମଣ ସହିତ ଶ୍ୱାସ ଓ ହୃଦରୋଗ ଭଳି ସମସ୍ୟା ସୃଷ୍ଟି ହେବା ଆରମ୍ଭ ହୋଇଛି।

ପରିବେଶ ବିଶେଷଜ୍ଞଙ୍କ ଅନୁସାରେ, ଅଶ୍ୱସ୍ତ, ନିମ, ବରଗଛ ଇତ୍ୟାଦି ପ୍ରାୟ ଦୁଇଶହ ବର୍ଷ ଧରି ପ୍ରତିଦିନ ୧୪୦ କିଲୋଗ୍ରାମ ପର୍ଯ୍ୟନ୍ତ ଅମ୍ଳଜାନ ଯୋଗାଇଥା'ନ୍ତି। ଏପରି ପରିସ୍ଥିତିରେ, ଏପରି ପୁରୁଣା ଛାୟାଯୁକ୍ତ ଗଛ କାଟିଲେ ପରିବେଶକୁ କେତେ କ୍ଷତି ପହଞ୍ଚାଏ ତାହା ଯେ କେହିବି ଆକଳନ କରିପାରିବେ। ଆମ ଆଖପାଖରେ ଛାୟାଯୁକ୍ତ ଗଛ ଲଗାଇବା ଏକ ପ୍ରାଚୀନ ଭାରତୀୟ ପରମ୍ପରା। ନିମ, ବର ଓ ତୁଳସୀ ପ୍ରତିଦିନ ୨୦ ଘଣ୍ଟାରୁ ଅଧିକ ସମୟ ପାଇଁ ଅମ୍ଳଜାନ ଛାଡ଼ିଥା'ନ୍ତି। ଅଶ୍ୱସ୍ତ ଗଛ ଦିନକୁ ୨୨ ଘଣ୍ଟାରୁ ଅଧିକ ସମୟ ପାଇଁ ଅମ୍ଳଜାନ ଛାଡ଼ିଥାଏ। ବାଉଁଶ ଗଛ ଅନ୍ୟ ଯେକୌଣସି ଗଛ ତୁଳନାରେ ୩୦ ପ୍ରତିଶତ ଅଧିକ ଅମ୍ଳଜାନ ଉତ୍ପାଦନ କରେ। ଏକ ସୁସ୍ଥ ଗଛରୁ ମିଳୁଥିବା ଅମ୍ଳଜାନର ମୂଲ୍ୟ ଆଧାରରେ ଏପରି ଗଛର ବାର୍ଷିକ ଖର୍ଚ୍ଚ ଲକ୍ଷଲକ୍ଷ ଟଙ୍କା। ସ୍ୱଚ୍ଛ ବାୟୁ ଅଭାବରୁ ଲୋକମାନେ ରୋଗ ଜାଲରେ ଫସି ଯାଉଛନ୍ତି, ସେମାନଙ୍କର ଦକ୍ଷତା ପ୍ରଭାବିତ ହେଉଛି। ଲୋକଙ୍କ ଆୟର ଏକ ବଡ଼ ଅଂଶ ଚିକିତ୍ସାରେ ଖର୍ଚ୍ଚ ହେଉଛି। ଦ୍ରୁତ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏବେ ବୁଝିବା ଆବଶ୍ୟକ ଯେ ବାୟୁମଣ୍ଡଳରେ ଉପସ୍ଥିତ ଅମ୍ଳଜାନରେ ସବୁଠାରୁ ବଡ଼ ଅବଦାନ ଗଛଲତାର।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଉପବାସ: ଏକ ବିଜ୍ଞାନ

**ଓଜସ୍ୱିନୀ**

**ବେଦ-ବିଜ୍ଞାନ**

ପୁରାଣଶାସ୍ତ୍ର ଅନୁସାରେ ଭଗବାନଙ୍କୁ ଭକ୍ତି କରିବାର ଅନନ୍ୟ ମାର୍ଗ ହେଉଛି ବ୍ରତ ଓ ଉପବାସ। ବ୍ରତର ଅର୍ଥ ହେଉଛି ଧର୍ମକାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସଂକଳ୍ପ କରିବା ଏବଂ ଏହି ସଂକଳ୍ପକୁ ଶୁଦ୍ଧ ଚିତ୍ତରେ ସମ୍ପୂର୍ଣ୍ଣ କରିବାର ମାର୍ଗ ହେଉଛି ଉପବାସ। ଅନ୍ୟ ଧର୍ମରେ ମଧ୍ୟ ଉପବାସ କରିବା ପାଇଁ ବିଭିନ୍ନ ପ୍ରକାର ନୀତିନିୟମ ରହିଛି। 'ଉପବାସ' ଦୁଇଟି ଶବ୍ଦର ସମ୍ମିଶ୍ରଣରୁ ସୃଷ୍ଟି। 'ଉପ' ଓ 'ବାସ'। 'ଉପ' ଶବ୍ଦର ଅର୍ଥ ନିକଟ ଏବଂ 'ବାସ' ଶବ୍ଦର ଅର୍ଥ ବସିବା। ଶବ୍ଦାର୍ଥ ଦୃଷ୍ଟିରୁ ଉପବାସର ଅର୍ଥ ହେବ ଭଗବାନଙ୍କ ନିକଟରେ ବସିବା ବା ଶୁଦ୍ଧଚିତ୍ତରେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିବା।

ହିନ୍ଦୁ ଧର୍ମରେ ଉପବାସର ଉଦ୍ଦେଶ୍ୟ ଓ ନିୟମ ଆଧାରରେ ବିଭକ୍ତ କରାଯାଇଛି। ଯଥା-ନିତ୍ୟ ଉପବାସ, ନୈମିତିକ ଉପବାସ, କାମ୍ୟ ଉପବାସ, ସାପ୍ତାହିକ ଉପବାସ, ପାକ୍ଷିକ ଉପବାସ, ତ୍ରୈମାସିକ ଉପବାସ, ବାର୍ଷିକ ଉପବାସ, ଲଘୁ ଉପବାସ, କଠୋର ଉପବାସ, ପ୍ରାତଃ ଉପବାସ, ଅଧୋପବାସ, ଏକଭୁକ୍ତ ଉପବାସ, ରସୋପବାସ, ଦୁଗ୍‌ଧୋପବାସ, ଫଳୋପବାସ ଓ ପୂର୍ଣ୍ଣୋପବାସ। ଏଥିମଧ୍ୟରୁ ନିତ୍ୟ, ନୈମିତିକ ଓ କାମ୍ୟ ଉପବାସ ପ୍ରମୁଖ। ନିତ୍ୟ ଉପବାସର ଅର୍ଥ ହେଉଛି ପ୍ରତିଦିନ ସତ କହିବା, ଇନ୍ଦ୍ରିୟ ଉପରେ ବିଜୟ ଲାଭ, ଲୋଭ ତ୍ୟାଗ ଏବଂ ଆଚାର ଓ ବିଚାର ଶୁଦ୍ଧ, କ୍ରୋଧ ନକରିବା, ପରନିନ୍ଦାରୁ ଦୂରେଇ ରହିବା ଇତ୍ୟାଦି। ନୈମିତିକ ଉପବାସ ହେଉଛି ପାପରୁ ମୁକ୍ତି ପାଇଁ କୌଣସି ବିଶେଷବ୍ରତ ରଖିବା କିମ୍ବା ଅଜାଣତରେ କୌଣସି ବିଶେଷ ପରିସ୍ଥିତିରେ ରହି ଖାଦ୍ୟ ଗ୍ରହଣ ନ କରିବା। ପାପରୁ ମୁକ୍ତ ପାଇଁ ଚାନ୍ଦ୍ରାୟଣ ବ୍ରତ ଓ ଉପବାସ ନୈମିତିକ ଉପବାସର ମୁଖ୍ୟ ଉଦାହରଣ। କାମ୍ୟ ଉପବାସର ଅର୍ଥ ହେଉଛି - ବିଶେଷ କାମନା ରଖି ବ୍ରତ ଓ ଉପବାସ ରଖିବା। ଯଥା - ସନ୍ତାନପ୍ରାପ୍ତି, ଧନସମ୍ପଦ ପ୍ରାପ୍ତି, ଈପ୍‌ସିତ ବ୍ୟକ୍ତି କିମ୍ବା ବସ୍ତୁ ଲାଭ କରିବାର କାମନା, ବିଦ୍ୟାପ୍ରାପ୍ତି ଓ ମୋକ୍ଷପ୍ରାପ୍ତି ଇତ୍ୟାଦି। ବିଶେଷ ଭାବେ ଷଡ଼ଜୟନ୍ତୀ, ଚାରୋଟି ବଡ଼ ଏକାଦଶୀ, ମହାଶିବରାତ୍ରୀ ଓ ୧୨ଟି ସଂକ୍ରାନ୍ତିରେ ଉପବାସ ରହିବା ଦ୍ୱାରା ସମସ୍ତ ପାପ କ୍ଷୟ ହେବା ସହିତ ମୋକ୍ଷ ମିଳିଥାଏ ବୋଲି କୁହାଯାଏ। ରୋଗୀ, ଶିଶୁ ଓ ବୃଦ୍ଧଙ୍କ ପାଇଁ ଉପବାସ ସମ୍ପୂର୍ଣ୍ଣ ବର୍ଜିତ ବୋଲି ଶାସ୍ତ୍ର କହେ। ଉପବାସ ଦିନ କିଭଳି ଦିନଚର୍ଯ୍ୟା କରିବାକୁ ହେବ ଏବଂ କେଉଁ ଭଳି ବସ୍ତ୍ର ପିନ୍ଧିବାକୁ ହେବ, ସେ ସମ୍ପର୍କରେ ମଧ୍ୟ ଅନେକ ନୀତିନିୟମ ଧର୍ମଶାସ୍ତ୍ରାଦିରେ ଉଲ୍ଲେଖ ଅଛି। ଉପବାସ ପରଦିନ ଦୁଃଖିରଙ୍କୁ ଅନ୍ନ, ଜଳ, ବସ୍ତ୍ର ଓ ଅର୍ଥ ଦାନ ଦେଲେ ଉପବାସର ପୁଣ୍ୟ ବୃଦ୍ଧି ହୋଇଥାଏ।

ତେବେ ମୋକ୍ଷଦାୟିନୀ ଓ ପାପନାଶିନୀ ଭାବେ ବର୍ଣ୍ଣିତ ଏହି ଉପବାସର ଧାରା ବର୍ତ୍ତମାନ ସ୍ୱାସ୍ଥ୍ୟବିଜ୍ଞାନ କ୍ଷେତ୍ରରେ ଏକ ମହୌଷଧି ଭାବେ ପରିଗଣିତ। କିଛି ଘଣ୍ଟା ଉପବାସ ରହିଲେ ଶରୀରରେ ଥିବା ହାନିକାରକ ହର୍‌ମୋନ୍ ହ୍ରାସ ପାଇବା ସହ ମେଟାବୋଲିଜିମ୍ ବୃଦ୍ଧି ହୋଇ ଶରୀରର ଅତିରିକ୍ତ ଚର୍ବି କମିଟଶଇ ଶରୀରର ଓଜନ ହ୍ରାସ ପାଏ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ କିଛି ଘଣ୍ଟା ପାଇଁ କରାଯାଉଥିବା ଏହି ଉପବାସ ଏବେ 'ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ୍' ଭାବେ ପରିଚିତ। 'ଏକ୍ସଟେଣ୍ଡେଡ୍ ଫାଷ୍ଟିଙ୍ଗ୍' ନାମକ ଆଉ ଗୋଟିଏ ଉପବାସ ରହିଛି, ଯେଉଁଥିରେ ବ୍ୟକ୍ତିକୁ ୨୪ରୁ ୨୭ ଘଣ୍ଟା ଖାଦ୍ୟ ଗ୍ରହଣ ନ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥା'ନ୍ତି। ଏହି ପ୍ରକ୍ରିୟାରେ ଶୀଘ୍ର ଓଜନ ହ୍ରାସ ହୋଇ ମେଦବହୂଳ ସମସ୍ୟା ଦୂର ହୋଇଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନରେ 'ଅଲ୍‌ଟର୍ ଡେ' ଫାଷ୍ଟିଙ୍ଗ୍' ନାମକ ଅନ୍ୟ ଏକ ଉପବାସ ପ୍ରକ୍ରିୟା ରହିଛି, ଯେଉଁଥିରେ ବ୍ୟକ୍ତି ଗୋଟିଏ ଦିନ ବ୍ୟବଧାନରେ ଖାଦ୍ୟ ଗ୍ରହଣ କରିଥା'ନ୍ତି। 'ପାର୍ସିଆଲ୍ ଫାଷ୍ଟିଙ୍ଗ୍'ରେ ବ୍ୟକ୍ତିକୁ ସୁସ୍ଥ ରଖିବା ପାଇଁ କିଛି ବିଶେଷପ୍ରକାର ଖାଦ୍ୟ ଓ କ୍ୟାଲୋରିଯୁକ୍ତ ଖାଦ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଏ। ଉପବାସ ରହିବା ଦ୍ୱାରା ମେଦବହୁଳତା ହ୍ରାସ ହେବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ, ଶରୀରରୁ ବିଷାକ୍ତ ପଦାର୍ଥ କ୍ଷୟ, ହାନିକାରକ ଜୀବାଣୁ ନଷ୍ଟ, ମୃତ କୋଷିକାଗୁଡ଼ିକ ସ୍ଥାନରେ ନୂତନ ସୁସ୍ଥ କୋଷ ସୃଷ୍ଟି, ଆୟୁ ଓ ଯୌବନ ବୃଦ୍ଧି, ପାଚନ ତନ୍ତ୍ର ଓ ପାଚନ ସମ୍ବନ୍ଧୀୟ ଅଙ୍ଗଗୁଡ଼ିକୁ ସୁସ୍ଥ ରଖିବା, କୋଲେଷ୍ଟ୍ରଲ୍ ସ୍ତର ନିୟନ୍ତ୍ରଣ, ହୃଦ୍‌ପିଣ୍ଡକୁ ସୁସ୍ଥ ରଖିବା, ରକ୍ତ ସଞ୍ଚାଳନ ସଠିକ୍ ରହିବା ଆଦି କାର୍ଯ୍ୟ ପ୍ରାକୃତିକ ଭାବେ ହୋଇଥାଏ। ତେଣୁ ପ୍ରାକୃତିକ ଚିକିତ୍ସା ବିଜ୍ଞାନରେ ମଧ୍ୟ ଉପବାସକୁ ଶ୍ରେଷ୍ଠ ଚିକିତ୍ସକ ସହିତ ତୁଳନା କରାଯାଇଛି। ବିଶ୍ୱବ୍ୟାପୀ ଧର୍ମୀୟ ଭାବନା, ଇତିହାସ, ଆଧୁନିକ ଚିକିତ୍ସା ବିଜ୍ଞାନ, ସୌନ୍ଦର୍ଯ୍ୟଚର୍ଯ୍ୟା ଓ ଆଧୁନିକ ଖାଦ୍ୟଶୃଙ୍ଖଳାରେ ଉପବାସର ଉପକାରିତା ପ୍ରମାଣିତ ହୋଇସାରିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ହାଇକୋର୍ଟଙ୍କ ନିଆରା ଜାମିନ ସର୍ତ୍ତ

## ଦୁଇ ମାସ ପାଇଁ ଦୈନିକ ଦୁଇଘଣ୍ଟା ବ୍ୟାଙ୍କ ସଫେଇ କରିବେ ଅଭିଯୁକ୍ତ

କଟକ, ୨୨।୫ (ସମିସ): ଏକ ନିଆରା ସର୍ତ୍ତ ରଖି ଜଣେ ମହିଳା ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ତଥା ଆବେଦନକାରୀ ମହିଳାଜଣଙ୍କ ଜାମିନ୍‌ରେ ମୁକୁଳିବା ପରେ କଟକ ଲିଙ୍କରୋଡ୍‌ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଇ ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ସଫେଇ କରିବେ। ଏହିଭଳି ଭାବେ ଅଭିଯୁକ୍ତଜଣଙ୍କ ଦୁଇ ମାସ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମନୋଜ୍ଞାନ ପଟ୍ଟନାୟକଙ୍କ ଜାମିନ ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ସର୍ତ୍ତାରୋପ କରି ଜାମିନ ମଞ୍ଜୁର କରିଛନ୍ତି। ସେହିଭଳି ଆବେଦନକାରୀଜଣଙ୍କ ବ୍ୟାଙ୍କ ପରିସରକୁ ପ୍ରତିଦିନ ଉପଯୁକ୍ତ ସଫେଇ କଲେ କି ନାହିଁ, ତାହାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ସମ୍ପୃକ୍ତ ଥାନା ଆଇଆଇସି ତଦାରଖ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ଜାମିନରେ ଛାଡ଼ ପରେ ଆବେଦନକାରୀ ଆଉ କୌଣସି ଅପରାଧ ସହ ସଂଶ୍ଳିଷ୍ଟ ହେବେନାହିଁ ଓ ଏହି ମାମଲାର ତଥ୍ୟ ପ୍ରମାଣକୁ ଜାଲିଆତି କରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଉକ୍ତ ସମସ୍ତ ସର୍ତ୍ତଗୁଡ଼ିକ ଉଲ୍ଲଂଘନ ହେଲେ, ଜାମିନ ଆଦେଶକୁ ପୁନର୍ବାର ବାତିଲ କରିଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ, ଆଶୀର୍ବାଦ ପଟ୍ଟନାୟକ ଓ ତାଙ୍କ ପତ୍ନୀ ମନୋଜ୍ଞାନ ପଟ୍ଟନାୟକ କଟକ ଲିଙ୍କରୋଡସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାରୁ ୧କୋଟି ୫ଲକ୍ଷ ଟଙ୍କା ଋଣ ନେଇଥିଲେ। ସେମାନେ ଯେଉଁ ସମ୍ପତ୍ତି ବନ୍ଧକ ରଖିଥିଲେ, ତାହା ପୂର୍ବରୁ ଇଣ୍ଡିଆନ୍ ବ୍ୟାଙ୍କରେ ବନ୍ଧକ ଥିବା ଜଣାପଡ଼ିଥିଲା। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଏତଲା ଦେଇଥିଲେ। ପରେ ଇଓଡବ୍ଲ୍ୟୁ ଏହି ଦମ୍ପତିକୁ ଗିରଫ କରିଥିଲା। ତେବେ ମନୋଜ୍ଞାନଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

■ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ପଦରୁ ଅଭୟଙ୍କ ଇସ୍ତଫା

## ସୁଧାକର ବୁର୍ଗି କାମଚଳା ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୫(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଅଧ୍ୟକ୍ଷ ଶ୍ରୀ ଅଭୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ସରକାର ଗ୍ରହଣ କରିଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ଓଏସ୍‌ଏସ୍‌ସି ସଦସ୍ୟ ସୁଧାକର ବୁର୍ଗିଙ୍କୁ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ୧୩ ତାରିଖରେ ଶ୍ରୀ ବୁର୍ଗି ଓଏସ୍‌ଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ଏହାର ମାତ୍ର ୧୦ଦିନ ପରେ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଭାବେ ଗୁରୁଦାୟିତ୍ୱ ପାଇଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସର୍ବଦା ସକ୍ରିୟ ରହୁଥିବା ବିଦାୟୀ ଅଧ୍ୟକ୍ଷ ଶ୍ରୀ ଅଭୟ ନିଜ ଇସ୍ତଫା ସମ୍ପର୍କରେ ଲେଖିଛନ୍ତି। କାର୍ଯ୍ୟକାଳ ମଧ୍ୟରେ ସହଯୋଗ ପାଇଁ ସରକାରଙ୍କ ସମେତ ଆଶାୟୀମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।



## ଦୋକାନରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ଲକ୍ଷାଧିକ ଟଙ୍କାର ସରଞ୍ଜାମ

ବାରିପଦା, ୨୨।୫(ସମିସ): ବାରିପଦା ସହରର ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟ ଏକ ଇଲେକ୍ଟ୍ରି ଦୋକାନରେ ଗୁରୁବାର ଭୋରରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସରଞ୍ଜାମ ପୋଡ଼ି ପାଉଁଶ ହୋଇଯାଇଛି। ଭୋର୍ ପ୍ରାୟ ୫ଟା ବେଳେ କେ.କେ ଏଣ୍ଟରପ୍ରାଇଜେସ୍‌ରେ ନିଆଁ ଲାଗିଯାଇଥିଲା। ଦୋକାନରୁ ଧୂଆଁ ବାହାରୁଥିବା ଦେଖି ପ୍ରାତଃ ଭ୍ରମଣ କରୁଥିବା ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିଛି ସମୟ ପରେ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ବେଳେ ବୁଧବାର ରାତିରେ ଦୋକାନ ମାଲିକ ମେନ୍ ସୁଇଚ୍ ବନ୍ଦ କରିଥିବା କହିଛନ୍ତି। ତେଣୁ, ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ ପୋଡ଼ି ଯାଇଥିବା ଦୋକାନ ମାଲିକ ନନ୍ଦକିଶୋର କର୍ଣ୍ଣାଲ କହିଛନ୍ତି। ଅଗ୍ନିକାଣ୍ଡ ନେଇ ତଦନ୍ତ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ ବିଶ୍ୱନାଥ ମୁଣ୍ଡା କହିଛନ୍ତି।

ସେହିପରି ବାରିପଦା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟର ତଳ ମହଲାରେ ଥିବା ଏକ କୋଠରିରେ ନିଆଁ ଲାଗିଯାଇଥିଲା। ଅପରାହ୍ଣ ପ୍ରାୟ ୪ଟାରେ ନିଆଁ



ଦେଖି କର୍ମଚାରୀମାନେ ଦମକଳବାହିନୀକୁ ଖବର ଦେଇଥିଲେ। ଅଗ୍ନିକାଣ୍ଡ ଯୋଗୁଁ ଜେରେକ୍ସ ମେସିନ ସହିତ ବହୁ ଆସବାବପତ୍ରରେ ନିଆଁ ଲାଗି ନଷ୍ଟ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ସରକାରୀ ସ୍ତରରେ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଅଫିସ, ବେସରକାରୀ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ ଓ ପେଟ୍ରୋଲ ପମ୍ପ ଆଦିରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ କଡ଼ାକଡ଼ି ନିୟମ ରହିଛି; କିନ୍ତୁ ନିୟମକୁ ଅବମାନନା କରାଯାଇ ବେପରୁଆ ଭାବେ ସମସ୍ତ ଅନୁଷ୍ଠାନ କାର୍ଯ୍ୟ ଜାରି ରଖିଛନ୍ତି। ଏନେଇ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନଜୀବନ ବିପଦପୂର୍ଣ୍ଣ ରହିଛି। ଦୋକାନ ଘରେ ଲାଗିଥିବା ନିଆଁର ଉପର ମହଲାରେ ଲୋକେ ରହୁଥିବା ବେଳେ ଧୂଆଁ ଦେଖି ସମସ୍ତେ ତଳକୁ ଓହ୍ଲାଇ ଆସିଥିଲେ। ନିଆଁର ଭୟାବହତା ବୃଦ୍ଧି ପାଇଥିଲେ ବହୁ ଧନ ଜୀବନ ହାନି ହୋଇପାରନ୍ତା ବୋଲି ସହରବାସୀ ଭୟଭୀତ ହୋଇପଡ଼ିଥିଲେ। ଏନେଇ ଅତିରିକ୍ତ ଫାୟାର ଅଫିସର୍ ବିଶ୍ୱନାଥ ମୁଣ୍ଡା କହିଛନ୍ତି, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ନେଇ ଚଢ଼ଉ କରାଯାଉଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ତଦନ୍ତ ଜାରି ରହିଛି।

**ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଆଁ**

## ଟ୍ରେନ୍ ଆଗକୁ ଡେଇଁ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନକୁ ଫୁଁ'

ଭଦ୍ରକ, ୨୨।୫(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଷ୍ଟାଫନର୍ସ ସନ୍ତୋଷିନୀ ପଲାଇ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓ କାର୍ଯ୍ୟାନୁଷ୍ଠାନ



ଆରମ୍ଭ କରିଥିଲା ବେଳେ ଏହାର ୫ ଦିନ ପରେ ଏହା ଫସର ଫାଟିଥିବା ଅଭିଯୋଗ ହେଉଛି। ଅପରପକ୍ଷରେ, ନର୍ସ ଶ୍ରୀମତୀ ପଲାଇ ଏବେ ବି କଟକ ଏସସିବି ମେଡିକାଲ କଲେଜରେ ଟ୍ରମା ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି।

ତାଙ୍କ ସ୍ୱାମୀ ନିକୁଞ୍ଜ ବିହାରୀ ମଲ୍ଲିକଙ୍କ ଅଭିଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ୨ଜଣ ନର୍ସ ଓ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନଷ୍ଠାନ ପାଇଁ ଜିଲ୍ଲା ମେଡିକାଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶରେ ମୁଖ୍ୟ ଚିକିତ୍ସାଳୟର ନର୍ସ ସୌଦାମିନୀ ଦାସଙ୍କୁ ମାଟ୍ରନ୍ ଦାୟିତ୍ୱରୁ ହଟାଇ ୱାର୍ଡ ଡ୍ୟୁଟି ଦିଆଯାଇଥିବା ବେଳେ ନର୍ସ କୁସୁମ ମଂଜୁରୀ ପାଢ଼ୀଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିଲା।

**ବଡ଼ ମେଡିକାଲରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ନର୍ସ**

ବରିଷ୍ଠ ଭେଷଜ ଡାକ୍ତର ଅମୂଲ୍ୟ ଦାସଙ୍କୁ ପୁରୁଷ ମେଡିସନ ୱାର୍ଡରୁ ହଟାଇ ମହିଳା ୱାର୍ଡରେ ଡ୍ୟୁଟି ଦିଆଯାଇଥିଲା। ଖୋଦ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁଶେଖର ବଳ ଏହି ଆଦେଶ ପ୍ରଦାନ କରିଥିଲେ। ତେବେ ଆଉ ମାତ୍ର ୭ ଦିନ ପରେ ଅବସର ନେବାକୁ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବଳଙ୍କ ଉକ୍ତ ୧୭ ତାରିଖ ଆଦେଶ ଏଯାଏଁ କାର୍ଯ୍ୟକାରୀ ହୋଇନି। ଦୀର୍ଘ ୫ଦିନ ହେବ ନର୍ସ ଆତ୍ମହତ୍ୟା ଉଦ୍ୟମରେ ଅଭିଯୁକ୍ତ ୨ଜଣ ନର୍ସ ପୂର୍ବବତ ବଦଳି ନହୋଇ କାର୍ଯ୍ୟ କରୁଛନ୍ତି।

ସେହିଭଳି ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବଳ ମଧ୍ୟ ଆଉ ଏକ ଆଦେଶରେ ଉକ୍ତ ୨ଜଣ ନର୍ସ ଓ ଡାକ୍ତରଙ୍କୁ କାହିଁକି ରିଲିଭ୍ କରାଯାଇନି ବୋଲି ପ୍ରଶ୍ନ କରି ଏହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ବଦଳି ହୋଇଥିବା ସ୍ଥାନରେ ଯୋଗଦାନ କରିବାକୁ ଆଦେଶ କରିଛନ୍ତି। ଏଥିସହ ସେମାନଙ୍କୁ ଛୁଟି ମଞ୍ଜୁର ନ କରିବା ଓ ଏହି ଆଦେଶ କାର୍ଯ୍ୟକାରୀ ନହେଲେ ଗୁରୁତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦେଶରେ ଉଲ୍ଲେଖ ଅଛି।

ସୂଚନାଯୋଗ୍ୟ ଯେ ଷ୍ଟାଫ ନର୍ସଜଣଙ୍କ ମେଡିକାଲ ପରିସରକୁ ଡ୍ୟୁଟି କରିବାକୁ ଗତ ୧୬ ତାରିଖ ଶୁକ୍ରବାର ଅପରାହ୍ଣରେ ଭଦ୍ରକ ରେଳ ଷ୍ଟେସନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ବେଳେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ନର୍ସଙ୍କୁ ରେଳବାଇ ପୁଲିସ୍ ଉଦ୍ଧାର କରିବା ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଓ ଶନିବାର ତାଙ୍କୁ ଅଧିକ ଚିକିତ୍ସା ଲାଗି କଟକ ଏସ୍‌ସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆହତ ନର୍ସ ଜଣେ ଡାକ୍ତର ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ଗଣମାଧ୍ୟମ ଆଗରେ ବୟାନ ରଖିଥିଲେ କିନ୍ତୁ କୌଣସି ଲିଖିତ ଅଭିଯୋଗ କରି ନଥିଲେ।

## ୫ ହଜାର ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

କଟକ, ୨୨।୫(ସମିସ): ଭିଜିଲାନ୍ସ ଜାଲରେ ତିଗିରିଆ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ବେହେରା। ଏକ ମାମଲାର ଆପୋଷ ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି। ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ଆଜି କୋର୍ଟଚାଲାଣ କରିଛି। ଏଥିସହ ଶ୍ରୀ ବେହେରାଙ୍କ ହିନ୍ଦୋଳ ନୂତନପାଟଣାସ୍ଥିତ ପୈତୃକ ଘର, ଢେଙ୍କାନାଳ ଟାଉନ୍ ଥାନା ଓ ତିଗିରିଆ ଥାନାର ସରକାରୀ ଆବାସିକ ଗୃହରେ ଚଢ଼ଉ କରିଛି। ଦୁର୍ନୀତି ନିବାରଣ ଆଇନ ଅନୁସାରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି। ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଏଏସ୍‌ଆଇ ଶ୍ରୀ ବେହେରା। ଏକ ବିବାଦ ଉପରେ ଉଭୟ ପକ୍ଷଙ୍କ ଦ୍ୱାରା ଏତଲା ଦାଖଲ କରାଯାଇଥିଲା, ଯାହା ପରେ ସମାଧାନ ହୋଇଥିଲା। କିନ୍ତୁ ଆପୋଷ ବୁଝାମଣା ପରେ, ଏଏସ୍‌ଆଇ ଶ୍ରୀ ବେହେରା ଅଭିଯୋଗକାରୀଙ୍କ ବିରୋଧରେ କାଉଣ୍ଟର ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଲାଞ୍ଚ ମାଗିଥିଲେ। ଅନ୍ୟ କୌଣସି ଉପାୟ ନପାଇ, ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ତିଗିରିଆ ଟ୍ରେଜେରୀ କାର୍ଯ୍ୟାଳୟ ପରିସରରେ ଅଭିଯୋଗକାରୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ଅଭିଯୋଗରେ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସର ଏକ ଦଳ ଗିରଫ କରିଥିଲା।

## ବିଜେଡିରୁ ପାର୍ଥ ସାରଥୀ ମୁଦୁଲି ନିଲମ୍ବିତ

ଭୁବନେଶ୍ୱର,୨୨।୫(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା ଅଭିଯୋଗରେ ବିଜେଡିରୁ ପାର୍ଥ ସାରଥୀ ମୁଦୁଲିଙ୍କୁ ନିଲମ୍ବିତ କରାଯାଇଛି। ବିଜେଡି ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତକ୍ରମେ ଶ୍ରୀ ମୁଦୁଲିଙ୍କୁ ନିଲମ୍ବନ କରାଯାଇଥିବା ନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

**Contact**

**GADHWAL GROUP**

**M.: 9437015112**

**LOST**

By virtue of an affidavit before the Executive Magistrate, Kabisuryanagar, Ganjam, I, Bansidhar Behera, S/o- Saiba Behera, resident of At/Po.- Hindala, Ps. Kabisuryanagar, Dist.- Ganjam state that, in the Birth certificate of my son his name has been correctly mentioned as **Viditya Bansidhar Behera** but in the Aadhaar card no. 9614 8486 3638 his name has been wrongly mentioned as Viditya Behera. I want to correct my son's name as **Viditya Bansidhar Behera** in the said Aadhaar Card.

**AFFIDAVIT**

I, **Minati Patnaik,** W/o.: Swarup Kumar Mohanty, resident of At: House No.: 12, Basera Mansion, Damana, Bhubaneswar, Dist.: Khordha, PIN-751001, Odisha, declare by this affidavit No.: 84, dated-22/02/2025, that now onwards I shall be known as **MINATI PATTANAIK** for all future purposes.

**AFFIDAVIT**

By virtue of an affidavit sworn before the Notary Public, Sunabeda dated 09/05/2025, I Smt Babita Patra D/o- Satyaban Patra, Village - Kumargandhana, Post - Kumargandhana, PS - Nandapur, Dist - Koraput declare that I have changed my name from Basanti Patra to Babita Patra. Henceforth, I shall be known as Babita Patra for all purposes.

**Sd/- Babita Patra**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 12/05/2025, I Smt SOBITA HANTAL D/o- Gupta Hantal, Village - Kadamguda, Post - Kumargandhana, PS - Nandapur, Dist - Koraput declare that I have changed my name from CHANCHALA HANTAL to SOBITA HANTAL . Henceforth, I shall be known as SOBITA HANTAL for all purposes.

**Sd/- SOBITA HANTAL**

**AFFIDAVIT**

By virtue of an affidavit before the Notary Public, Titilagarh, on dated-21/05/2025. I, **Disha Jain,** formerly known as Geeta Agrawal, Wife of Jitendra Kumar Jain, permanent resident of At- Titilagarh, Ward No.6, PO- Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place affirm that I have changed my name from **Geeta Agrawal To Disha Jain.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Disha Jain.** **(Disha Jain)**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 22/05/2025. I, **Laxman Sahu** (Applicant name), Son of Debendra Sahu, permanent resident of At- Sargiguda (Ram Mandir Road), P.O/P.S.- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Monalisa Sahu To Payal Sahu.** Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Payal Sahu.**

**(Laxman Sahu)**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 09/05/2025, I Smt DAITA PANGI D/o- Madhaba Pangi, Village - Chaduguda, Post - Rasabeda , PS -Orkel, Dist - Malkangiri declare that I have changed my name from SABITRI GUNTHA to DAITA PANGI. Henceforth, I shall be known as DAITA PANGI for all purposes.

**Sd/- DAITA PANGI**

**AFFIDAVIT**

I, Himanshu Sekhar Pati, S/o- Rabindra Nath Pati, resident of At Plot No. 65, Unit-4, Madhusudan Nagar, PS- Kharabela Nagar, PO- GPO, PIN-751001, Bhubaneswar, Dist- Khordha, Odisha declared by this affidavit No. 1057, dtd- 21/05/2025 that now onwards I shall be known as **HIMANSU SEKHAR PATI** for all future purposes.

**AFFIDAVIT**

I, Osima Firdus, aged about 53 years, W/o- Mahamad Nayimudin Khan, resident of 1169 (D) Shanti Vihar, Near ITER Square, Jagamara, Bhuaneswar, Pin-751030, Odisha declared by this affidavit No. 1048, dtd. 19/05/2025, that now onwards I shall be known as **OSIMA FIRDOUS** for all future purposes.

**AFFIDAVIT**

By virtue of an affidavit No.875, Dtd.15.12.2014 sworn before the Executive Magistrate, Bahanaga, Balasore. I, Shrikanta Mahalik, S/o. Suratha Mahalik, At.- Kuapada Po.- Kalyani, Ps.- Khantapada, Dist. Balasore, Odisha, PIN. 756044 declare that I will be known as Srikanta Das, S/o. Suratha Das in all respects and in all purpose. Henceforth, I shall be known as Srikanta Das for all purposes.

**AFFIDAVIT**

I, Smita Das, W/o- Susanta Kumar Kabi, resident of At-Nilakanthapur, PO-Kadalibana, PS-Pattamundai, Dist-Kendrapara, PIN-754222, Odisha declared by this affidavit No. 796, dtd- 23/04/2025 that now onwards I shall be known as **SMITA KABI** for all future purposes.

**AFFIDAVIT**

I, Sujaya Kumar Sahoo, S/o-Late Kabiraj Sahoo, resident of Plot No-1083, Nilakantheswar, Mandir Road, Near Tipeisuni Margh, Delta, Dist-Khordha, Pin- 751003, Bhubaneswar,Odisha. Declare by this affidavit No.33, dated-22/05/2025 that now onwards I shall be known as **SUJAY KUMAR SAHOO** for all future purposes.

**AFFIDAVIT**

I, Reshma Bibi, W/o-Sk Mojifur Rahman, of Vill-Kotal Mohalla, P.o- Gujidarda, P.s-Bhadrak(R), Dist-Bhadrak, Pin-756128. Declare by this Affidavit No-4932, 15-05-2025, that now onwards. My Son Name & Address wrongly mentioned as Aadhaar Card No-9781 8423 2518, Mansur Mojiburrehman Shaikh. I shall be known as SK MANSUR of Vill-Kotal Mohalla, P.o-Gujidarda, P.s-Bhadrak (R), Dist-Bhadrak, Pin-756128, for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Athagarh, Dist: Cuttack CF No: 1629 dated 22/04/2025, I **Jayashree Nanda,** W/o Rabinarayan Nanda resident of Village At - Sagadipatana, Po- Barada, Ps-Kishorenagar, Dist- Cuttack, Odisha Pin- 754131 declare that I have changed my minor daughter name from **Rutuparna Nanda** to **Subhashree Priyadarsini.** Henceforth, she shall be known as **SUBHASHREE PRIYADARSINI** for all purposes.

**Sd- Jayashree Nanda**

**AFFIDAVIT**

I, S A Upasana Mangaraj, W/o- Arun Kumar Jena, resident of Plot No- 135, Ashok Nagar, Bhubaneswar, Khurda, Pin- 751009, Odisha declare by this affidavit No. 59, dated-22/05/2025 that now onwards I shall be known as **UPASANA JENA** for all future purposes.

**AFFIDAVIT**

I, Sweety Pattanayak, aged about 40 years, W/o- Prakash Chandra Mahapatra, resident of Nagapal, Udala, Mayurbhanj, Pin-757041, Odisha declared by this affidavit No. 1056, dtd. 20/05/2025, that now onwards I shall be known as **SWEETY PATNAIK** for all future purposes.


## ଅବଶିଷ୍ଟାଂଶ

### ଓଡ଼ିଶାକୁ ଫେରିଲା...

ଅଧିକ ମାମଲା ସାମ୍ନାକୁ ଆସେ କିମ୍ବା ନୂତନ ନିର୍ଦ୍ଦେଶନାମା ଜାରି ହୁଏ, ତେବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ, କେବଳ ଗୋଟିଏ ମାମଲା ରିପୋର୍ଟ ହୋଇଛି। ମାମଲା ବୃଦ୍ଧି ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଡଙ୍ଗା ବୁଡ଼ି...

ପାରିନଥିଲେ। ଫଳରେ ବୁଲୁ କୌଣସି ପ୍ରକାରେ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଗୁରୁବାର ସକାଳୁ ଅନ୍ୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ୩ଜଣଙ୍କ ମୃତଦେହ ଉଦ୍ଧାର କରିଥିଲା।

ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ତହସିଲଦାର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପୀଡ଼ିତ ପରିବାରଙ୍କୁ ତତ୍କାଳ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ଦୋଳଗୋବିନ୍ଦ ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସୂଚନା ପାଇ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନିଜ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### କୃଷି ପୋଖରୀ...

କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ମନରେଗା ଯୋଜନାରେ ୨୩ଟି କୃଷି ପୋଖରୀ ଖନନ ନ କରି ଖନନ ହୋଇଥିବା ଦର୍ଶାଇ ୨୦ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଟଙ୍କା ଆତ୍ମସାତ କରିଥିବା ତଦନ୍ତରେ ଜଣାପଡ଼ିଥିଲା। ଓଡ଼ିଶା ଭିଜିଲାନ୍ସ ସେମାନଙ୍କୁ ଗିରଫ କରିଛି। ସେମାନଙ୍କୁ ଜୟପୁରର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ କୋର୍ଟକୁ ପଠାଯାଇଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ କେସ ନମ୍ବର ୨୦/୨୧/୦୫/୨୦୨୫ଧାରା (୧୩(୨)ଆର/ଡବ୍ଲ୍ୟୁ ୧୩ (୧)(କ)ପିସି (ସଂଶୋଧନ) ଆଇନ,୨୦୧୮/୩୧୮(୪)/୩୧୬(୫)/୩୩୬(୩)/୩୪୦(୨)/୬୧/(୨)ବିଏନଏସ,୨୦୨୩ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

### କଂଗ୍ରେସ ଧାରଣାରେ...

କୌଣସି କମିଟିରେ ସ୍ଥାନ ପାଇ ନାହାନ୍ତି। ସେହିପରି ଏହି ଦୁଇ ବରିଷ୍ଠ ନେତାଙ୍କ ପୁଅମାନଙ୍କୁ କୌଣସି ପଦ ମିଳିନାହିଁ। ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ଓ ଜୟଦେବ ଜେନାଙ୍କ ପୁଅ ମନୋଜ ଜେନା ଦଳର ଦ୍ୱିତୀୟ ପିଢ଼ି ନେତା ଭାବେ ଉଭା ହେଉଥିବା ବେଳେ ଦଳ ଯୁବ ଛାତ୍ର ସଂଗଠନର ଅନେକ କାର୍ଯ୍ୟକ୍ରମ ସଫଳ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ସେମାନଙ୍କୁ ଉପେକ୍ଷା କରି ଭକ୍ତ ନିଜ ଗୋଡ଼ରେ କୁରାଢ଼ୀ ମାରିଛନ୍ତି ବୋଲି ଦଳୀୟ କର୍ମୀ ଚର୍ଚ୍ଚା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ୍ ଓ କଂଗ୍ରେସର ଏକମାତ୍ର ମହିଳା ବିଧାୟକ ସୋଫିଆ ଫିରଦୋସ୍‌ଙ୍କୁ ମଧ୍ୟ କମିଟିରେ ସ୍ଥାନ ଯାଇନାହିଁ। ତେଣୁ ଆଜି ଧାରଣାରେ ସେମାନଙ୍କ ଅନୁପସ୍ଥିତିକୁ ଏହା ସହ ଅନେକ ଯୋଡୁଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଶ୍ରୀକାନ୍ତ ଜେନାଙ୍କ ଭଳି ନେତା ମଧ୍ୟ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରହିବା ଭକ୍ତଙ୍କ ନେତୃତ୍ୱ ପ୍ରତି ନୂଆ ଆହ୍ୱାନ ସୃଷ୍ଟି କରିଛି।

ଆଜି ଧାରଣାରେ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ସାମିଲ ହୋଇଥିବା ବେଳେ ଏଆଇସିସିକୁ ଏ ସଂକ୍ରାନ୍ତରେ ବାର୍ତ୍ତା ଯାଇଥିବା କୁହାଯାଇଛି। ଯେଉଁଥିପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରତୁରନ୍ତ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ ଡକାଯାଇଛି। ସକାଳ ୧୦ଟାରେ କଂଗ୍ରେସ ଭବନରେ ଏହି ବୈଠକ ବସିବା ଓ ପିସିସି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସମେତ ରାଜନୈତିକ ବ୍ୟାପାର କମିଟି ସଦସ୍ୟମାନେ ଉପସ୍ଥିତ ରହିବେ। ରାଜନୈତିକ ବ୍ୟାପାର କମିଟିରେ ପୂର୍ବତନ ପିସିସି ସଭାପତିଙ୍କ ସମେତ ଅନ୍ୟ ହେଭିୱେଟ୍ ମାନେ ସଦସ୍ୟ ରହିଥିବାରୁ ଏହି ବୈଠକରେ ନୂତନ କମିଟିକୁ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି।

### କର୍କଟ ରୋଗୀଙ୍କ...

ତାହା ମିଳୁନାହିଁ। ଆୟୁଷ୍ମାନ କାର୍ଡ କେବଳ ଅପରେସନ, କେମୋ ଓ ଲାଇଟ୍ ପାଇଁ ବ୍ୟବହାର ହେଉଛି। ବାକି ସବୁ ପରୀକ୍ଷା, ଔଷଧ ପାଇଁ ଥରେ ଆସିଲେ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସେ ଅଭିଯୋଗ କରିଛନ୍ତି। ଆଉ ଜଣେ ରୋଗୀ ସମ୍ପର୍କୀୟ ମଧ୍ୟ ଆୟୁଷ୍ମାନ କାର୍ଡର ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ବିଏସ୍‌କେୱାଇ କାର୍ଡ ନେଇ ଗଲା ଚିକିତ୍ସା ହେବାସହ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁ ନ ଥିଲା। କେବଳ ରହିବା ପାଇଁ ଖର୍ଚ୍ଚ ହେଉଥିଲା। କିନ୍ତୁ ଏବେ ଆୟୁଷ୍ମାନ ଯୋଜନାରେ ହୋଇଥିବା ପରିବର୍ତ୍ତନ ଅନୁସାରେ ମୁମ୍ବାଇରେ ଥିବା ଡାକ୍ତରଖାନା ମାନଙ୍କରେ ସବୁ ସୁବିଧା ଦିଆଯାଉନାହିଁ। ଏହିଭଳି ଅନେକ ରୋଗୀ ମୁମ୍ବାଇ ନିୟମିତ ଯାଇ ଚିକିତ୍ସିତ ହେଉଥିବା ବେଳେ ଆୟୁଷ୍ମାନ ଯୋଜନା କାର୍ଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ଏଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।


**ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର**

ଗ୍ରା. ଦୁର୍ଗାପାଲି, ପୋ. ପାଇକମାଲ, ଜି. ବରଗଡ଼ (ଓଡ଼ିଶା), ଇନଡେକ୍ସ ନଂ. ୧୪୦୬/ ୮ଏନ୍‌ଏସ୍

LI No. 237/(2)/19.5.2025

**ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ବିଭିନ୍ନ ମୌଜା ସ୍ଥିତ ଚାଷ ଜମି [illegible]

| ମୌଜା | କିସମ | ମୋଟ ଜମି(ଏକର) | ଅମାନତ | ନିଲାମରେ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| [illegible] | ବାହାଲ (ବନ୍ଧ ତଳ ଠାରୁ ତଳ ବାହାଲ) | ଏ୪୮.୬୭ | ଟ.୧,୧୨,୫୩୦/- | ଟ. ୩,୭୫,୧୦୦/- |
| | ମାଲ | ଏ୨୮.୦୦ | | |
| | ଅଟ | ଏ୨୨.୦୦ | | |
| ପାଇକମାଲ | ମାଲ | ଏ୫.୦୦ | ଟ.୭,୬୦୦/- | ଟ. ୨୫,୦୦୦/- |
| ସାରେପାଲି | ମାଲ ଓ ବାହାଲ (ଡାଙ୍ଗର ସହିତ) | ଏ୨୫.୦୦ | ଟ.୧,୩୦,୨୦୦/- | ଟ.୪,୩୪,୦୦୦/- |
| [illegible] | ମାଲ | ଏ୬.୦୦ | ଟ. ୧୫,୦୦୦/- | ଟ. ୫୦,୦୦୦/- |
| [illegible] | ବେର୍ଣ୍ଣମାଲ | ଏ୨୮.୦୦ | ଟ. ୨୪,୦୯୦/- | ଟ. ୮୦,୩୦୦/- |
| ଦୁର୍ଗାପାଲି | ବେର୍ଣ୍ଣ | ଏ୫.୦୦ | ଟ. ୬,୦୦୦/- | ଟ.୨୦,୦୦୦/- |

ନିୟମାବଳୀ: [illegible]

ସ୍ୱା/- ଏ.ବି.ଡି.ଓ ପାଇକମାଲ ତଥା [illegible]

ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

# ନିମ୍ନମାନର ରାସ୍ତା କାମକୁ ବନ୍ଦ କଲେ ପଞ୍ଚାୟତବାସୀ

ବେଲବାହାଳି, ୨୨।୫ (ସମିସ)



ରାସ୍ତା ପ୍ରଶସ୍ତୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲିଥିବା କାମ ନିମ୍ନମାନର କାମ ଯୋଗୁଁ ପଞ୍ଚାୟତବାସୀ ବନ୍ଦ କରିଛନ୍ତି। ଅଞ୍ଚଳବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉନ୍ନତ ମାନର ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାବି ଜଣାଇଛନ୍ତି। ନିମ୍ନମାନର ରାସ୍ତା କାମକୁ ନେଇ ଗତ ୨ଦିନ ହେବ ଲାଗି ରହିଛି ଗାଁରେ ଉତ୍ତେଜନା। ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ରାସ୍ତା କାମ ଚଳାଇଛି ଠିକାଦାର। କାମ ହେଉଥିବା ସ୍ଥାନରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କ ଦେଖା ଦର୍ଶନ ନାହିଁ। ଶେଷରେ ଆଜି ଗାଁର ଶତାଧିକ ପୁରୁଷ ମହିଳା ଏକତ୍ରିତ ହୋଇ ରାସ୍ତା କାମ ବନ୍ଦ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ୍ ଟୋଲଙ୍କପଡାଠାରେ। ବନ୍ୟାପ୍ରବଣ ଭାବେ ବେଶ୍ ଜଣାଶୁଣା ଏହି ଅଞ୍ଚଳରେ ବର୍ଷା ଦିନେ କୁଶେଇ ନଦୀ ଆଡିବନ୍ଧ ଦେଇ ଏହି ରାସ୍ତାରେ ଘାଇ ହୋଇ ଅନେକ କ୍ଷୟକ୍ଷତି କରିଥାଏ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨କୋଟି୪୦ ଲକ୍ଷ ବ୍ୟୟ ଅଟକଳରେ ଟେଣ୍ଡର ମାଧ୍ୟମରେ ରାସ୍ତାକାମ ଆରମ୍ଭ ହୋଇଛି। ୩.୨୭ ମିଟର ପୂର୍ବରାସ୍ତାକୁ ଚଉଡା କରି ୫.୫ ମିଟର କରାଯିବ; ହେଲେ ଠିକାଦାର ବାଲିଆ ମାଟି ବ୍ୟବହାର କରି ରାସ୍ତାକାମରେ ଲଗାଉଛନ୍ତି। ଫଳରେ ଗୋଟିଏ ବନ୍ୟା ଆସିଲେ ରାସ୍ତା ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ଅଧିକାରୀ ସବୁ ଦେଖି ଚୁପ ରହିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ରାସ୍ତା ଦେଇ ସରକାରଙ୍କ ଦ୍ୱାରା ପ୍ରଚଳିତ ମୁଖ୍ୟମନ୍ତ୍ରୀ ବସ୍ ସେବା ସମେତ ଆମ୍ବୁଲାନସ ଗାଡି ପଞ୍ଚାୟତକୁ ଯାଉଥିଲେ ସୁଦ୍ଧା ହରିଡ଼ାପାଳ ପଞ୍ଚାୟତ ସଠିକ୍ ରାସ୍ତା ନଥିବାରୁ ବିଭିନ୍ନ ସମୟରେ ଉକ୍ତ ସେବାରୁ ବଞ୍ଚିତ ହୋଉଛନ୍ତି। ଉକ୍ତ ରାସ୍ତାରେ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗାଡ଼ି ଯିବା ଅତ୍ୟନ୍ତ ମୁସ୍କିଲ। ବେଲବାହାଳିରୁ ହରିଡାପାଳ ରାସ୍ତାରେ କିଛି ମୁଷ୍ଟିମେୟ ନ୍ୟସ୍ତ ସ୍ୱାର୍ଥ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ରାସ୍ତାକୁ ଜବରଦଖଲ କରିବା କାରଣରୁ ରାସ୍ତା ସଙ୍କୁଚିତ ହେବା ମୁଖ୍ୟ କାରଣ। ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯିବା ସହ ଉନ୍ନତ ମାନର କାର୍ଯ୍ୟ ହେଲେ ରାସ୍ତା କାମ ଶେଷ ହେବ ନହେଲେ କାମ ବନ୍ଦ ରହିବ ବୋଲି ଗ୍ରାମବାସୀମାନେ ରୋକଠୋକ କହିଛନ୍ତି।

**ଜବରଦଖଲ ଉଚ୍ଛେଦ ଦାବି**

## ନାଳରେ ପଡ଼ିଲା ଟ୍ରକ୍



**କେନ୍ଦୁଝର,୨୨।୫(ସମିସ):** ଅଁଶା ବ୍ରାହ୍ମଣୀ ନାଳ ଭିତରେ ଆଜି ଜଗଦବା ପଟ୍ଟ ସାମଗ୍ରୀ ଧରି ଅଁଶା ଶ୍ରୀମେଟାଲିକ୍ସ ପ୍ଲାଣ୍ଟକୁ ଆସୁଥିବା ଏକ ୧୬ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୌଭାଗ୍ୟ ବଶତଃ ଚାଳକ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗାଡ଼ି ଡାଲାରେ ଲୋଡ ଥିବା ବସ୍ତାଗୁଡିକ ପାଣିରେ ବୁଡି ଯାଇଛି।

## କେନାଲ କାମର ଭିଜିଲାନ୍ସ ତଦନ୍ତ

**ସୋସୋ,୨୨।୫(ସମିସ):** ହାଟଡିହି ବ୍ଲକ ବିଦ୍ୟାଧରପୁର କେନାଲ ଡିଭିଜନ ଅଧୀନରେ ହଡଗଡ଼, ଖଇରା ରହିଛି। ଏହି ଡିଭିଜନ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଏଫ-୨ ଓ କେ-୨ ମାଧ୍ୟମରେ କାର୍ଯ୍ୟ କରାଯାଉଥିବାବେଳେ ନିମ୍ନମାନର କାର୍ଯ୍ୟ କରି ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରେ ଅଭିଯୋଗ ପରେ ଗୁରୁବାର ଖଇରାକୁ ଭିଜିଲାନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଏହାପରେ ଏବେ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାର ମହଲରେ ଛନକା ପଶିଯାଇଛି। ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଏଭଳି ଅଭିଯୋଗକୁ ତଦନ୍ତ କରାଯାଇ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି କହିବା ପରେ ଡିଭିଜନର ଅଧିକାରୀଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ଚିନ୍ତାରେ ପଡିଛନ୍ତି। ଅପରପକ୍ଷରେ, ୨୦୨୫-୨୬ ଆର୍ଥିକ ବର୍ଷରେ କିଛି ଠିକାଦାର କାର୍ଯ୍ୟ କରିନଥିବାବେଳେ ଏଥିରେ ମଧ୍ୟ ରାଜନୀତି ହେଉଥିବା ଅଭିଯୋଗ ହେଉଛି।

## ଜବତ ହାଇୱାକୁ ଲକ୍ଷାଧିକ ଟଙ୍କା ଜରିମାନା



**ତୁରୁମୁଙ୍ଗା,୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ତୁମୁରିଆ ବୈତରଣୀ ନଦୀ ଘାଟରୁ ବେଆଇନ ବାଲି ଚୋରା ଚାଲାଣ ସମୟରେ ବନ ବିଭାଗ ଚଢ଼ଉ କରି ଦୁଇଟି ହାଇୱାକୁ ଜବତ କରିଥିଲା। ଉଭୟ ଗାଡ଼ିରୁ ୪ ଲକ୍ଷ ୩ ହଜାର ୧୫୮ ଟଙ୍କା ଜରିମାନା ଆଦାୟ ପରେ ଗାଡିକୁ ଗୁରୁବାର ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଗାଁ ଥାନା ଡେଙ୍ଗିକୋଟର ଦିଗମ୍ବର ନାୟକଙ୍କଠାରୁ ୨ ଲକ୍ଷ ୬୩୬ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଟାଉନ ଥାନା ନରଣପୁର ଗ୍ରାମର ଅଜିତ ସାହୁଙ୍କଠାରୁ ୨ ଲକ୍ଷ ୨ ହଜାର ୫୨୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିସହ ଚାମ୍ପୁଆପଡ଼ା ବୈତରଣୀ ବାଲିଘାଟରୁ ବେଆଇନ ବାଲି ଚାଲାଣ ବେଳେ ଜବତ ହୋଇଥିବା ବଡ଼ଯଶପୁର ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ଗାଡ଼ିରୁ ବନ ବିଭାଗ ୨ ଲକ୍ଷ ୧୩ ହଜାର ୫୩୦ ଟଙ୍କା ଜରିମାନା ଆଦାୟ ପରେ ହାଇୱାକୁ ଛାଡ଼ିଥିବା ଜଣାପଡ଼ିଛି।

## ବାଲି ଚୋରା ଚାଲାଣ ନେଇ ଉତ୍ତେଜନା

**ସୋସୋ, ୨୨।୫(ସମିସ):** ହାଟଡିହି ବ୍ଲକ ବୈତରଣୀ ନଦୀକୂଳରୁ ବେଆଇନ ଚୋରା ବାଲି ଚାଲାଣ ନେଇ ଜାରି ରହିଛି। ବାଲି ଚାଲାଣ ଅନୁମତି ନଥିବା ସମୟରେ କିଛି ଗାଡ଼ି ଅନ୍ୟ ଜିଲ୍ଲାର ଚାଲାଣ କାଗଜ ଧରି ବୁଲୁଛନ୍ତି। ବେଆଇନ ବାଲି ଚାଲାଣ ପାଇଁ ସାଧାରଣ ଲୋକଙ୍କ ଯାତାୟତ ଏବେ ବାଧାପ୍ରାପ୍ତ ହେଉଛି। ଫଳରେ ଅସନ୍ତୋଷ ପ୍ରକାଶ ପାଉଛି। କିଛି ବେଆଇନ ଚାଲାଣ ଗାଡ଼ିକୁ ରଣା ଛକର ବୁଧବାର କିଛି ଯୁବକ ଅଟକାଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖା ପରେ ଯୁବକମାନେ ନନ୍ଦିପଦା ଥାନାକୁ ଜଣାଇଥିଲେ। ନନ୍ଦିପଦା ପୁଲିସ ସେମାନଙ୍କ କଥାକୁ ଶୁଣିବା ପରିବର୍ତ୍ତେ ତୁମେ କିଏ ଗାଡ଼ି ଅଟକାଇବାକୁ କହି ଧମକାଇଥିବା ଅଭିଯୋଗ ହୋଇଛି। ପରେ କିଛି ନେତା ଗାଡ଼ି ଅଟକା ଯାଇଥିବା ଖବର ପାଇବା ପରେ ପୁଲିସକୁ ଖବର କରି ଯେଉଁ ଯୁବକମାନେ ଗାଡି ଅଟକାଇଛନ୍ତି ସେମାନଙ୍କୁ ଥାନାକୁ ନେଇ ଆସନ୍ତୁ ବୋଲି କହିବା ପରେ ପୁଲିସ ଜଣକୁ ଥାନାକୁ ନେଇ ଆସିଥିବା ଚର୍ଚ୍ଚା ଜୋର ଧରିଛି। ଏପରି ଜାରି ରହିଲେ ଆଗାମୀ ଦିନରେ ନନ୍ଦିପଦା ଥାନାଞ୍ଚଳ ପୁଣି ଅଶାନ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

## ଯୁବ ବ୍ୟବସାୟୀଙ୍କ ପରଲୋକ



**ତେଲକୋଇ, ୨୨।୫(ସମିସ):** ତେଲକୋଇ ବଜାର କଲେଜ ରୋଡରେ ଥିବା ମା' ତାରିଣୀ ଷ୍ଟୁଡିଓ (ପୋଦାର ଷ୍ଟୁଡିଓ)ର ମାଲିକ ତଥା ଯୁବ ବ୍ୟବସାୟୀ ମଣ୍ଟିତ ପୋଦାର (୨୮)ଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ସେ ବୁଧବାର ସନ୍ଧ୍ୟାରେ ନିଜର ବୁଲେଟ ଯୋଗେ କାଞ୍ଜିପାଣି ଅଞ୍ଚଳକୁ ଯାଇ ଘରକୁ ଫେରୁଥିଲେ। ପଥରା ନଣା ଘାଟିରେ ଏକ ଟ୍ରକ୍ର ସହ ମୁହାଁମୁହିଁ ହେବାରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ରହିଥିବା ଜଣାପଡ଼ିଛି। ଶ୍ରୀ ପୋଦାରଙ୍କ ମୃତ୍ୟୁ ପରେ ତେଲକୋଇ ଲକ୍ଷ୍ମୀନାରାୟଣ ବଣିକ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିବା ବେଳେ ତେଲକୋଇ ବଜାରକୁ ଦିନ ୧୨ଟା ବନ୍ଦ କରାଯାଇଛି।

## ଫାଇଲେରିଆ ରୋଗ ନିରୂପଣ ଶିବିର

**ଆନନ୍ଦପୁର, ୨୨।୫ ସମିସ):** ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଫାଇଲେରିଆ ରୋଗ ନିରୂପଣ ଶିବିର ଓ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆନନ୍ଦପୁର ୪ନଂ ୱାର୍ଡରେ ଆୟୋଜିତ ଶିବିରରେ ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫାଇଲେରିଆ ରୋଗର ଚିହ୍ନଟ ପାଇଁ ୬୫ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟ ରମାନାଥ ମହାନ୍ତି, କାଟଚକ୍ର ବିଜ୍ଞାନୀ ଜିତୁନ ସାହୁ, ସ୍ୱାସ୍ଥ୍ୟକର୍ମୀ ସୁକାନ୍ତ ଜେନା ସହଯୋଗ କରିଥିଲେ। ୨୦ବର୍ଷରୁ ଅଧିକ ବ୍ୟକ୍ତିଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେହିପରି ୧ନଂ ୱାର୍ଡରେ ୨୦ଜଣ, ୩ନଂ ୱାର୍ଡରେ ୬୫ଜଣ ବ୍ୟକ୍ତିଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଫାଇଲେରିଆ ରୋଗର ନିରାକରଣ ପାଇଁ ପୌରପରିଷଦର ସମସ୍ତ ୱାର୍ଡ଼ରେ ଏହି ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

## ରେମାଳ କେନାଲ ନିମ୍ନମାନର କାର୍ଯ୍ୟକୁ ଚାଷୀଙ୍କ ବିରୋଧ



**ଆନନ୍ଦପୁର, ୨୨।୫ (ସମିସ):** କେନ୍ଦୁଝର ଜିଲ୍ଲା ହଦଗଡ଼ ଡ୍ୟାମ ରଙ୍ଗମରା ଦୁର୍ନୀତିକୁ ଅଞ୍ଚଳବାସୀ ବିରୋଧ କରିବା ଘଟଣାରେ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସମ୍ପ୍ରତି ରେମାଳ କେନାଲ ନିର୍ମାଣରେ ଅନିୟମିତତାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରେମାଳ କେନାଲର ମୁଖ୍ୟ କେନାଲଠାରୁ ଖଇଲୋ ପର୍ଯ୍ୟନ୍ତ କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। ୨୦୨୪ ମେ ମାସରେ ଧବାଡ଼ିସାହିଠାରୁ ଖଇଲୋ ପର୍ଯ୍ୟନ୍ତ ୨.୪ କିମି କେନାଲ ନିର୍ମାଣପାଇଁ ୨କୋଟି ୧୨ଲକ୍ଷ ୮୧ହଜାର ଟଙ୍କାର ଟେଣ୍ଡର ହୋଇଥିଲା। ନିର୍ମାଣ କାମ ଆରମ୍ଭ ହେବା ବେଳେ ଗ୍ରାମବାସୀଙ୍କ ସହ ଠିକାସଂସ୍ଥାର ମୁହାଁମୁହିଁ ସ୍ଥିତି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀଙ୍କ ବିରୋଧ ଯୋଗୁଁ କାମ ବନ୍ଦ ରହିଥିଲା। କିଛିଦିନର ବ୍ୟବଧାନ ପରେ ପୁଣି କାମ ଆରମ୍ଭ ହୋଇଛି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ବିନା ସୂଚନାଫଳକରେ କାମ ହେଉଥିବା ଅଭିଯୋଗ ହୋଇଛି ସ୍ଥାନୀୟ ଚାଷୀ କୌଣସି ସୂଚନା ନପାଇ ଅନ୍ଧାରରେ ରହିଛନ୍ତି। କେନାଲ ଶଯ୍ୟାରେ ୪ଇଞ୍ଚର ମେଟାଲ ବ୍ୟବହାର ପାଇଁ ଅଟକଳରେ ଥିବାବେଳେ ମାତ୍ର ଦୁଇଇଞ୍ଚ ମେଟାଲ ପକାଯାଉଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ବାଲି ବଦଳରେ ମାଟି ଫିଲିଂ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କାମ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନଥିବାରୁ ନିର୍ମାଣ କାର୍ଯ୍ୟ ମନମାନିରେ ଚାଲିଛି। ଠିକାସଂସ୍ଥା ପକ୍ଷରୁ ଅତି ତରବରିଆ ଭାବେ କାମ କରାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

## ଟ୍ରାକ୍ଟର ଡାଲା ଓଲଟି ଶ୍ରମିକ ମୃତ, ସାଥୀ ଗୁରୁତର

**ବଡବିଲ,୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ବଡବିଲ-ଠାକୁରାଣୀ ରାସ୍ତାରେ ଏକ ଟ୍ରାକ୍ଟର ଡାଲା ଓଲଟି ପଡିବାରୁ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଆଉ ଜଣେ ଗୁରୁତର ଆହତ ଅବସ୍ଥାରେ ବଡ଼ବିଲ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବାହ୍ନ ସମୟରେ ଏକ ଟ୍ରାକ୍ଟର କିଛି ସିମେଣ୍ଟ ଖୁଣ୍ଟ ନେଇ ଉକ୍ତ ରାସ୍ତାରେ ଯାଉଥିବାବେଳେ ବଡବିଲ ଥାନାରୁ ପ୍ରାୟ ଏକ କିଲୋମିଟର ଦୂର ରାଜୀବ ବିହାର କଲୋନୀ ନିକଟରେ ଉକ୍ତ ଟ୍ରାକ୍ଟରର ଡାଲା ଓଲଟି ପଡିଥିଲା। ଶ୍ରମିକ ରାଜା ହେମ୍ବ୍ରମ (୨୩) ସିମେଣ୍ଟ ଖୁଣ୍ଟ ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ଘର ବଡବିଲ ପୌରାଞ୍ଚଳର ଶାନ୍ତବାହାଳ ଗ୍ରାମରେ। ଅନ୍ୟ ଜଣେ ଶ୍ରମିକ ସଞ୍ଜୟ ତିର୍କୀ ଚିକିତ୍ସାଧୀନ ଥିବା ବେଳେ ପୁଲିସ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇ ଟ୍ରାକ୍ଟରଟିକୁ ଜବତ କରିଥିବା ବଡ଼ବିଲ ଥାନାଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି।

## ୨ ଦିନିଆ ପେପର୍‌ଲେସ୍ ଅନ୍‌ଲାଇନ କର୍ମଶାଳା



**ଚମ୍ପୁଆ,୨୨।୫(ସମିସ):** ଓଏସ୍‌ଡବ୍ଲୁଏଏସ୍ ପକ୍ଷରୁ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାଗୃହଠାରେ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପେପରଲେସ୍ ଅନଲାଇନ ସେବା ପ୍ରଦାନ ବ୍ୟବସ୍ଥାକୁ ନେଇ ଉପଖଣ୍ଡସ୍ତରୀୟ ଏହି କର୍ମଶାଳା ପ୍ରଥମ ଦିନରେ ୩ଟି ପର୍ଯ୍ୟାୟରେ ହୋଇଥିଲା। ଦ୍ୱିତୀୟ ଦିନରେ ଏହା ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମାଷ୍ଟରଟ୍ରେନର ଭାବରେ ଟିସିଏସ୍‌ର ଶାନ୍ତନୁ କୁମାର ଦାସ ଓ ଓସିଏସି ପି ଗଣେଶ କୁମାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ଉପଖଣ୍ଡରେ ଥିବା ଉପଜିଲ୍ଲାପାଳ କାର୍ଯ୍ୟାଳୟ, ବଡବିଲ, ଝୁମ୍ପୁରା, ଚମ୍ପୁଆ, ତହସିଲ କାର୍ଯ୍ୟାଳୟ, ସବଟ୍ରେଜେରି ଅଫିସ, ସବରେଜିଷ୍ଟର ଅଫିସ, ଡେପୁ୍ୟଟିଡାଇରେକ୍ଟର ମାଇନିଙ୍ଗ ଯୋଡା ଅଫିସ, ଆସିଷ୍ଟାଂଟ୍ ଲେବର ଅଫିସ, ଡେପୁ୍ୟଟି କମିସନର ଅଫ କମର୍ସିଆଲ ଟାକ୍ସ ବଡବିଲ ଅଫିସ ଆଦିର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଦ୍ୱିତୀୟ ଦିନରେ ବ୍ଲକ ଏଜୁକେସନ ଅଫିସର ଏସ୍‌ଡିପିଓ ଚମ୍ପୁଆ, ବଡବିଲ, ଚମ୍ପୁଆ ସବଡିଭିଜନ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡର ସମସ୍ତ ସିଡିପିଓ, ଯୋଡା ମ୍ୟୁନିସି ପାଲିଟି, ବଡବିଲ ମ୍ୟୁନିସି ପାଲିଟି, ଚମ୍ପୁଆ ଏନଏସି ସହିତ ଯୋଡା, ଚମ୍ପୁଆ, ଝୁମ୍ପୁରା ବ୍ଲକର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ଜିଲ୍ଲାପାଳ ସୁଜିତ କୁମାର ସ୍ୱାଇଁ, ଫୁଲଲାଇ ବେସ୍ରା, ସମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବାଇକ୍‌କୁ ଧକ୍କାଦେଲା କାର୍; ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ତୁରୁମୁଙ୍ଗା, ୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ଭୀମକୁଣ୍ଡ ରାସ୍ତାର ଏରେଣ୍ଡେଇ ନିକଟରେ ବୁଧବାର ରାତି ୮ ୩୦ ସମୟରେ ଏକ ଅଜଣା କାର ବାଇକକୁ ଧକ୍କାଦେବାରୁ ବାଇକରେ ଯାଉଥିବା ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ୱାମୀ ହେଲେ ଏରେଣ୍ଡେଇ ଗ୍ରାମର ଗୋଲକ ସେଠୀ (୫୫) ଏବଂ ଗୁରୁତର ସ୍ତ୍ରୀ କୁଶଭଦ୍ରା ସେଠୀ। ପାଟଣା ପୁଲିସ ଏଏସଆଇ ଧନେଶ୍ୱର ପାତ୍ର ଗୁରୁବାର କେନ୍ଦୁଝର ମେଡିକାଲରେ ସ୍ୱାମୀଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି।

## ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

**କେନ୍ଦୁଝର, ୨୨।୫(ସମିସ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଜୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକ ରକ୍ତଦାନ ଶିବିର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ପରିଚାଳନା କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାୟକ, ମହିଳା କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ତେଲକୋଇ ବିଧାୟକ ପ୍ରାର୍ଥୀ ନିର୍ମଳ ନାୟକ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶୁଭମ ରାଜ, କଂଗ୍ରେସ ନେତା ରତ୍ନାକର ଜେନା, ସୁଦର୍ଶନ ପାଇକରାୟ, ଲଳିତ ମୋହନ ନାୟକ, ମନରଞ୍ଜନ ରାଉତ ସହଯୋଗ କରିଥିଲେ।

## ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲଚନ୍ଦ୍ର ନାଏକଙ୍କ ପରଲୋକ



**ତୁରୁମୁଙ୍ଗା, ୨୨।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖୀରେଇଟାଙ୍ଗିରୀ ଗ୍ରାମର ବାସିନ୍ଦା ୨୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସଦସ୍ୟ ପ୍ରଫୁଲ୍ଲଚନ୍ଦ୍ର ନାଏକ(୬୫)ଙ୍କ ବୁଧବାର ରାତି ୩ଟାରେ ପରଲୋକ ଘଟିଛି। ଶ୍ରୀ ନାଏକଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହୃଦ୍‌ଘାତରେ ତାଙ୍କ ପରଲୋକ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସିଡିଇଓ କୁମାର ନାଗଭୂଷଣ, ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ବିଜେପି ନେତା ରାଧାକାନ୍ତ ମହାନ୍ତ ଶୋକ ପ୍ରକାଶ କରିଛନ୍ତି। ଉତ୍ତର ଓଡ଼ିଶା ଯୁବ ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ, ମିତ୍ରଭାନୁ ମହାନ୍ତ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ଦେବବ୍ରତ ନାଏକ ମୁଖାଗ୍ନି ଦେଇଥିଲେ। ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ, ଜିଲ୍ଲା ପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାଏକ, ରୁନୁ ମହାନ୍ତ, ରାଧାକାନ୍ତ ନାଏକ, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାବିକଲେ ୱାର୍ଡସଭ୍ୟ



**ଚମ୍ପୁଆ,୨୨।୫(ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଉକ୍ତ ପଞ୍ଚାୟତର ୮ ଜଣ ୱାର୍ଡମେମ୍ବର ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଲିଖିତ ଦାବି ଜଣାଇଛନ୍ତି। ସରପଞ୍ଚ ଅମୃତି ମୁଣ୍ଡା ଉନ୍ନତି ମୂଳକ କାର୍ଯ୍ୟ ନ କରି ନିଜ ମନଇଚ୍ଛା କାର୍ଯ୍ୟ କରୁଛନ୍ତି, ଏପରିକି ୫ ମାସ ହେଲାଣି ପଞ୍ଚାୟତରେ କୌଣସି ବୈଠକ ନଡାକି ତଥା ୱାର୍ଡମେମ୍ବରଙ୍କୁ କିଛି ଅବଗତ ନକରି ନିଜ ମନ ମୁତାବକ ଆଇନ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ କରାଯାଇଛି। ପଞ୍ଚାୟତବାସୀଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ ନଦେଇ ସେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଫଳରେ ପଞ୍ଚାୟତବାସୀ ତାଙ୍କଠାରୁ ଆସ୍ଥା ହରାଇ ସାରିଲେଣି। ସୂଚନାଯୋଗ୍ୟକି ଏହି ଦାବିପତ୍ର ୱାର୍ଡମେମ୍ବରମାନେ ସହକାରୀ ଜିଲ୍ଲାପାଳ ସୁଜିତ କୁମାର ସ୍ୱାଇଁଙ୍କୁ ତାଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ଚାଲିଛି ଟାଟା ପାୱାର ଏସ୍‌ଡିଓଙ୍କ ମନମାନି; ଲୋକେ ଅତିଷ୍ଠ

ତେଲକୋଇ, ୨୨।୫(ସମିସ)



ସରକାର ବିଦ୍ୟୁତ୍ କାଟ ନକରିବା ପାଇଁ ନିର୍ଦ୍ଦେଶ ଜାରି କରିଥିବାବେଳେ ଟାଟା ପାୱାରର ତେଲକୋଇ ସେକ୍ସନ ଦାୟିତ୍ୱରେ ଥିବା ଏସଡିଓ ମନଇଚ୍ଛା ବିଦ୍ୟୁତ୍ କାଟ ପାଇଁ ୩୩ କେଭି କଣ୍ଟ୍ରୋଲ ରୁମଗୁଡିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଧର୍ନୁଜୟପୁର ୩୩କେଭି ସବଷ୍ଟେସନ ଅଧୀନରେ ଥିବା ତେଲକୋଇ ଫିଡରକୁ ଛାଡି ଦେଲେ ଶିବନାରାୟଣପୁର ଗୋଡା, କାଳିଆହତା ଫିଡର, କୃଷ୍ଣପୁର ଫିଡର, ଛାମୁଣ୍ଡା ଫିଡର ସହିତ ଜଗମୋହନପୁର ୩୩କେଭି ସବଷ୍ଟେସନର ବିଞ୍ଝବାହାଳ ଫିଡର, ଜଗମୋହନପୁର ଫିଡରଗୁଡିକରେ ରାତି ସମୟରେ ବିଦ୍ୟୁତ୍ କାଟ ଯୋଗୁଁ ଲୋକେ ଶୋଇପାରୁ ନାହାନ୍ତି। ଏ ସଂପର୍କରେ ତେଲକୋଇ ସେକ୍ସନ ଦାୟିତ୍ୱରେ ଥିବା ଏସଡିଓ ହାତୀ ପାଇଁ ବିଦ୍ୟୁତ୍ କାଟ କରୁଛୁ ବୋଲି କହିଥିଲେ। ହେଲେ ବନବିଭାଗର ସୂଚନା ଅନୁଯାୟୀ, କେବଳ ଛାମୁଣ୍ଡା ଫିଡର ଅଞ୍ଚଳରେ ହାତୀ ଥିବା ଜଣାପଡିଛି। ତେବେ ଅନ୍ୟ ଫିଡରଗୁଡିକରେ କାହିଁକି ଓ କ'ଣ ପାଇଁ ବିଦ୍ୟୁତ୍ କାଟ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ନିୟମକୁ ଅଣଦେଖା କରି ଟାଟା ପାୱାର ଏସଡିଓ ମନଇଚ୍ଛା ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏ ସମସ୍ୟାକୁ ନେଇ ତେଲକୋଇ ପ୍ରଗତୀଶୀଳ ନାଗରିକ ମଞ୍ଚ ପକ୍ଷରୁ ୨୦୨୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଟାଟା ପାୱାର ଏକ ବର୍ଷ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟା ସମାଧାନ ଦିଗରେ ଧ୍ୟାନ ନଦେଇ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ, ଦୀର୍ଘ ୧୫ ବର୍ଷ ହେବ ବିଦ୍ୟୁତ୍ ସମସ୍ୟାରେ ଯୁଝିହେଉଛନ୍ତି ତେଲକୋଇର ୨୧ ପଞ୍ଚାୟତର ଲୋକେ। ଆଗକୁ ଏ ସମସ୍ୟାର ସମାଧାନ ନହେଲେ ତେଲକୋଇ ପ୍ରଗତୀଶୀଳ ନାଗରିକ ମଞ୍ଚ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ମଞ୍ଚର ସଭାପତି ପ୍ରକାଶ କରିଛନ୍ତି।

## ଅସରାଏ ବର୍ଷାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ବେହାଲ

# ରାସ୍ତା ଜଳାର୍ଣ୍ଣବ, ଗମନାଗମନ ବାଧାପ୍ରାପ୍ତ



ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ୧୯୯୩ ଏପ୍ରିଲ ୩ ତାରିଖରେ କଟକ ଜିଲ୍ଲାରୁ ଅଲଗା ହୋଇ ନୂତନ ଜିଲ୍ଲା ମାନ୍ୟତା ପାଇଥିଲା। ଇତିମଧ୍ୟରେ ୩୨ ବର୍ଷ ବିତିଗଲାଣି, ହେଲେ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଓ କାର୍ଯ୍ୟାଳୟକୁ ସଲଗ୍ନ କରୁଥିବା ରାସ୍ତାର ଦୁରବସ୍ଥା ଆଜି ପର୍ଯ୍ୟନ୍ତ ସୁଧୁରି ପାରିଲାନାହିଁ। ପଡ଼ିଆର ପୂର୍ବ ପାଶ୍ୱର୍ରେ ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇଥିବାବେଳେ ଏହା ପଛରେ ଶୌଚାଳୟ ରହିଛି। ବର୍ଷ ତମାମ ବିଭିନ୍ନ ସରକାରୀ ଉତ୍ସବ ସହିତ ବେସରକାରୀ ଅନୁଷ୍ଠାନ ମଧ୍ୟ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଞ୍ଚରେ କରିଆସୁଛନ୍ତି। ତେବେ ଜଗତସିଂହପୁର ମୁଖ୍ୟ ଡାକଘରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତାଟି ଏବେ ଜରାଜୀର୍ଣ୍ଣ ହୋଇପଡିଛି। ଯଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ଦିବସରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବାବେଳେ ରାସ୍ତା ଦୁରବସ୍ଥାରୁ ହଇରାଣ ହେଉଛନ୍ତି। ଏବେ ଖରାଦିନ ଚାଲିଛି। ଗତକାଲି ରାତିରେ ହୋଇଥିବା ସ୍ୱଳ୍ପ ବର୍ଷାରେ ଏହି ରାସ୍ତାରେ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି।

ରାସ୍ତା ସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆର ମୁଖ୍ୟ ଫାଟକ ପାଶ୍ୱର୍ରେ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ପଡ଼ିଆର ଜଳ ନିଷ୍କାସନ ପାଇଁ ଉତ୍ତର ପଟରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ସଠିକ୍ ଭାବେ ଏହା ନିର୍ମାଣ ହୋଇ ନ ଥିବାରୁ ବର୍ଷାଦିନେ ପଡ଼ିଆର ଉଦ୍‌ବୃତ ଜଳ ନିଷ୍କାସିତ ନ ହୋଇ ଜମା ହୋଇରହୁଛି। ଏପରିକି ଲଗାଣ ବର୍ଷା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଏକ କୃତିମ ହ୍ରଦର ଭ୍ରମ ସୃଷ୍ଟି କରିଥାଏ। ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ। ସାମଗ୍ରୀକ ଭାବେ ଦେଖିବାକୁ ଗଲେ ପଡ଼ିଆ ସାରା ବାଲିମୟ ହୋଇଥିବାବେଳେ ଅନେକ ସ୍ଥାନରେ ଅନାବନା ଗଛ ଓ ଘାଷମୟ ହୋଇ ରହିଛି। ଉକ୍ତ ପଡ଼ିଆ ଓ ରାସ୍ତାର ଉନ୍ନତିକରଣ ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଓ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ଭାଗ୍ୟ ସୁଧୁରିବା ପରିବର୍ତ୍ତେ ଅଧିକ ଖରାପ ହେଉଥିବା ଲକ୍ଷ୍ୟ କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଜେ.ସୋନାଲଙ୍କୁ ପଚାରିବାରୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଜଗତସିଂହପୁର/ତିର୍ତ୍ତୋଲ,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମର ମଧୁସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ତିର୍ତ୍ତୋଲ ପୁଲିସ ଆଜି ତାଙ୍କ ସ୍ୱାମୀ ପ୍ରିୟଦର୍ଶୀ ବିଶ୍ୱାଳଙ୍କୁ ଗିରଫ କରିଛି। ମଧୁସ୍ମିତାଙ୍କ ଅଭିଯୋଗ ମୁତାବକ, ସେ ତାଙ୍କ ଶଶୁରଙ୍କ ଦଶାହରେ ଯୋଗଦେବାକୁ ବୁଧବାର ବାପଘରୁ ଶାଶୂଘର ପାଣ୍ଡୁଆକୁ ଭାଇ ସହ ଆସିଥିଲେ। ଏହି ସମୟରେ ସ୍ୱାମୀ ପ୍ରିୟଦର୍ଶୀ, ଦିଅର ଶ୍ରୀନିବାସ ଓ କେତେକ ଯୁବକ ତାଙ୍କୁ ଗାଳିଗୁଲଜ କରି ଧକ୍କା ମାରି ବାହାର କରିଦେଇଥିଲେ। ମାରଣାସ୍ତ୍ରରେ ମାରିବାକୁ ଗୋଡ଼ାଇଲେ। ସେ ଜୀବନ ବିକଳରେ ପଳାଇ ଆସି ଏ ସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ସ୍ୱାମୀକୁ ଗିରଫ କରିଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି। ଶାଶୂ, ସ୍ୱାମୀ ଓ ଦିଅର ନିର୍ଯାତନା ଦେଉଥିବାରୁ ସେ ବାପଘରକୁ ଚାଲିଯାଇଥିଲେ। ଶଶୁରଙ୍କ ଦଶାହରେ ଶାଶୂଘରକୁ ଆସିଥିଲେ।

## 'ରାଜା ରାମମୋହନ ରାୟ ଥିଲେ ସମାଜ ସଂସ୍କାରକ'



ଜଗତସିଂହପୁର,୨୨।୫(ସମିସ): ରାଜା ରାମମୋହନ ରାୟ ଥିଲେ ବାସ୍ତବରେ ଜଣେ ସମାଜ ସଂସ୍କାରକ। ସମାଜରେ ପ୍ରଚଳିତ ସତୀଦାହ ପ୍ରଥା, ବାଲ୍ୟବିବାହ ଓ ଜାତିପ୍ରଥା ବିଲୋପ ପାଇଁ ତାଙ୍କ ଦ୍ୱାରା ଗଠନ କରାଯାଇଥିବା ବ୍ରାହ୍ମ ସମାଜ ମାଧ୍ୟମରେ ସେ ଅନେକ ଥର ଆନ୍ଦୋଳନ କରିଥିଲେ ବୋଲି ସ୍ୱର୍ଗତ ରାୟଙ୍କ ୨୫୩ତମ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି। ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ତରଡାପଡ଼ାସ୍ଥ ଟାଇମ୍ସ ଗୁରୁକୁଳ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର ଅଧ୍ୟକ୍ଷତା କରି ରାଜା ରାମମୋହନ ରାୟ ନିଜର କାର୍ଯ୍ୟ ଓ ଜାତୀୟବାଦୀ ଚିନ୍ତାଧାରାର ପ୍ରୟୋଗ ମାଧ୍ୟମରେ ଭାରତରେ ନବଯୁଗର ଅୟମାରମ୍ଭ କରିଥିଲେ ବୋଲି କହିଥିଲେ। ସାରସ୍ୱତ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ସତୀଦାହ ପ୍ରଥା ଓ ବାଲ୍ୟବିବାହ ରୋକିବାରେ ତାଙ୍କର ଯଥେଷ୍ଟ ଅବଦାନ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁଷା, ସୌମ୍ୟା ପ୍ରିୟଦର୍ଶିନୀ ଓ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜା ରାମମୋହନ ରାୟ ବେଦ ଓ ଉପନିଷଦକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କ ମଧ୍ୟରେ ଧାର୍ମିକ ସଚେତନତା ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ଶେଷରେ ଶିକ୍ଷୟିତ୍ର ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ହେମନ୍ତ ଜେନାଙ୍କୁ ଡକ୍ଟରେଟ୍

ନାଉଗାଁ,୨୨।୫(ସମିସ): ନାଉଗାଁ ବ୍ଲକ୍ ଓଷକଣା ପଞ୍ଚାୟତ ଭଟଣା ମାଟିର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଇନଜୀବୀ, ସମାଜସେବୀ ହେମନ୍ତ କୁମାର ଜେନାଙ୍କୁ ଆମେରିକାନ ମେରିଟ କାଉନ୍‌ସିଲ ପକ୍ଷରୁ ସମାଜସେବା ଓ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନସୂଚକ ଡକ୍ଟରେଟ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ଜେନାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୂଚନା ମୁତାବକ, ଶ୍ରୀ ଜେନା ଦୀର୍ଘ ୧୫ ବର୍ଷ ଧରି ଆଇନ ସେବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ତାଙ୍କର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ନିଜ ଗ୍ରାମରେ ନିଜସ୍ୱ ଉଦ୍ୟମରେ ଗ୍ରାମବାସୀଙ୍କ ସହଯୋଗରେ ଏକ ହରିହର ମନ୍ଦିର ନିର୍ମାଣ କରିବା ସହ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ, ବୃକ୍ଷରୋପଣ, ଅସହାୟଙ୍କୁ ସହାୟତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି। ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ। ଏହି ସମ୍ମାନ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



## ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ଉତ୍ସବ



ରଘୁନାଥପୁର,୨୨।୫(ସମିସ): ରଘୁନାଥପୁର ବ୍ଲକ୍ ଅଧୀନସ୍ଥ ଗୁଆଳିପୁର ପଞ୍ଚାୟତର ଅରଙ୍ଗସ୍ଥ ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ଉତ୍ସବ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ କଳସ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ନିକଟରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା ଯଥାବିଧି କରାଯାଇଥିଲା। ଶେଷରେ ରାତ୍ରରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ପୀଠର ବିଶେଷ ଖ୍ୟାତି ରହିଛି। ଦୂରଦୂରାନ୍ତରୁ ଭକ୍ତ ମନସ୍କାମନା ନେଇ ପୂଜାର୍ଚ୍ଚନା କରିବା ନିମନ୍ତେ ଆସିଥା'ନ୍ତି। ବାବା ଅନାମ ଦାସ ଓ ସ୍ୱାଧ୍ୱୀ ମନା ଦାସ ଆଶ୍ରମରେ ନିୟମିତ ମା'ଙ୍କ ପୂଜାର୍ଚ୍ଚନା କରନ୍ତି। ମହାଯଜ୍ଞରେ ନିକଟସ୍ଥ ଅରଙ୍ଗ, କୂଳସାହି ପାଟେଣୀଗାଁ, ରାଧାନଗର, ନେହୁଲିଆ, ଅନନ୍ତପୁର, ଗୁଆଳିପୁର ଆଦି ଅଞ୍ଚଳର ବହୁ ସଂଖ୍ୟକ ଲୋକ ଯୋଗ ଦେଇ ମାତୃକୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ପୁଲିସ ପ୍ରଶାସନ ଓ ଗ୍ରାମର ଯୁବକ ସଂଘ ସହଯୋଗ କରିଥିଲେ।

## ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଡକ୍ଟରେଟ ସମ୍ମାନ

ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସଦର ମହକୁମାର ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀରେ କାର୍ଯ୍ୟରତ ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଆମେରିକାନ ମେରିଟ କାଉନସିଲ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱରା ଜୟଦେବ ଭବନ ପରିସରରେ ଆୟୋଜିତ ଉତ୍ସବରେ ଉକ୍ତ ଆନ୍ତର୍ଜାତିକ ଅନୁଷ୍ଠାନର କର୍ତ୍ତୃପକ୍ଷ ପଣ୍ଡିତ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚାନ୍ଦୁରା ପାଟେଣୀଗାଁର



ସ୍ୱର୍ଗତ ଧୂଳେଶ୍ୱର ମିଶ୍ର ଓ ଚାରୁଲତା ଦେବୀଙ୍କ ପୁତ୍ର ରବୀନ୍ଦ୍ର ନାଥ ଶିକ୍ଷକତା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ଆଧ୍ୟାତ୍ମିକ ପତ୍ରିକା ନିର୍ମାଲ୍ୟର ପରିଚାଳନା ସମ୍ପାଦକ ଓ ବଟଶ୍ରୀକ୍ଷେତ୍ରର ସଭାପତି ଭାବେ ଶ୍ରୀ ମିଶ୍ର ଦୀର୍ଘବର୍ଷ ଧରି ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ସେହିପରି ଜଗନ୍ନାଥ ତତ୍ତ୍ୱ ଓ ମହିମାକୁ ନେଇ ସେ ଅନେକ ପୁସ୍ତକ ରଚନା କରିଥିବାବେଳେ ବିଭିନ୍ନ ପତ୍ରପତ୍ରିକାରେ ଏ ସଂପର୍କିତ ଶତାଧିକ ଲେଖା ତାଙ୍କର ପ୍ରକାଶ ପାଇସାରିଛି। ତାଙ୍କୁ ଶ୍ରୀକୃଷ୍ଣ ଏକାଡେମୀର ଶିକ୍ଷକ/ଶିକ୍ଷୟିତ୍ରୀ, ବଟଶ୍ରୀକ୍ଷେତ୍ର ପରିବାର ଓ ଜଗନ୍ନାଥପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

## ରାହାମା ବିକାଶ ପରିଷଦର ସାଂଗଠନିକ ବୈଠକ

କୁଜଙ୍ଗ,୨୨।୫(ସମିସ): କୁଜଙ୍ଗ ବ୍ଲକ ଅଧୀନ ରାହାମାସ୍ଥ ରାହାମା ବିକାଶ ପରିଷଦର ସମସ୍ତ ସଭ୍ୟଙ୍କୁ ନେଇ ସାଇଲୋର ସନ୍ତୋଷ ଦାସଙ୍କ ବାସଭବନ ସମ୍ମୁଖରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାହାମା ବିକାଶ ପରିଷଦର ସଭାପତି ପ୍ରଦୀପ ବେଉରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ପରିଷଦର ସମ୍ପାଦକ ନୃସିଂହ ଚରଣ ସେନାପତି, ସଭ୍ୟ ପବିତ୍ର ପରିଜା, ବୈକୁଣ୍ଠ ନାଥ ସେନାପତି, ପ୍ରତାପ ବେଉରା, ସନ୍ତୋଷ ଦାସ, ଦୀପକ ଦାସ, ପଙ୍କପାଳ ସମବାୟ ସମିତି ସଭାପତି ଫକୀର ଦାସ, ଡ. ମାନସ ରଞ୍ଜନ ମହାନ୍ତି,



ଶ୍ରୀକାନ୍ତ ଦାସ, ରମାକାନ୍ତ ଦାସ, ରବିନାରାୟଣ ସାହୁ, ଅକ୍ଷୟ ମହାନ୍ତି, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ ପରିଷଦର କର୍ମକର୍ତ୍ତା ଚୟନରୁ ଆରମ୍ଭ କରି ସରକାରୀ ସ୍ତରରେ ରେଜିଷ୍ଟ୍ରେସନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ନୃସିଂହ ଚରଣ ସେନାପତି ପରିଷଦ ସ୍ଥାନୀୟ ଲୋକଙ୍କ ସମସ୍ୟା, ଅଞ୍ଚଳର ବିକାଶ, ଅସହାୟଙ୍କ ସାହାରା ପାଲଟିବ ବୋଲି କହିଥିଲେ। ସଭାପତି ଶ୍ରୀ ବେଉରା ରାହାମା ଜିଲ୍ଲା ତଥା ରାଜ୍ୟର ପ୍ରମୁଖ ବାଣିଜ୍ୟିକ ପେଣ୍ଠ ହୋଇ ବିକାଶ ଆଶାନୁରୂପ ହୋଇ ନ ଥବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରିବାକୁ କହିଥିଲେ। ବିକାଶ ପରିଷଦ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଡ. ସୁନାକର ବେହେରା, ଭିକାରୀ ସେନାପତିଙ୍କୁ ମନୋନୀତ କରାଯାଇଥିଲା। ଏ ନେଇ ବିକାଶ ପରିଷଦର ଏକ ଜମାଖାତା ଖୋଲାଯିବା ସହ ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା





ରଘୁନାଥପୁର,୨୨।୫(ସମିସ): କଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା ଓ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୂର। ଏହି ଅପରେସନରେ ଭାରତୀୟ ଯବାନ ବୀରତ୍ୱର ସହ ୯ଟି ଆତଙ୍କି ଆଡ୍ଡାକୁ ଧ୍ୱଂସ କରିଥିଲେ। ଏହାକୁ ସମର୍ଥନ କରି ଆଜି ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ରଘୁନାଥପୁର ଥାନା ଛକଠାରୁ ବ୍ଲକ୍ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ଯୋଗ ଦେଇଥିବାବେଳେ ନିର୍ମଳ ମହାପାତ୍ର, ସୁକାନ୍ତ ସ୍ୱାଇଁ, ସରୋଜକାନ୍ତ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମା'ଜାଗୁଳାଇ କ୍ରିକେଟ୍; ପୋଦନା ଚାମ୍ପିଅନ୍

ଏରସମା,୨୨।୫(ସମିସ): ଗରାମ ପଞ୍ଚାୟତର ଅଲଣା ଗ୍ରାମରେ ମା' ଜାଗୁଳାଇ କ୍ରିକେଟ ପଡ଼ିଆରେ ଚାଲିଥିବା ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ସୁଶାନ୍ତ କୁମାର ଶତପଥୀ ଯୋଗଦେବେ ଟ୍ରଫି ଉନ୍ମୋଚନ କରିବା ସହ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୂଲୁଗାଁକୁ ୧୦ ୱିକେଟ ହରାଇ ପୋଦନା ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ସୌମ୍ୟକାନ୍ତ ଦାସ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଖେଳକୁ ନାରାୟଣ ପଲାଇ, ସୂର୍ଯ୍ୟକାନ୍ତ ପାତ୍ର, ବିଶ୍ୱଜିତ କୁଅଁର ପରିଚାଳନା କରିଥିଲେ। ସୁଜିତ ପରିଡ଼ା, ଆଶୁତୋଷ ରାଉତ ଭାଷ୍ୟକାର ଥିବାବେଳେ ନିଶାନ୍ତ କୁଅଁର ଓ ସ୍ମୃତିରଞ୍ଜନ ବେହେରା ସ୍କୋରର ଥିଲେ। ଟିମ୍ ମ୍ୟାନେଜର ଭାବେ ପ୍ରୀତିରଞ୍ଜନ ନାୟକ, ବିଶ୍ୱଜିତ କୁଅଁର, ବିଶ୍ୱଜିତ ବେହେରା ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମା'ଜାଗୁଳାଇ କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ବଜ୍ରପାତରେ ଗାଈ ମୃତ

ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ଉକୁନ୍ଦରା ପଞ୍ଚାୟତ ସାନଖରମଙ୍ଗା ଗ୍ରାମରେ ଆଜି ଅପରାହ୍ନ ୨ ଘଟିକା ସମୟରେ ବଜ୍ରପାତ ଯୋଗୁଁ ଅଭିମନ୍ୟୁ ଭୋଇଙ୍କ ଏକ ଗାଈର ମୃତ୍ୟୁ ଘଟିଛି। ଗାଈଟି ନିକଟସ୍ଥ ବିଲରେ ଚରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଅଭିମନ୍ୟୁଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## 'ଏ ଜୀବନ ଅଢ଼େଇ ଦିନ' ପୁସ୍ତକ ଉନ୍ମୋଚିତ

ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓ ପଳାଶୋଳ ସରପଞ୍ଚ ମେନକା ଦାସ ପ୍ରମୁଖଙ୍କ ଦ୍ୱାରା ଶାନ୍ତି ସେନା ପବ୍ଲିକେସନ ପ୍ରକାଶିତ ପଣ୍ଡିତ ବୈଷ୍ଣବ ଚରଣ ଗ୍ରହାଚାର୍ଯ୍ୟଙ୍କ ଭକ୍ତି ଗୀତି ପୁସ୍ତକ "ଏ ଜୀବନ ଅଢ଼େଇ ଦିନ' ଉନ୍ମୋଚିତ ହୋଇଛି। ଏହା ପୂର୍ବରୁ ଲେଖକଙ୍କ ଭକ୍ତି ଗୀତି ପାଦପଦ୍ମ, ଭାବକୁ ନିକଟ ଓ ଶରଧା ବାଲିରୁ ସିଂହଦୁଆର ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଥିବାବେଳେ ଏହି ପୁସ୍ତକଟି ମଧ୍ୟ ପାଠକଙ୍କ ମନକୁ ଛୁଇଁପାରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି। ପଣ୍ଡିତ ଗ୍ରହାଚାର୍ଯ୍ୟ ୯୨ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ତାଙ୍କ କଲମ ଏବେବି ଚଳଚଞ୍ଚଳ ରହିଛି। ଜଣେ ବାସ୍ତୁବିଦ୍ ଓ ଜ୍ୟୋତିଷ ଶାସ୍ତ୍ର ବିଶାରଦ ଭାବେ ପଣ୍ଡିତ ଗ୍ରହାଚାର୍ଯ୍ୟଙ୍କ ସ୍ୱତନ୍ତ୍ର ପରିଚୟ ରହିଛି।



## ବଜ୍ରାଘାତରେ କୋଠା ଘର କାନ୍ଥ କ୍ଷତିଗ୍ରସ୍ତ

ପାରାଦୀପ, ୨୨।୫ (ସମିସ): ପାରାଦୀପ ଉପକଣ୍ଠ ବିଶ୍ୱାଳି ପଞ୍ଚାୟତର କୋଲଡ଼ିଆ ଗ୍ରାମରେ ଆଜି ସକାଳେ ବ୍ରଜାଘାତରେ କୋଠା ଘର କାନ୍ଥ ଫାଟିଯାଇଥିବା ଜଣାପଡ଼ିଛି। ଭୋର ୪ଟା ସମୟରେ ହଠାତ୍ ଅନ୍ଧାର କରି ମାଡ଼ି ଆସିଲା କଳା ହାଣ୍ଡିଆ ମେଘ। ଏହା ସାଙ୍ଗକୁ ବଜ୍ରାଘାତ ସହ ବିଜୁଳି ମାରିଲା। ବଜ୍ରାଘାତର ଶବ୍ଦ ଏତେ ଭୟଙ୍କର ଥିଲା ଯେ ଥରି ଉଠୁଥିଲା କୋଠା ଘର। ପାଖାପାଖି ଏକ ଘଣ୍ଟା ଧରି କୋଲଡ଼ିଆ ଗ୍ରାମର ଚତୁପାଶ୍ୱର୍ରେ ଏମିତି ଭୟଙ୍କର ଘଡଘଡି ମାରିଚାଲୁଥାଏ। ଏହି ସମୟରେ ଏକ ବଜ୍ରପାତ ଘଟି କୋଲଡିଆର ରଞ୍ଜନ ସାହୁଙ୍କ କୋଠା ଘର କାନ୍ଥ ଫଟି ଯାଇଥିବାବେଳେ ଘର ଛାତର ତାଜା ଖସି ପଡିଥିଲା। ଘରର ଫ୍ୟାନ୍ ତଳେ ପଡ଼ିଯାଇଥିଲା। ପରିବାର ଲୋକେ ଭୟଭୀତ ହୋଇ ପଡିଥିବାବେଳେ ଗ୍ରାମର ଅନେକ ଲୋକଙ୍କ ଟିଭି ପୋଡ଼ିଯାଇଥିବା ସୂଚନା ମିଳିଛି।

## ଶିଶୁ ଅନନ୍ତ ଆଶ୍ରମରେ ସନ୍ଥ ତୀର୍ଥ ପୂଜନ ଉତ୍ସବ



ଜଗତସିଂହପୁର/ତିର୍ତ୍ତୋଲ,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଅରିଲୋସ୍ଥ ପରିବାର ତୀର୍ଥ ଶିଶୁ ଅନନ୍ତ ଆଶ୍ରମରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଆହ୍ୱାନରେ ପୂଜ୍ୟ ବାବାଙ୍କ ଶିଷ୍ୟ ଡଃ ଚିଦାନନ୍ଦ ବ୍ରହ୍ମଚାରି ଓ ଡଃ ଅରୁଣ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥଙ୍କୁ ଆମନ୍ତ୍ରଣ କରାଯାଇ "ସନ୍ଥ ତୀର୍ଥ ପୂଜନ' ଉତ୍ସବ ଆଶ୍ରମର ବାବାଜୀ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରବଚନ, ଯଜ୍ଞ ଆୟୋଜନ ସହିତ ଦେଶ ଓ ଧର୍ମର ସୁରକ୍ଷା ସନ୍ଥଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ବୋଲି ସେ କହିଥିଲେ। ଅନ୍ୟ ସନ୍ଥଙ୍କ ମଧ୍ୟରେ ଛତିଆ ବଟର ସନ୍ଥ ମଣିମା ଜଗନ୍ନାଥ ଦାସମହାରାଜ, ବିଜ୍ଞାନୀ ଗୁରୁ ଶ୍ରୀସନ୍ଥ, ବାବା ବିଶ୍ୱାନନ୍ଦ ଦାସ, ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସତ୍ୟାନନ୍ଦ ଦାସମହାରାଜ, ଦିବାକର ଦାସମହାରାଜ, ନଳିନୀ ଜୀ ମହାରାଜ, ବାବା ବିଜୟାନନ୍ଦ ପୁରୀ, ବାବା ଲକ୍ଷ୍ମୀଧର ଦାସ, ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ଧାନକୁନ୍ଦ ପୀଠର ଅରକ୍ଷିତ ଦାସ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ସନ୍ଥ ଦିପକ ଦାସ, ସ୍ୱାମୀ ବ୍ରହ୍ମନନ୍ଦ ସରସ୍ୱତୀ ପ୍ରମୁଖଙ୍କ ସହ ଶତାଧିକ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ କୀର୍ତ୍ତନ ଶୋଭାଯାତ୍ରାରେ ସନ୍ଥଙ୍କୁ ସ୍ୱାଗତ ସହ ମଞ୍ଚକୁ ଆମନ୍ତ୍ରଣ କରାଯାଇ ପତିହରା ମାଆଙ୍କ ଦ୍ୱାରା ଉପଢୌକନ, ଚନ୍ଦନ ଅକ୍ଷତ ପୁଷ୍ପମାଲ୍ୟ ଓ ତାମ୍ର ପାତ୍ରରେ ତୁଳସୀ ବୃକ୍ଷ ପ୍ରଦାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଆଶ୍ରମର ସନ୍ୟାସୀ ଶ୍ରୀବାସ ଦାସ, ପ୍ରଣବାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବକ ଗୋପାଳ ଦାସ, ସଞ୍ଜୟ ଦାସ, ତପନ ଦାସ, ପ୍ରସାଦ ଦାସ, କାଳିଆ ନନା, ପଣ୍ଡିତ ପ୍ରତାପ ଦାଶ, ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଜିଠୁ ଜନଅଭିଯୋଗ ଶୁଣାଣି ନିମନ୍ତେ ଅନଲାଇନ୍ ପଞ୍ଜୀକରଣ

ଜଗତସିଂହପୁର,୨୨।୫(ସମିସ): ୨୬ ତାରିଖ ସୋମବାର ଦିନ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ସକାଳ ୭ରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତାକାଲି ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟପତ୍ର ଓ ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇପାରିବେ। ଏତଦବ୍ୟତୀତ ଅଣପଞ୍ଜିକୃତ ଆବେଦନକାରୀଙ୍କ ଅଭିଯୋଗକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ। ସ୍ଥାନୀୟ ଜନସାଧାରଣ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ପରାମର୍ଶ ଦିଆଯାଇଛି।

## ଅଟୋ ଚାଳକଙ୍କ ଝିଅ +୨ରେ ସଫଳ

ପାରାଦୀପ, ୨୨।୫ (ସମିସ): ଷଣ୍ଢକୁଦ ଅଞ୍ଚଳରେ ରହୁଥିବା ନିରଞ୍ଜନ ବେହେରାଙ୍କ ଝିଅ ମିତାଲି ବେହେରା ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରି ପାରାଦୀପ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୯୩.୫ ପ୍ରତିଶତ ନମ୍ବର ରଖି ମାଟ୍ରିକ ପାସ କରିବା ପରେ କଟକ ସରସ୍ୱତୀ ଜୁନିୟର ସାଇନ୍ସ କଲେଜରେ ବିଜ୍ଞାନ ଛାତ୍ରୀ ଥିଲେ। ସେ +୨ ପରୀକ୍ଷାରେ ୯୪.୩ ପ୍ରତିଶତ ନମ୍ବର ରଖି କଲେଜରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ମିତାଲିଙ୍କ ବାପା ଜଣେ ଅଟୋ ଚାଳକ। ୨୫ ବର୍ଷ ଧରି ପାରାଦୀପରେ ଅଟୋ ଚଳାଇ ସ୍ୱଳ୍ପ ରୋଜଗାରରେ ଝିଅକୁ ପଢ଼ାଉଛନ୍ତି। ମାଆ ପ୍ରଭାତୀ ବେହେରା ଜଣେ ଗୃହିଣୀ ଓ ଟେଲର ମେସିନରୁ ରୋଜଗାର କରନ୍ତି। ମିତାଲି ସଫଳତାର ଶ୍ରେୟ ବାପାମାଆଙ୍କୁ ଦେଇଛନ୍ତି। ସେ ଭବିଷ୍ୟତରେ ଜଣେ ଆଇଏଏସ ହୋଇ ଜିଲ୍ଲା ଓ ରାଜ୍ୟର ସେବା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।




## +୨ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନରେ ଅଭିଷେକ, ବାଣିଜ୍ୟରେ ସୌଭାଗିନୀ, କଳାରେ ମୋନାଲିସା ଜିଲ୍ଲା ଟପ୍ପର

ଜଗତସିଂହପୁର,୨୨।୫(ସମିସ): ବୁଧବାର ପ୍ରକାଶ ପାଇଛି ଚଳିତବର୍ଷର +୨ ପରୀକ୍ଷା ଫଳ। ଜଗତସିଂହପୁର ଜିଲ୍ଲାରେ ବିଜ୍ଞାନ ବିଭାଗରେ ପାସ୍‌ହାର ୮୫.୮୭% ରହିଥିବାବେଳେ ବାଣିଜ୍ୟ ବିଭାଗରେ ପାସ୍‌ହାର ରହିଛି ୮୯.୬୮% ଓ କଳା ବିଭାଗରେ ପାସହାର ରହିଛି ୭୪.୫୯%। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ୟୁନୋପୋସ +୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ଛାତ୍ର ଅଭିଷେକ ଦାଶ ୬୦୦ରୁ ୫୬୬ (୯୪.୩୩%) ନମ୍ବର ରଖି +୨ ବିଜ୍ଞାନରେ ଜିଲ୍ଲା ଟପ୍ପର ହୋଇଥିବାବେଳେ ଏସଭିଏମ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ସୌଭାଗିନୀ ବିଶ୍ୱାଳ ୫୫୫ (୯୨.୫%) ନମ୍ବର ରଖି +୨ ବାଣିଜ୍ୟରେ ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗଙ୍ଗଦାସ୍ଥ ଶ୍ରୀଶ୍ରୀ ମଉଳା ଭଣଜା ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ମୋନାଲିସା ସ୍ୱାଇଁ ୫୪୮ (୯୧.୩୩%) ନମ୍ବର ରଖି +୨ କଳାରେ ଜିଲ୍ଲା ଟପ୍ପର ହୋଇଥିବା ସୂଚନା ମିଳିଛି। ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତବର୍ଷ ପାସହାର ୮୫.୬% ରହିଥିବା କଲେଜ ସୂତ୍ରରୁ ସୂଚନା ମିଳିଛି। ୫୨୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ +୨ ପରୀକ୍ଷା ଦେଇଥିବାବେଳେ ୧୬୭ ଜଣ ପ୍ରଥମ ଶ୍ରେଣୀ, ୭୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୦୦ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଥିବାବେଳେ ୭୧ ଜଣ ଫେଲ ହୋଇଥିବା ସୂଚନା ମିଳିଛି।





## ବିଜ୍ଞାନରେ ବିନୀତଙ୍କ ସଫଳତା

ରଘୁନାଥପୁର,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ଗ୍ରାମର ବିଜୟାନନ୍ଦ ମହାନ୍ତି ଓ ଶୈଳବାଳା ମହାନ୍ତିଙ୍କ ପୁତ୍ର ବିନୀତ ମହାନ୍ତି କଟକ ସରସ୍ୱତୀ ଜୁନିୟର ସାଇନ୍ସ କଲେଜରେ ପଢୁଥିଲେ। ସେ ୬୦୦ରୁ ୫୮୬ ନମ୍ବର ରଖି +୨ ବିଜ୍ଞାନରେ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ଦିନକୁ ୧୧ ଘଣ୍ଟା ପରିଶ୍ରମ କରନ୍ତି ବୋଲି କହିଛନ୍ତି। ସେ ପାଠକୁ ଭଲ ଭାବେ ବୁଝି ନିଜ ଭାଷାରେ ଲେଖନ୍ତି। ସେ ଭବିଷ୍ୟତରେ ଇଞ୍ଜିନିୟର ହେବାକୁ ଆଶା କରୁଛନ୍ତି। ଏହି ସଫଳତା ପାଇଁ ବିନୀତ ବାପମାଆ ଓ ଗୁରୁଜୀ ଗୁରୁମାଙ୍କୁ ଶ୍ରେୟ ଦେଇଛନ୍ତି।




# ଜ୍ୟୋତିଙ୍କ ରିମାଣ୍ଡ ଅବଧି ଆଉ ୪ ଦିନ ବଢ଼ିଲା



ନୂଆଦିଲ୍ଲୀ,୨୨।୫(ଏଜେନ୍ସି); ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କ ସମସ୍ୟା ଆହୁରି ଜଟିଳ ହୋଇଛି। ପୁଲିସ ଜ୍ୟୋତିଙ୍କୁ ଗିରଫ କରିବା ପରେ ପଚରାଉଚରା ପାଇଁ ୫ ଦିନିଆ ରିମାଣ୍ଡରେ ନେଇଥିଲା। କିନ୍ତୁ ଏହି ରିମାଣ୍ଡ ଅବଧି ବୁଦବାର ଶେଷ ହେବା ପରେ ଗୁରୁବାର ଜ୍ୟୋତିଙ୍କୁ ପୁଣି କୋର୍ଟରେ ହାଜର କରାଯାଇଥିଲା। ଏହାପରେ କୋର୍ଟ ପୁଣି ଥରେ ଜ୍ୟୋତିଙ୍କୁ ୪ ଦିନିଆ ରିମାଣ୍ଡରେ ପଠାଇ ଦେଇଛନ୍ତି। ଜ୍ୟୋତିଙ୍କୁ ଅଧିକ ପଚରାଉଚରା କରିବାକୁ ସମୟ ଦରକାର ବୋଲି ପୁଲିସ ଯୁକ୍ତି ଦର୍ଶାଇବା ପରେ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି।ପାକିସ୍ତାନୀ ଏଜେଣ୍ଟଙ୍କ ସହିତ ଜ୍ୟୋତିଙ୍କ କେମିତି ଲିଙ୍କ୍ ଥିଲା ଏବଂ ସେ କେଉଁ କେଉଁ ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇଛନ୍ତି ତାହା ଜାଣିବାକୁ ପୁଲିସ ଉଦ୍ୟମ କରୁଥିଲେ ହେଁ ଇତିମଧ୍ୟରେ ହିସାର ଏସପି ଶଶାଙ୍କ କୁମାର ସାୱନ ଯାହା କହିଛନ୍ତି ତାହାକୁ ନେଇ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜ୍ୟୋତି ପାକିସ୍ତାନକୁ ପ୍ରତିରକ୍ଷା ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ତଥ୍ୟ ପାକିସ୍ତାନକୁ ଦେଇଥିବା ଅଭିଯୋଗ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେନେଇ କୌଣସି ପ୍ରମାଣ ମିଳିପାରି ନାହିଁ ବୋଲି ଶଶାଙ୍କ କହିଛନ୍ତି।

# ଆମେରିକାରେ ଇସ୍ରାଏଲ ଦୂତାବାସର ଦୁଇ କର୍ମଚାରୀଙ୍କୁ ହତ୍ୟା

ୱାଶିଂଟନ୍,୨୨।୫(ଏଜେନ୍ସି) : ବିଶ୍ୱର ସବୁଠୁ ସୁରକ୍ଷିତ ସହର ଭାବେ ବିବେଚିତ ୱାଶିଂଟନ ଡିସିରେ ଇସ୍ରାଏଲ ଦୂତାବାସର ଦୁଇ କର୍ମଚାରୀଙ୍କୁ ହତ୍ୟା କରାଯିବା ଘଟଣା ଏଠାକାର ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ବୁଧବାର ସନ୍ଧ୍ୟାରେ ଇସ୍ରାଏଲୀ ଦୂତାବାସର ଏହି ଦୁଇ କର୍ମଚାରୀଙ୍କୁ ଟାର୍ଗେଟ କରି ଜଣେ ଆତତାୟୀ ଅତର୍କିତ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ୱାଶିଂଟନ ଡିସିସ୍ଥିତ ଏଫବିଆଇ କାର୍ଯ୍ୟାଳୟ ଠାରୁ ମାତ୍ର କିଛି ପାଦ ଦୂରରେ ରହିଥିବା ଇହୁଦୀ ସଂଗ୍ରହାଳୟ ନିକଟସ୍ଥ ଇସ୍ରାଏଲୀ ଦୂତବାସ ରହିଛି। ହତ୍ୟାକାରୀ ଜଣକ ପ୍ରଥମେ ସଂଗ୍ରହାଳୟ ନିକଟରେ ବୁଲିବା ପରେ ଅଚାନକ ଦୂତାବାସ ନିକଟରେ ଗୁଳିକାଣ୍ଡ ଘଟାଇଥିଲା। ହତ୍ୟାକାରୀକୁ ପୁଲିସ ଗିରଫ କରି ନିଜ ହେପାଜତକୁ ନେଇଥିଲା ବେଳେ ତାଙ୍କ



ନାମ ଏଲିଆସ୍ ରୋଡ୍ରିଗେଜ୍ ଏବଂ ସେ ଚିକାଗୋ ବାସିନ୍ଦା ବୋଲି ଜଣାପଡ଼ିଛି। ତାଙ୍କୁ ପୁଲିସ ଗିରଫ କରିବା ବେଳେ ସେ ଚିତ୍କାର କରି 'ଫ୍ରି ପାଲେଷ୍ଟାଇନ' ସ୍ଲୋଗାନ ଦେଇଥିବାରୁ ବ୍ୟକ୍ତି ଜଣକ ପାଲେଷ୍ଟାଇନ ସମର୍ଥକ ବୋଲି କୁହାଯାଉଛି। ତେବେ ଏଭଳି ଜଘନ୍ୟ ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୃଢ ନିନ୍ଦା କରି ଏହା ଇହୁଦୀ ବିରୋଧୀ ଚିନ୍ତାଧାରା ଉପରେ ଆଧାରିତ ବୋଲି କହିଛନ୍ତି। ମୃତ ଦୁଇ କର୍ମଚାରୀଙ୍କ ମଧ୍ୟରେ ଜଣେ ପୁରୁଷ ଏବଂ ଜଣେ ମହିଳା ରହିଥିଲା ବେଳେ ଆଗାମୀ ସପ୍ତାହରେ ସେମାନଙ୍କ ନିର୍ବନ୍ଧ ହେବାକୁ ରହିଥିଲା। ଏହି ଘଟଣାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ନିନ୍ଦା କରିବା ସହିତ ଉଭୟଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଭାରତର ଆତଙ୍କବାଦବିରୋଧୀ ଅଭିଯାନକୁ ଜାପାନ, ୟୁଏଇର ସମର୍ଥନ



ନୂଆଦିଲ୍ଲୀ,୨୨।୫(ଏଜେନ୍ସି) : 'ଅପରେସନ ସିନ୍ଦୁର' ଏବଂ ଭାରତର ଆତଙ୍କବାଦ ବିରୋଧୀ ଅଭିଯାନକୁ ନେଇ ଦୁଇ ସାଂସଦ ପ୍ରତିନିଧି ଦଳ ' ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଗତକାଲି ଜାପାନ ଏବଂ ୟୁଏଇ ଗସ୍ତ କରିଥିଲେ। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଗୋଟିଏ ଦଳ ଜାପାନ ଯାଇଥିଲା ବେଳେ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଆଉ ଏକ ସାଂସଦ ପ୍ରତିନିଧି ଦଳ ଜାପାନ ଯାଇଥିଲେ। ଏହି ଦୁଇ ପ୍ରତିନିଧି ଦଳ ଦୁଇ ଦେଶରେ ପହଞ୍ଚି ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟକୁ ସଂପୃକ୍ତ ଦେଶକୁ ଅବଗତ କରିଥିଲେ। ଭାରତର ଆତଙ୍କବାଦ ବିରୋଧୀ ଲଢେଇ ଏବଂ 'ଅପରେସନ ସିନ୍ଦୁର' ଉପରେ ସେମାନେ ବିଦେଶୀ ପ୍ରତିନିଧିମାନଙ୍କ ସହ ବୈଠକ କରି କହିଥିଲେ। ତେବେ ଏହି ପ୍ରସଙ୍ଗରେ ଜାପାନ ଏବଂ ୟୁଏଇ ଭାରତକୁ ସମର୍ଥନ କରିଛନ୍ତି। ଜାପାନ ଏବଂ ୟୁଏଇ ପକ୍ଷରୁ ଭାରତୀୟ ପ୍ରତିନିଧି ଦଳକୁ ସ୍ୱାଗତ କରାଯାଇଥିଲା ବେଳେ ଭାରତ ପ୍ରତି ୟୁଏଇ ନିଜର ପ୍ରତିବଦ୍ଧତା ପୁଣି ଦୋହରାଇଛି। ୟୁଏଇ ଆତଙ୍କବାଦକୁ ମାନବତା ପାଇଁ ବିପଦ ବୋଲି କହିବା ସହିତ ଆତଙ୍କବାଦ ବିରୋଧୀ ଲଢେଇରେ ଭାରତ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛି। ୟୁଏଇ ପ୍ରତିପକ୍ଷଙ୍କ ସହ ହୋଇଥିବା ବୈଠକ ଅତ୍ୟନ୍ତ ଫଳପ୍ରଦ ରହିଛି ବୋଲି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ କହିଛନ୍ତି। ସେହିପରି ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଜାପାନ ଯାଇଥିବା ପ୍ରତିନିଧିମାନେ ଜାପାନ ବୈଦେଶିକ ମନ୍ତ୍ରୀ ତାକେସି ଇୱାଆଙ୍କୁ ଭେଟି ଆଲୋଚନା କରିଥିଲା ବେଳେ ଜାପାନ ମଧ୍ୟ ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିବା ସଞ୍ଜୟ କହିଛନ୍ତି।

## ଦୁଇ ଆତଙ୍କବାଦୀ ନିହତ, ଜଣେ ଯବାନ ସହିଦ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଜମ୍ମୁ କଶ୍ମୀରର କିସ୍ତୱାର ଜିଲ୍ଲାରେ ଆତଙ୍କବାଦ ବିରୋଧୀ ସର୍ଚ୍ଚ ଅପରେସନ ଚାଲିଥିଲା ବେଳେ ଜଣେ ଯବାନ ସହିଦ ହୋଇଛନ୍ତି। ଭାରତୀୟ ସେନା ପକ୍ଷରୁ କିସ୍ତୱାରାର ସିଂହପୋରା ଅଞ୍ଚଳରେ ଅପରେସନ 'ତ୍ରାସି' ଚାଲିଥିଲା ବେଳେ ସେନା ଏବଂ ଆତଙ୍କବାଦୀଙ୍କ ଭିତରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଗୁଳିରେ ଭାରତୀୟ ସେନାର ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ଚିକିତ୍ସିତ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ଅନ୍ୟପକ୍ଷରେ ସେନା ଗୁଳିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ଜୈସ୍ ସଂଗଠନର ବୋଲି ଜଣାପଡ଼ିଛି।

**■ ତୁର୍କୀ ପ୍ରତି ଭାରତର ଅସନ୍ତୋଷ ତେଜୁଛି**

## ପାକିସ୍ତାନକୁ ଆତଙ୍କବାଦ ବନ୍ଦ କରିବାକୁ କୁହ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଭାରତର ଆତଙ୍କବାଦ ବିରୋଧୀ ଅଭିଯାନରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିବାରୁ ଭାରତରେ ଅସନ୍ତୋଷ ତେଜିଛି। ତୁର୍କୀର ଏଭଳି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଥମେ ବିରୋଧ ବଢିବା ସହିତ ତୁର୍କୀ ବୟକଟ୍ ଅଭିଯାନ ଆରମ୍ଭ ହୋଇଥିଲା। ଭାରତୀୟମାନେ ତୁର୍କୀକୁ ପର୍ଯ୍ୟଟନରେ ଯିବା ବନ୍ଦ କରିବା ସହିତ ତୁର୍କୀ ବିମାନକୁ ମଧ୍ୟ ବର୍ଜନ କରନ୍ତୁ ବୋଲି ସୋସିଆଲ ମିଡିଆରେ ଆହ୍ୱାନ ଦିଆଯାଇଥିଲା। ଏହି ପ୍ରସଙ୍ଗ ପ୍ରଥମେ ବେସରକାରୀ ସ୍ତରରେ ଉଠିଥିଲା ବେଳେ ଏବେ ଭାରତ ସରକାରଙ୍କ ପକ୍ଷରୁ ତୁର୍କୀ ପ୍ରତି ବୟାନ ଜାରି କରାଯାଇଛି। ସୀମା ପାର ଆତଙ୍କବାଦ ବନ୍ଦ କରିବାକୁ ତୁର୍କୀ ତାହାର ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ଭାରତ କହିଛି। ପାକିସ୍ତାନ ମାଟିରେ ଦଶନ୍ଧି ଧରି ଚାଲିଥିବା ବହୁ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ପ୍ରୋତ୍ସାହନ ଦେଇ ଆସୁଥିଲା ବେଳେ ଏହି ଆତଙ୍କୀ 'ଇକୋସିଷ୍ଟମ ' ବନ୍ଦ କରିବାକୁ ତୁର୍କୀ ନିଜ ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ତୁର୍କୀକୁ କୁହାଯାଇଛି।

## ନିଟ୍ ପିଜି ଫି' ତଥ୍ୟ ସାର୍ବଜନୀନ କରିବାକୁ ହେବ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ନିଟ୍ ପିଜି କାଉନସେଲିଂ ପୂର୍ବରୁ ସବୁ ଘରୋଇ ଏବଂ ଡିମ୍‌ଡ ବିଶ୍ୱବିଦ୍ୟାଳୟଗୁଡିକୁ ସେମାନଙ୍କ ଫି ' ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ଏବଂ କାଉନସେଲିଂର ସ୍ୱଚ୍ଛତାକୁ ନେଇ ସୁପ୍ରିମକୋର୍ଟରେ ଆଗତ ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। କାଉନସେଲିଂ ସମୟରେ ଯେଉଁ ଅନୁଷ୍ଠାନ ବା ସଂସ୍ଥା ସିଟ୍ ବ୍ଲକ୍ କରି ରଖୁଛନ୍ତି ସେଥିପାଇଁ ସଂପୃକ୍ତ ସଂସ୍ଥାଗୁଡିକ ଉପରେ ଅର୍ଥ ଦଣ୍ଡ ଲଗାଇବାକୁ ଜଷ୍ଟିସ୍ ଜେ ବି ପର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ପହଲ୍‌ଗାମ୍ ହମ୍‌ଲାକୁ ପୂରିଲା ମାସେ




**■ ସିନ୍ଦୂରର ପ୍ରତିଶୋଧ 'ସିନ୍ଦୂର' ନେଇଛି : ପ୍ରଧାନମନ୍ତ୍ରୀ**

**■ ଭାରତୀୟଙ୍କ ରକ୍ତ ସହ ଖେଳ ମହଙ୍ଗା ପଡ଼ିବ**

**■ ସିନ୍ଧୁ ନଦୀର ବୁନ୍ଦେ ଜଳ ପାଇବନି ପାକିସ୍ତାନ**

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ସିନ୍ଦୁର ଯେତେବେଳେ ବାରୁଦରେ ପରିଣତ ହୁଏ ତାହାର ପରିଣାମ କ'ଣ ହୁଏ ତାହାକୁ ସାରା ବିଶ୍ୱ ଦେଖିଲା। ସିନ୍ଦୂରର ପ୍ରତିଶୋଧ ସିନ୍ଦୂର ନେଇଛି ଏବଂ ଏହାକୁ ମାତ୍ର ୨୨ ମିନିଟ୍‌ରେ ଶେଷ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଜବାବ ଅପରେସନ ସିନ୍ଦୂରକୁ ନେଇ କହିଛନ୍ତି। ପହଲଗାମ ଆତଙ୍କୀ ହମଲାକୁ ଇତିମଧ୍ୟରେ ମାସେ ପୂରିଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ବିକାନେରରେ ଏକ ସାଧାରଣ ସଭାରେ ଆତଙ୍କବାଦକୁ ନେଇ ପାକିସ୍ତାନ ଉପରେ ବର୍ଷିବା ସହିତ ପାକିସ୍ତାନକୁ କଡ଼ା ଚେତବାନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦୀମାନେ ଆମ ଭଉଣୀମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚାରି ସେମାନଙ୍କ ସିନ୍ଦୁର ହଟାଇ ଦେଲେ। ପହଲଗାମରେ ଯେଉଁଳି ଗୁଳି ଫୁଟିଥିଲା ତାହା କେବଳ ସେହି ଭଉଣୀ ନୁହନ୍ତି ବରଂ ୧୪୦ କୋଟି ଦେଶବାସୀଙ୍କ ହୃଦୟକୁ ବିଦ୍ଧ କରିଥିଲା। ଯେଉଁମାନେ ଏଭଳି ନାରକୀୟ ଘଟଣା ଘଟାଇଥିଲେ ଏବଂ ସେମାନଙ୍କୁ ଯେଉଁ ଶକ୍ତି ପ୍ରୋତ୍ସାହିତ କରିଥିଲା ଆମେ ସେମାନଙ୍କୁ କଳ୍ପନା ଠାରୁ ମଧ୍ୟ ବଡ଼ ଦଣ୍ଡ ଦେବାକୁ ସଂକଳ୍ପ ନେଇଥିଲୁ। ଆଜି ସେମାନଙ୍କୁ ତାହା ମିଳିଯାଇଛି। ଦେଶବାସୀଙ୍କ ଆଶୀର୍ବାଦ ଏବଂ ସେନାର ପରାକ୍ରମକୁ ନେଇ ଆମେ ଏହି ସଂକଳ୍ପ ପୂରଣ କରିପାରିଛୁ। ଏହାସତ୍ତ୍ୱେ ବି ଯଦି ପାକିସ୍ତାନ ପୁଣି ଆତଙ୍କବାଦ ସୃଷ୍ଟି କରେ ଏବଂ ଭାରତୀୟଙ୍କ ରକ୍ତରେ ଖେଳିବାକୁ ଉଦ୍ୟମ କରେ ତେବେ ପାକିସ୍ତାନକୁ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ବୋଲି ମୋଦୀ କହିଛନ୍ତି। ଭାରତ ଆଉ ପୂର୍ବ ଭଳି ନାହିଁ, ଆତଙ୍କବାଦୀଙ୍କୁ କିଭଳି ଠୋସ୍ ଜବାବ ଦିଆଯାଇପାରିବ ତାହା ସ୍ଥିର କରିସାରିଛି ବୋଲି ପରୋକ୍ଷରେ ପାକିସ୍ତାନକୁ ଚେତବାନୀ ଦେଇ ମୋଦୀ କହିଛନ୍ତି। ଏଥିସହିତ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ଭାରତ ନେଇଥିବା ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ କରିବା ସମ୍ଭବ ନୁହେଁ ଏବଂ ପାକିସ୍ତାନକୁ ବୁନ୍ଦେ ଜଳ ଛଡାଯିବ ନାହିଁ ବୋଲି ସେ ଦୃଢୋକ୍ତି କରିଛନ୍ତି।

## ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍



ନୂଆଦିଲ୍ଲୀ,୨୨।୫(ଏଜେନ୍ସି) : କିରୁ ଜଳ ବିଦ୍ୟୁତ ପ୍ରକଳ୍ପ ସହିତ ଜଡିତ ଦୁର୍ନୀତି ମାମଲାରେ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ବିରୋଧରେ ସିବିଆଇ ଗୁରୁବାର ଚାର୍ଜସିଟ୍ ଦାଖଲ କରିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୨୦୦ କୋଟି ଟଙ୍କାର ସିଭିଲ କାର୍ଯ୍ୟ ପାଇଁ ଟେଣ୍ଡର ଦେବା ଘଟଣାରେ ବିପୁଳ ପରିମାଣର ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା। ୨୦୨୪ରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ନେବା ପରେ ଏଥିସହ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତେବେ ଗୁରୁବାର ସତ୍ୟପାଲ ମଲିକଙ୍କ ସମେତ ଅନ୍ୟ ୫ ଜଣଙ୍କ ବିରୋଧରେ ସିବିଆଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ କଶ୍ମୀର ରାଜ୍ୟପାଳ ରହିଥିଲା ବେଳେ କିରୁ ପ୍ରକଳ୍ପ କାର୍ଯ୍ୟ ସହ ଜଡ଼ିତ ଦୁଇଟି ଫାଇଲକୁ ସ୍ୱୀକୃତି ଦେବା ଲାଗି ତାଙ୍କୁ ୩୦୦ କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା ବୋଲି ଅଭିଯୋଗ କରିଥିଲେ। ତେବେ ସିବିଆଇ ଗତବର୍ଷ ଏହି ଘଟଣାର ତଦନ୍ତ କରି ସତ୍ୟପାଲଙ୍କ ଦିଲ୍ଲୀ ଏବଂ ଜମ୍ମୁ ଓ କାଶ୍ମୀର ବାସଭବନ ସମେତ ୩୦ରୁ ଅଧିକ ସ୍ଥାନ ତଲାସି କରିଥିଲା।

# ଇଡି ସବୁ ସୀମା ପାର୍ କରିଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ତାମିଲନାଡୁ ରାଜ୍ୟ ବିପଣନ ନିଗମ(ଟାସମାକ୍)ରେ ୧୦୦୦ କୋଟି ଟଙ୍କାର ଅର୍ଥହେରଫେର କରାଯିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହି ନିଗମ ଉପରେ ଚଢଉ କରିବା ଘଟଣାରେ ଇଡିକୁ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଇଡି ସବୁ ସୀମା ପାର୍ କରିଛି। ସାମ୍ବିଧାନିକ ନୀତି ନିୟମ ଉଲ୍ଲଙ୍ଘନ କରି ଦେଶର ସଂଘୀୟ ଢାଞ୍ଚାର ମୂଲ୍ୟବୋଧକୁ ବି ନଷ୍ଟ କରୁଛି। ଟାସମାକ୍ ଭଳି ଏକ ନିଗମ ବିରୋଧରେ କିଭଳି ଅପରାଧିକ ମାମଲା ରୁଜୁ କରାଯାଇପାରିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିବା ସହିତ ଏହି ନିଗମ ବିରୋଧରେ ଇଡିର ପରବର୍ତ୍ତୀ ତଦନ୍ତ କିମ୍ବା ଚଢଉ ଉପରେ ରୋକ୍ ଲଗାଇଛନ୍ତି। ଏହି ମାମଲାରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଏକ ପିଟିସନ ଦାଏର କରାଯାଇଥିଲା ବେଳେ ସୁପ୍ରିମକୋର୍ଟ ଏଥିପାଇଁ ଇଡିକୁ ନୋଟିସ୍ ଜାରି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଟାସମାକ୍‌ରେ ୧୦୦୦ କୋଟି ଟଙ୍କାର ଘୋଟାଲା କରାଯାଇଥିବା ଅଭିଯୋଗ ଆସିବା ପରେ ଏହାର ଯାଞ୍ଚ କରିବାକୁ ଇଡି ଟାସମାକ୍ ମୁଖ୍ୟାଳୟରେ ପହଞ୍ଚିଥିଲା। କିନ୍ତୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ହେଲେ ମାଡ୍ରାସ ହାଇକୋର୍ଟ ରାଜ୍ୟ ସରକାରଙ୍କ ଆବେଦନ ଖାରଜ କରି ଇଡିକୁ ଯାଞ୍ଚ କରିବାକୁ ଅନୁମତି ଦେଇଥିଲେ। ଏହାପରେ ତାମିଲନାଡୁ ସରକାର ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ ଜର୍ଜ ମେସିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଇଡିକୁ ଭର୍ତ୍ସନା କରିଛନ୍ତି। ଇଡି ନିଜର କ୍ଷମତା ପରିସର ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଛି ଏବଂ ସାମ୍ବିଧାନିକ ନୀତି ନିୟମକୁ ଉଲ୍ଲଂଘନ କରି ରାଜ୍ୟ ଅଧିକୃତ ସଂସ୍ଥାଗୁଡିକୁ ଟାର୍ଗେଟ କରୁଛି ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏଭଳି ଟିପ୍ପଣୀ ପରେ ଇଡି ପକ୍ଷ ରଖିଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍ ଭି ରାଜୁ ଟାସମାକ୍‌ରେ ୧୦୦୦ କୋଟି ଟଙ୍କାର ଘୋଟାଲା କରାଯାଇ ବିପୁଳ ଅର୍ଥ ହେରଫେର କରାଯାଇଥିବାର ପ୍ରମାଣ ରହିଛି ବୋଲି କହିଥିଲେ। ତେଣୁ ଇଡି ଯାଞ୍ଚ କାର୍ଯ୍ୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି ନ କରନ୍ତୁ ବୋଲି ଯୁକ୍ତି କରିଥିଲେ। ହେଲେ ଇଡି କେଉଁ ଆଧାରରେ ମନି ଲଣ୍ଡରିଂ ମାମଲା ରୁଜୁ କରିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନିଗମ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର କରାଯାଇ ପାରିଥିବା ବେଳେ ଇଡି ପୁଣି କାହିଁକି ଏଥିରେ ମୁଣ୍ଡ ପୂରାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖି କହିଥିଲେ ଯେ ୨୦୧୪ରୁ ୨୦୨୧ ମଧ୍ୟରେ ଟାସମାକ୍‌ରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ରାଜ୍ୟ ସରକାର କିଛି ଅଧିକାରୀ ଏବଂ ମଦ ଦୋକାନ ପରିଚାଳନାକାରୀଙ୍କ ବିରୋଧରେ ୪୧ଟି ଏତଲା ଦାଏର କରିସାରିଛନ୍ତି। ଏହାସତ୍ତ୍ୱେ ଇଡି ଏହି ମାମଲାରେ ହସ୍ତକ୍ଷେପ କରି ଟାସମାକ୍ ମୁଖ୍ୟାଳୟରେ ଚଢଉ କରିବା ସହିତ ବହୁ ଅଧିକାରୀଙ୍କ ଫୋନ୍ ଏବଂ ଦସ୍ତାବିଜ୍ ଜବତ କରିଛି ବୋଲି ଶିବଲ କହିଥିଲେ।

# ସାମରିକ ବିଦ୍ରୋହ ଆଡ଼କୁ ମୁହାଁଉଛି ବାଂଲାଦେଶ !

ଢାକା,୨୨।୫(ଏଜେନ୍ସି): ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାରଙ୍କ ଭାରତ ବିରୋଧୀ ମାନସିକତା ତୀବ୍ର ହେବାରେ ଲାଗିଛି। ଭାରତରେ ଅସ୍ଥିରତା ସୃଷ୍ଟି କରିବା ସହିତ ଭାରତକୁ ବିପଦରେ ପକାଇବା ଲାଗି ୟୁନୁସ୍ ସରକାର ଚୀନ୍ ଏବଂ ପାକିସ୍ତାନ ସହ ହାତ ମିଳାଇଛି। ଯାହାର ନମୁନା ଅନେକ ସ୍ତରରେ ଦେଖିବାକୁ ମିଳିଛି। ଭାରତ ସୀମାକୁ ଲାଗି ରହିଥିବା ବାଂଲାଦେଶର



ଲାଲ ମୁନିର ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ ଲାଗି ବାଂଲାଦେଶ ସରକାର ଚୀନ୍ ସହ ହାତ ମିଳାଇ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। ମୁଖ୍ୟତଃ ' ଚିକେନ ନେକ୍'କୁ ଦୃଷ୍ଟିରେ ରଖି ୟୁନୁସ୍ ସରକାର ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଅସ୍ଥିରତା ସୃଷ୍ଟି କରିବାକୁ ମସୁଧା କରିଛନ୍ତି। ଅନ୍ୟପକ୍ଷରେ ଭାରତ ବିରୋଧୀ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ୟୁନୁସ୍ ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକର-ଉଜ୍ –ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ ଜେନେରାଲ ଫୈଜୁର ରହମନଙ୍କୁ ବସାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ୱାକର ଜମାନ ଶେଖ ହସିନାଙ୍କ ସମୟରୁ ସେନା ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି ଏବଂ ଭାରତ ପ୍ରତି ତାଙ୍କର ମାନସିକତା ସ୍ୱାଭାବିକ ରହିଛି। ହେଲେ ମହମ୍ମଦ ୟୁନୁସ୍ ବାଂଲାଦେଶ ସେନା ଦାୟିତ୍ୱ ଫୈଜୁର ରହମନଙ୍କୁ ଦେବାକୁ ପ୍ରସ୍ତୁତି ନେଇଥିବା ଜଣାପଡ଼ିଛି। କ୍ୱାର୍ଟର ମାଷ୍ଟର ଜେନେରାଲ ଭାବେ କାର୍ଯ୍ୟ କରୁଥିବା ଜେନେରାଲ ଫୈଜୁର ନିକଟରେ ବାଂଲାଦେଶ ଏନଏସଏ ଖଲିଉର ରହମନଙ୍କୁ ଭେଟିବା ସହିତ ପାକିସ୍ତାନର ଆଇଏସଆଇ ମୁଖ୍ୟ ଅସିମ ମଲିକଙ୍କୁ ମଧ୍ୟ ଭେଟିଛନ୍ତି। ଫୈଜୁର ରହମନଙ୍କ ନେତୃତ୍ୱରେ ୟୁନୁସ୍ ଭାରତ ବିରୋଧୀ ଯୋଜନା ପ୍ରସ୍ତୁତ କରି ଏହାକୁ ରୂପ ଦେବାକୁ ଚାହୁଁଥିବା ଆକଳନ କରାଯାଉଛି।

# ଭାରତ ପାଇଁ ବଢ଼ିଲା ଚିନ୍ତା



**■ ଆଫଗାନିସ୍ତାନ ଯାଏଁ ସଂପ୍ରସାରିତ ହେବ 'ସିପେକ୍'**

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ତାଲିବାନ ସହ ଭାରତର ସମ୍ପର୍କ ବୃଦ୍ଧି ପାକିସ୍ତାନ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପଟେ ଆଫଗାନିସ୍ତାନର ତାଲିବାନ ସରକାର ସହ ଚୀନ୍ ଯେଉଁ ନୂଆ ଚାଲ୍ ଆରମ୍ଭ କରିଛି ତାହା ଭାରତ ପାଇଁ ଚିନ୍ତାର କାରଣ ହେବାକୁ ଯାଉଛି। ଚୀନ୍ ଆଫଗାନିସ୍ତାନ ସହ ସମ୍ପର୍କ ବୃଦ୍ଧି କରି 'ସିପେକ୍( ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର) ପ୍ରକଳ୍ପକୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ସଂପ୍ରସାରିତ କରିବାକୁ ପ୍ରସ୍ତୁତି ନେଇଛି। ପୂର୍ବରୁ ଏହି ପ୍ରକଳ୍ପ ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ସୀମିତ ରହିଥିଲା ବେଳେ ଏବେ ଆଫଗାନିସ୍ତାନ ମଧ୍ୟ ଏଥିରେ ସାମିଲ ହୋଇଛି। ଏନେଇ ଚୀନ୍, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ତ୍ରିସ୍ତରୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପରେ ଆଫଗାନିସ୍ତାନ ସାମିଲ ହେଲେ ଏହାର ଅର୍ଥନୀତିକୁ ବଳ ମିଳିବା ସହିତ ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ସହ ବ୍ୟବସାୟ, ବାଣିଜ୍ୟ ବଢିବ ବୋଲି ଚୀନ୍ ରଣନୀତି ପ୍ରସ୍ତୁତ କରିଛି। ବର୍ଷ ବର୍ଷ ଧରି ଯୁଦ୍ଧଭୂମିରେ ପରିଣତ ହୋଇଥିବା ଆଫଗାନିସ୍ତାନରେ ଚୀନ୍ ସିପେକ୍ ପ୍ରକଳ୍ପ ମାଧ୍ୟମରେ ଉନ୍ନତ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଥିଲା ବେଳେ ଏହାଦ୍ୱାରା ଆଫଗାନିସ୍ତାନରେ ନିଯୁକ୍ତି ସୁଯୋଗ ବୃଦ୍ଧି ସହିତ ବ୍ୟାବସାୟିକ କାରବାର ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି କହିଛି। ଏହିକ୍ରମରେ ବେଜିଂରେ ଅନୁଷ୍ଠିତ ଏକ ବୈଠକରେ ତିନି ରାଷ୍ଟ୍ରର ପ୍ରତିନିଧି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

କିନ୍ତୁ ତିନି ରାଷ୍ଟ୍ରଙ୍କ ମଧ୍ୟରେ ଏହି ବୁଝାମଣା ଭାରତ ପାଇଁ କୂଟନୀତି, ଭୂ-ରାଜନୀତି ଏବଂ ରଣନୀତି ଦୃଷ୍ଟିରୁ ସମସ୍ୟା ଆଣିବ ବୋଲି କୁହାଯାଉଛି। ଭାରତ ବହୁ ପୂର୍ବରୁ ଆଫଗାନିସ୍ତାନରେ ନିଜର ଉପସ୍ଥିତି ଜାହିର କରିବା ସହିତ ଏଠାରେ ଡ୍ୟାମ, ରାଜପଥ ଠାରୁ ଆରମ୍ଭ କରି ସଂସଦ ଏବଂ ହସ୍ପିଟାଲ ଆଦି ନିର୍ମାଣ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ କରିଛି। କିନ୍ତୁ ଆଫଗାନିସ୍ତାନରେ ପାକିସ୍ତାନ ଓ ଚୀନ୍ ପ୍ରବେଶ କରିବା ପରେ ଭାରତର ଉପସ୍ଥିତି ହ୍ରାସ ପାଇବ ବୋଲି କୁହାଯାଉଛି। ଭାରତକୁ ଘେରିବା ଲାଗି ଚୀନ୍ ଶ୍ରୀଲଙ୍କାର ହମ୍ବନଟୋଟା, ପାକିସ୍ତାନର ଗ୍ୱାଦର ଏବଂ ବାଂଲାଦେଶର ଚିଟ୍ଟାଗଙ୍ଗ ଆଦି ବନ୍ଦରକୁ ନିଜ ହାତକୁ ନେଇଛି। ଏବେ ସିପେକ୍ ପ୍ରକଳ୍ପ ଆଫଗାନିସ୍ତାନ ଯାଏ ସଂପ୍ରସାରିତ ହେବା ପରେ ପଶ୍ଚିମ ପଟୁ ଭାରତ ପାଇଁ ବିପଦ ବଢିବ। ଏହାଛଡ଼ା ଏହି ପ୍ରକଳ୍ପକୁ ନେଇ ସୁରକ୍ଷା ଦୃଷ୍ଟିରୁ କଶ୍ମୀର ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି।

# ୱାକଫ୍ ମାମଲାର ଶୁଣାଣି ଶେଷ; ଅନ୍ତରୀଣ ଆଦେଶକୁ ଅପେକ୍ଷା

ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ବହୁଚର୍ଚ୍ଚିତ ୱାକଫ ସଂଶୋଧନ ଆଇନକୁ ନେଇ ଗତ ତିନି ଦିନ ଧରି ଚାଲିଥିବା ଶୁଣାଣି ଆଜି ଶେଷ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସହିତ ଅନ୍ତରୀଣ ଆଦେଶକୁ ସଂରକ୍ଷିତ ରଖିଛନ୍ତି। ଏହି ଆଇନରେ ଥିବା ତିନିଟି ବ୍ୟବସ୍ଥା : ୱାକଫ ବାଇ ୟୁଜର୍, ୱାକଫ ବୋର୍ଡ ସଭ୍ୟପଦ ଅଣମୁସଲିମଙ୍କ ପାଇଁ ସଂରକ୍ଷଣ ଏବଂ ୱାକଫ ମାମଲାରେ ଜିଲ୍ଲାପାଳଙ୍କ କ୍ଷମତାକୁ ନେଇ କୋର୍ଟ ଅନ୍ତରୀଣ ଆଦେଶ ଦେବେ।

ଏହି ମାମଲାରେ ତିନିଦିନ ଧରି ଚାଲିଥିବା ଶୁଣାଣିରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ, ଅଭିଶେକ ସିଂହଭୀ ଏବଂ ରାଜୀବ ଧାବନ ନୂଆ ୱାକଫ ଆଇନ ବିରୋଧରେ ଯୁକ୍ତି ରଖି ଏହାକୁ ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ନୂଆ ଆଇନ ବଳରେ ୱାକଫ ସଂପତ୍ତି ହଡ଼ପ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ସେମାନେ ଯୁକ୍ତି ରଖିଥିଲେ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ହୋଇ ନୂଆ ୱାକଫ ଆଇନ ସପକ୍ଷରେ ଯୁକ୍ତି ରଖିଥିଲେ। ସେ କହିଥିଲେ ଯେ ୱାକଫ ସଂପତ୍ତିର ସୁପରିଚାଳନା ପାଇଁ ନୂଆ ଆଇନରେ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ବିରୋଧୀ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସଂଶୋଧିତ ଆଇନର ତିନିଟି ବ୍ୟବସ୍ଥା ଉପରେ ରୋକ୍ ଲଗାଇବା ଲାଗି ଆବେଦନକାରୀ ଯୁକ୍ତି କରିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଥିଲେ ଯେ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ହେଲେ ଠୋସ୍ କାରଣ ଦରକାର।

ଯେଉଁ ତିନିଟି ବିବାଦୀୟ ପ୍ରସଙ୍ଗ ଉପରେ ରୋକ୍ ଲଗାଇବାକୁ ଆବେଦନକାରୀ ଯୁକ୍ତି କରିଛନ୍ତି ସେଥିରେ ପ୍ରଥମଟି ହେଲା ୱାକଫ ବାଇ ୟୁଜର। ଯଦି କୌଣସି ଧାର୍ମିକ ଅନୁଷ୍ଠାନ ଦୀର୍ଘ ଦିନ ଧରି ଜମି/ସଂପତ୍ତି ବ୍ୟବହାର କରୁଛି ତାହାକୁ ଆପେଆପେ ୱାକଫ୍ ସଂପତ୍ତି ବୋଲି ବିବେଚନା କରାଯିବ। କିନ୍ତୁ ନୂଆ ଆଇନରେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଦ୍ୱିତୀୟଟି ହେଲା ୱାକଫ ବୋର୍ଡ/ପରିଷଦରେ ଅଣମୁସଲିମଙ୍କ ପାଇଁ ପଦବୀ ସଂରକ୍ଷଣ। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଏଭଳି ବ୍ୟବସ୍ଥା ଦ୍ୱାରା ସରକାର ସମଗ୍ର ପରିଚାଳନା ବ୍ୟବସ୍ଥାକୁ ମୁସଲମାନଙ୍କ ହାତରୁ ଛଡ଼ାଇବାକୁ ଉଦ୍ୟମ କରୁଛନ୍ତି। ତୃତୀୟଟି ହେଲା କୌଣସି ୱାକଫ ସଂପତ୍ତି ଉପରେ ଜିଲ୍ଲାପାଳ ତଦନ୍ତ ଆରମ୍ଭ କରିବା ମାତ୍ରେ ଏହି ସଂପତ୍ତି ୱାକଫ୍ ମାନ୍ୟତା ହରାଇବ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୧୯ - ଜୟପୁରର ମହାରାଣୀ ଗାୟତ୍ରୀ ଦେବୀଙ୍କ ଜନ୍ମ।
- ୧୯୫୧- ଚୀନ୍ ତିବ୍ବତ ଉପରେ କବ୍‌ଜା କଲା।
- ୧୯୯୪- ସାଉଦି ଆରବରେ ଦଳା ଚକଟା ଯୋଗୁଁ ୨୭୦ ତୀର୍ଥଯାତ୍ରୀଙ୍କ ପ୍ରାଣହାନି।
- ୨୦୦୪- ବାଂଲାଦେଶରେ ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୨୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ଭାରତ ପୃଥ୍ୱୀ-୨ ମିସାଇଲ୍‌ର ସଫଳ ପରୀକ୍ଷଣ କଲା।

## ବିଶ୍ୱ କଚ୍ଛପ ଦିବସ



ଆଜି ହେଉଛି ବିଶ୍ୱ କଇଁଛ ଦିବସ। କଇଁଛର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଏହି ଦିନଟି ଉତ୍ସର୍ଗୀକୃତ ହୋଇଥିବାବେଳେ ସେମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରେ ବଞ୍ଚି ରହିବାକୁ ଦେବା ତଥା ସେମାନଙ୍କର ବଂଶବୃଦ୍ଧିରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ୩୦୦ରୁ ଅଧିକ ପ୍ରଜାତିର କଇଁଛ ଦେଖାଯାନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ପ୍ରାଣୀଙ୍କ ବଂଶବୃଦ୍ଧିରେ ସଙ୍କଟ ଉତ୍ପନ୍ନ ହେଉଛି। ବିଭିନ୍ନ ପ୍ରଜାତିର କଇଁଛଙ୍କ ସଂରକ୍ଷଣ ସହ ସେମାନଙ୍କର ବାସସ୍ଥାନର ସୁରକ୍ଷା ନିମନ୍ତେ ଆମେରିକାର ସ୍ୱେଚ୍ଛାସେବୀ ସଂଗଠନ 'ଆମେରିକାନ୍ ଟରଟଏଜ୍ ରେସ୍କ୍ୟୁ'ର ଉଦ୍ୟମ କ୍ରମେ ୨୦୦୨ ମସିହାରୁ ମେ' ୨୩କୁ କଚ୍ଛପ ଦିବସ ଭାବେ ପାଳନ କରାଯାଇ ଆସୁଛି। କଇଁଛ ମୃତ ମାଛକୁ ଖାଇ ବେଳାଭୂମିକୁ ପରିଷ୍କାର ରଖିବା ସହ ଗାତ ଖୋଳି ଅନ୍ୟ କିଛି ପ୍ରାଣୀଙ୍କ ପାଇଁ ଆବାସସ୍ଥଳୀ ନିର୍ମାଣ କରିଥାଏ। ସାମୁଦ୍ରିକ ଉଦ୍ଭିଦଜଗତ ଓ ପ୍ରବାଳକୁ ବଞ୍ଚାଇ ରଖିବାରେ ମଧ୍ୟ କଚ୍ଛପ ସାହାଯ୍ୟ କରିଥାଏ। ପୃଥିବୀ ପୃଷ୍ଠରେ କଇଁଛ ଡାଇନୋସର୍ ସମୟରୁ ଅଛନ୍ତି। ଅନ୍ୟପଟେ ପୃଥିବୀପୃଷ୍ଠର ଆଦ୍ରତା କମୁଥିବାରୁ ଏମାନଙ୍କ ଅସ୍ତିତ୍ୱ ଲୋପ ପାଉଛି। ମହାମାରୀ କରୋନା ସମୟରେ ମଣିଷଙ୍କ ଗହଳି ସମୁଦ୍ରକୂଳରେ ନ ଥିଲା। ସେଇସମୟରେ ବିଶ୍ୱର ଅଧିକାଂଶ ସମୁଦ୍ରକୂଳେ ହଜାର ହଜାର କଇଁଛ ଦେଖିବାକୁ ମିଳିଲା। ଏବେ ନଦୀ ଓ ସମୁଦ୍ରଗୁଡ଼ିକ ପ୍ରଦୂଷିତ ହେଉଥିବାରୁ ପ୍ଲାଷ୍ଟିକ୍ ଟୁକୁଡ଼ା ଖାଇ ଅନେକ ସମୟରେ କଇଁଛଙ୍କ ମୃତ୍ୟୁ ହେଉଛି। ଏହାବାଦ୍ ଟ୍ରେଲର୍‌ର ବ୍ଲେଡ୍‌ରେ କଟି ଓ ମାଛ ଜାଲରେ ଛନ୍ଦି ହୋଇ ମଧ୍ୟ ଅନେକ କଇଁଛ ମରିଥାନ୍ତି। ତ୍ୱଚା, ଅଣ୍ଡା, ମାଂସ ପାଇଁ ଏମାନଙ୍କର ଚୋରା ଚାଲାଣ କରାଯାଉଛି। ଫଳରେ କଇଁଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଣୁ କଇଁଛ ସୁରକ୍ଷା ଓ ସେମାନଙ୍କ ବାସସ୍ଥାନ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ନାସା ଓ ରୁଷ୍ ସେମାନଙ୍କ ମହାକାଶ ମିଶନରେ କଇଁଛକୁ ମହାକାଶକୁ ପଠାଇଛନ୍ତି।

## କୁକୁରଙ୍କ ପାଇଁ ଜିମ୍



ଆଜିକାଲି ଲୋକେ ଜିମ୍ ଯାଇ ନିଜକୁ ଫିଟ୍ ରଖୁଛନ୍ତି। ଏହି କ୍ରମରେ ଏଣିକି କୁକୁର ମଧ୍ୟ ଜିମ୍ ଯାଇ ଫିଟ୍ ରହିବେ। ଚୀନ୍‌ରେ ପୋଷା କୁକୁରଙ୍କ ପାଇଁ ଏକ ବିଶେଷ ପ୍ରକାର ଜିମ୍‌କୁ ପରିଚିତ କରାଯିବ। ଏଠାରେ କୁକୁର ଚଲାବୁଲାଠାରୁ ଆରମ୍ଭ କରି ସନ୍ତରଣ ଆଦି ସବୁ କିଛି କରି ପାରିବେ। ସିଙ୍ଗାପୁର ସ୍ଥିତ 'ହିଲ୍ ପେଟ୍ କେୟାର୍' ଏହି ଜିମ୍‌ର ନିର୍ମାଣ ଦାୟିତ୍ୱରେ ଥିବା ବେଳେ ଏହାକୁ ଶଂଘାଇରେ ନିର୍ମାଣ କରାଯାଉଛି। ଜିମ୍‌ର ନାଁ 'ଗୋଗୋ ଜିମ୍' ରଖଯାଇଛି। ଅବଶ୍ୟ କିଛି ଦିନ ତଳେ ସାମାଜିକ ଗଣମାଧ୍ୟମରେ ଏହି ଜିମ୍‌ର ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ କିଛି କୁକୁର ଟ୍ରେଡ୍‌ମିଲ୍‌ରେ ବ୍ୟାୟାମ କରୁଥିବାର ଦେଖିବାକୁ ମିଳିଥିଲା। ଜିମ୍‌ରେ ସମୁଦାୟ ୪ଟି କୋଠରି ଅଛି। ପ୍ରତ୍ୟେକ କୋଠରିରେ କୁକୁରଙ୍କୁ ଭିନ୍ନ ଭିନ୍ନ ପ୍ରକାର ସେବା ପ୍ରଦାନ କରାଯିବ। ସେହିପରି ଏଠାରେ ଏକ ଫିଟ୍‌ନେସ୍ ସେଣ୍ଟର, ସ୍ପା, ମସାଜ୍ ରୁମ୍, ପୋଷା କୁକୁରଙ୍କ ଜିନିଷ ଥିବା ଦୋକାନ ରହିବାର ବ୍ୟବସ୍ଥା କରାଯିବ। ଜୁନ୍ ଶେଷ ସୁଦ୍ଧା ଲୋକେ ଏହି ଜିମ୍‌କୁ ସେମାନଙ୍କ କୁକୁରଗୁଡ଼ିକୁ ନେଇ ଆସିପାରିବେ। ତେବେ ଏହି ଜିମ୍‌ର ଉଦ୍ଦେଶ୍ୟ ହେଉଛି କୁକୁରଙ୍କୁ ସ୍ୱାସ୍ଥ୍ୟବାନ କରିବା। ଏହାସହ ସେମାନଙ୍କୁ ଶାରୀରିକ ସ୍ତରରେ ସକ୍ରିୟ ରଖି ରୋଗ ଦାଉରୁ ରକ୍ଷା କରିବା। ଜିମ୍‌ରେ ପ୍ରଫେସନାଲ ଟ୍ରେନର୍ ମଧ୍ୟ ରହିବେ। ଗୋଗୋ ଜିମ୍ ଏପ୍ରିଲ୍ ୧୯ ରେ କୁକୁରଙ୍କ ପାଇଁ ମଡେଲିଂ ପ୍ରତିଯୋଗିତାର ଆୟୋଜନ କରିଥିଲା। ଏଥିରେ ୩ ବିଜେତା କୁକୁରଙ୍କୁ ତିନି ମାସ ପାଇଁ ଜିମ୍ ପାସ୍ ପ୍ରଦାନ କରାଯାଇଛି।

## 'ଭୂତ୍ ବଙ୍ଗଲା'ର ସୁଟିଂ ସାରିଲେ ଅକ୍ଷୟ

ପ୍ରିୟଦର୍ଶନ୍‌ଙ୍କ ନିର୍ଦ୍ଦେଶିତ ହରର୍ କମେଡି ଫିଲ୍ମ 'ଭୂତ୍ ବଙ୍ଗଲା'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ କ୍ରେଜ୍ ରହିଛି। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ଓ ବାମିକା ଗବ୍ବି ନଜର ଆସିବେ। ୧୪ ବର୍ଷ ପରେ ଏହି ଫିଲ୍ମ ଜରିଆରେ ଅକ୍ଷୟ ଓ ପ୍ରିୟଦର୍ଶନଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। ଇତିମଧ୍ୟରେ ଅକ୍ଷୟ ଫିଲ୍ମର ସୁଟିଂ ସରିଥିବା ନେଇ ବାମିକାଙ୍କ ସହ ଏକ ବିଟିଏସ୍ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରି ଦର୍ଶକଙ୍କୁ ସୂଚନା ଦେଇଛନ୍ତି। ଫଟୋରେ ଅକ୍ଷୟଙ୍କ ପଛପଟେ ଏକ ଝରଣା ଦେଖାଯାଉଛି। ଅକ୍ଷୟ ଜୋଗର୍ସ ସହ ସବୁଜ ରଙ୍ଗର ଏକ ସାର୍ଟ ପିନ୍ଧି ନାଚୁଥିବାର ଦେଖାଯାଇଛନ୍ତି। ଏହି ଫିଲ୍ମରେ ଅକ୍ଷୟ, ବାମିକାଙ୍କ ସହ ତବୁ, ପରେଶ ରାୱଲ, ରାଜପାଲ ଯାଦବ, ଯୀଶୁ ସେନଗୁପ୍ତା, ଅସରାନି ନଜର ଆସିବେ। ଫିଲ୍ମର ସୁଟିଂ ରାଜସ୍ଥାନ, ଜୟପୁର ଓ ହାଇଦ୍ରାବାଦ୍‌ରେ କରାଯାଇଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଶୋଭା କପୁର, ଏକତା ଆର୍ କପୁର, ବାଲାଜୀ ଟେଲି ଫିଲ୍ମସ୍ ଓ ଅକ୍ଷୟ କୁମାରଙ୍କ ପ୍ରଡକ୍ସନ୍ ହାଉସ୍ 'ହାଉସ୍ କେପ୍ ଅଫ୍ ଗୁଡ୍ ଫିଲ୍ମସ୍' ରହିଛି। ଏହା ୨ ଅପ୍ରେଲ୍, ୨୦୨୬ରେ ରିଲିଜ୍ ହେବ। ଫିଲ୍ମଟି କଳାଯାଦୁ ଉପରେ ଆଧାରିତ। ଏଥିରେ ଅକ୍ଷୟ ଜଣେ ଯାଦୁଗର ଭୂମିକାରେ ଦେଖାଯିବେ।






## କରୋନାର ନୂଆ ଭାରିଏଣ୍ଟ ଜେ ଏନ୍.୧

**କୋଭିଡ୍ ଯୋଗୁଁ ଲକ୍‌ଡାଉନ, ୱାର୍କଫ୍ରମ୍ ହୋମ ଦୁଃଖକୁ ଲୋକେ ଭୁଲି ନଥିବାବେଳେ ଏବେ ପୁଣି କରୋନାର ନୂଆ ପ୍ରଜାତି ଚିନ୍ତା ବଢ଼ାଇଛି। ହଙ୍ଗକଙ୍ଗ, ଚୀନ୍, ଥାଇଲ୍ୟାଣ୍ଡ ପରେ ଏବେ ମୁମ୍ବାଇରେ କରୋନାର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ନୂତନ ଉପ ପ୍ରଜାତିର ଲକ୍ଷଣ କ'ଣ ଓ କେଉଁମାନଙ୍କ ପାଇଁ ଏହା ବିପଦ ସେ ବିଷୟରେ ଜାଣିବା..**

କରୋନାର ଓମିକ୍ରନ ଉପ ପ୍ରଜାତି ଜେଏନ୍.୧ ପ୍ରଥମ ଥର ପାଇଁ ୨୦୨୩ରେ ଚିହ୍ନଟ ହୋଇଥିଲା। ଓମିକ୍ରନ ଉପ ପ୍ରଜାତି ବିଏ.୨.୮୬ରୁ ସୃଷ୍ଟି। ଏହି ପ୍ରଜାତିରେ ଅଧିକ ମ୍ୟୁଟେଶନ୍ ଥିବାରୁ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ତେଣୁ ଏହା ଦ୍ରୁତ ଗତିରେ ବ୍ୟାପିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି।


ସିଡିସି ଅନୁସାରେ, ଏହାର ପ୍ରାରମ୍ଭିକ ଲକ୍ଷଣ ପୂର୍ବରୁ ଚିହ୍ନଟ ହୋଇଥିବା କରୋନା ସହିତ ପ୍ରାୟତଃ ସମାନ। ଯେପରିକି ଭୂତାଣୁ ଶରୀରରେ ପ୍ରବେଶ କରିବାର କିଛି ଦିନ ମଧ୍ୟରେ ନାକରୁ ପାଣି ଗଡ଼ିବା, ଶୁଖିଲା କାଶ, ଜ୍ୱର, ଗଳା ଦରଜ, ନିଃଶ୍ୱାସ ନେବାରେ ସମସ୍ୟା, ମୁଣ୍ଡବିନ୍ଧା, ତରଳ ଝାଡ଼ା, ବାନ୍ତି, ଥଣ୍ଡା ଅନୁଭବ ଇତ୍ୟାଦି ହୋଇଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଚିକିତ୍ସାରେ ରହିବା ଆବଶ୍ୟକ।

**ଏମାନଙ୍କୁ ଅଧିକ ବିପଦ:** ଏହି ପ୍ରଜାତି ସମସ୍ତ ବୟସର ଲୋକଙ୍କୁ ପ୍ରଭାବିତ କରୁଛି। ତେବେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତି, ଟିକା ନ ନେଇଥିବା ଲୋକ, ବୟସ୍କ ନାଗରିକ, ଅଣନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ମଧୁମେହ, ବୃକ୍‌କ କିମ୍ବା ଯକୃତ ଜନିତ ସମସ୍ୟା, ଶ୍ୱସନ ସଂକ୍ରମଣ, ବିଭିନ୍ନ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହି ନୂତନ ପ୍ରଜାତି ଅଧିକ ବିପଦ।

**ସତର୍କତାରୁ ସୁରକ୍ଷା:** ସତର୍କତା ଅବଲମ୍ବନ କରି ଏହି ଭୂତାଣୁ ସଂକ୍ରମଣରୁ ବର୍ତ୍ତିହେବ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ, ଭିଟାମିନ୍ -ସି, ଏ, ଡି ଏବଂ ଇ ଜରୁରି। ଭିଡସ୍ଥାନକୁ ଯିବା ଅନୁଚିତ। ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ବ୍ୟବହାର ଆବଶ୍ୟକ। ସେହିପରି ନିଦ ପୂରା କରିବା ସହ ଶରୀରକୁ ଆବଶ୍ୟକତା ଅନୁଯାୟୀ ପାଣି ପିଇବା ଆବଶ୍ୟକ।

## ମୁଖଗହ୍ୱର ଏବଂ ହୃଦୟ ସ୍ୱାସ୍ଥ୍ୟ

ମୁଖଗହ୍ୱର ଶରୀରର ଦର୍ପଣ ସଦୃଶ। ମୁଖ ଗହ୍ୱର ସ୍ୱାସ୍ଥ୍ୟ ହିଁ ଜଣଙ୍କ ହୃତପିଣ୍ଡର ସୁସ୍ଥତା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଥାଏ। ଶରୀରର ଅନ୍ୟ ଅଂଶ ପରି ପାଟିରେ ଜୀବାଣୁ ଭରପୁର। ଏମାନେ ପ୍ରାୟତଃ କ୍ଷତିକାରକ ନୁହନ୍ତି। କିନ୍ତୁ ଏହି ଜୀବାଣୁ ମଧ୍ୟରୁ କିଛି ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଉପଯୁକ୍ତ ମୁଖ ପରିଚ୍ଛନ୍ନତା ବିନା ଜୀବାଣୁ ଏପରି ସ୍ତରକୁ ପହଞ୍ଚିପାରେ, ଯାହା ମୁଖ ସଂକ୍ରମଣର କାରଣ ହୋଇପାରେ। ଯେପରିକି ଦାନ୍ତ କ୍ଷୟ ଏବଂ ମାଢ଼ି ରୋଗ। ପେରିଓଡଣ୍ଟାଇଟିସ୍ ବା ମାଢ଼ି ରୋଗର ଜୀବାଣୁ ରକ୍ତ ପ୍ରବାହରେ ପ୍ରବେଶ କରି କରୋନାରୀ ଧମନୀରେ ପ୍ଲାକ୍ (ଚର୍ବି, କୋଲେଷ୍ଟ୍ରୋଲ, କ୍ୟାଲସିୟମ୍ ଜମା) ସହିତ ସଂଯୋଗ କରନ୍ତି, ଯାହା ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ସାଧାରଣ ରକ୍ତ ପ୍ରବାହକୁ ହ୍ରାସ କରେ। ଯାହା ଅମ୍ଳଜାନ ତଥା ପୋଷକତତ୍ତ୍ୱର ପରିମାଣକୁ ସୀମିତ କରି ହୃଦଘାତର କାରଣ ହୁଏ। ଏହା ଆଥେରୋସ୍କ୍ଲେରୋସିସ୍, ଏଣ୍ଡୋକାର୍ଡାଇଟିସ୍, ଷ୍ଟ୍ରୋକ୍ ସୃଷ୍ଟି କରିପାରେ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ହେଉଛି, ସଂକ୍ରମଣଶୀଳ ଏଣ୍ଡୋକାର୍ଡାଇଟିସ୍। ଯେଉଁଠାରେ ପାଟି ଏବଂ ଶରୀରର ଅନ୍ୟାନ୍ୟ ଅଂଶରୁ ଜୀବାଣୁ ହୃଦୟଚାମ୍ବର କିମ୍ବା ଭାଲଭ ଭିତର ଆବରଣକୁ ସଂକ୍ରମିତ କରନ୍ତି। ସାଧାରଣତଃ ହୃଦରୋଗ, ଭାଲଭ୍ୟୁଲାର ହୃଦରୋଗ କିମ୍ବା କୃତ୍ରିମ ହୃଦୟ ଭାଲ୍‌ଭ ଥିବା ଲୋକଙ୍କ ପାଇଁ ଏହା ଅଧିକ ବିପଦ।

ଏ ସମ୍ପର୍କରେ ଡାକ୍ତର ଅଶୋକ କୁମାର ମହାନ୍ତି କୁହନ୍ତି, ଭଲ ମୁଖ ସ୍ୱାସ୍ଥ୍ୟ କେବଳ ଏକ ଉଜ୍ଜ୍ୱଳ ହସ ପାଇଁ ନୁହେଁ, ଏହା ହୃଦୟ ସ୍ୱାସ୍ଥ୍ୟର ଏକ ପ୍ରମୁଖ ଉପାଦାନ ମଧ୍ୟ। ତେଣୁ ପ୍ରତିଦିନ ଫ୍ଲୋରାଇଡ୍ ଟୁଥପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦିନକୁ ଅତି କମରେ ଦୁଇଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ) ଦାନ୍ତ ଘଷିବା ଜରୁରି। ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଖାଇବା ସହ ଅଧିକ ମିଠାଯୁକ୍ତ ଖାଦ୍ୟକୁ ସୀମିତ ରଖିବା ଆବଶ୍ୟକ। ଦାନ୍ତ ଘଷିବା ଏବଂ ଫ୍ଲସ୍ କରିବା ପରେ ଛାଡ଼ିଯାଇଥିବା ଖାଦ୍ୟ କଣିକାକୁ ବାହାର କରିବାକୁ ମାଉଥୱାସ ବ୍ୟବହାର ଜରୁରି। ପ୍ରତି ତିନି ମାସ କିମ୍ବା ତା'ପୂର୍ବରୁ ଟୁଥବ୍ରଶ୍ ପରିବର୍ତ୍ତନ କରିବା ମଧ୍ୟ ଆବଶ୍ୟକ। ଯଦି ବ୍ରସ୍‌ର ବ୍ରିଷଲ୍ ନଷ୍ଟ ହୋଇଯାଏ ଥଣ୍ଡା, ଫ୍ଲୁ କିମ୍ବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟ ଟୁଥବ୍ରଶ୍ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ। ଏଥିସହ ସମ୍ପୂର୍ଣ୍ଣ ଭାବେ ତମାଖୁ ବର୍ଜନ ସହ ନିୟମିତ ଦାନ୍ତ ଯାଞ୍ଚ ଏବଂ ସଫା କରିବାର ସମୟସୂଚୀ ପ୍ରସ୍ତୁତ କରିବା ଆବଶ୍ୟକ।

## ଆସ୍ଥମା; ସଚେତନତା ହିଁ ସର୍ବୋତ୍କୃଷ୍ଟ ଉପଚାର



ଅଣସଂକ୍ରାମକ ରୋଗ (ଏନ୍‌ସିଡି) ଜନିତ ମୃତ୍ୟୁର ଶୀର୍ଷ ୩ଟି ପ୍ରମୁଖ ରୋଗ ମଧ୍ୟରେ ଆସ୍ଥମା ଓ ଅନ୍ୟାନ୍ୟ ଜଟିଳ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗ ଅନ୍ତର୍ଭୁକ୍ତ। ଆସ୍ଥମା ଏକ ଦୀର୍ଘସ୍ଥାୟୀ ଶ୍ୱାସକ୍ରିୟାଜନିତ ରୋଗ। ଏହା ପ୍ରଦାହ ଏବଂ ଶ୍ୱାସନଳୀ ସଂକୋଚନ କାରଣରୁ ହୋଇଥାଏ। ଏହି ରୋଗ ହେଲେ ମୁଣ୍ଡ ବୁଲାଇବା, କାଶ ଏବଂ ନିଶ୍ୱାସପ୍ରଶ୍ୱାସରେ କଷ୍ଟ ହେବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହା ଦେଶବ୍ୟାପୀ ସମସ୍ତ ମୃତ୍ୟୁର ୫୦%ରୁ ଅଧିକ ପାଇଁ ଦାୟୀ। ତଥାପି ଗମ୍ଭୀର ଆସ୍ଥମା ଲକ୍ଷଣ ଥିବା ପ୍ରାୟ ୭୦% ଲୋକଙ୍କର ଉପଯୁକ୍ତ ନିଦାନ କରାଯାଇନାହିଁ। ୨.୫%ରୁ କମ୍ ଲୋକ ପ୍ରତିଦିନ ଇନ୍‌ହେଲ୍‌ଡ କୋର୍ଟିକୋଷ୍ଟେରଏଡ(ଉପଯୁକ୍ତ ଚିକିତ୍ସା)ର ବ୍ୟବହାର କରୁଛନ୍ତି। ମୁଖ୍ୟତଃ ପ୍ରଚଳିତ ଭୁଲଧାରଣା ଓ ଅପବାଦ କାରଣରୁ ଲୋକେ ଉପଯୁକ୍ତ ନିଦାନ ଓ ଚିକିତ୍ସା କରାଇ ନ ଥାନ୍ତି। ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମେ ମାସ 'ବିଶ୍ୱ ଆସ୍ଥମା ଦିବସ' ପାଳନ କରାଯାଇଥାଏ। ଆସ୍ଥମାର ମୁକାବିଲା ପାଇଁ ସଚେତନତା, ଶିକ୍ଷା ଓ ପହଂଚକୁ ସମନ୍ୱିତ କରୁଥିବା ଦୀର୍ଘସ୍ଥାୟୀ, ସାମୂହିକ ଆଭିମୁଖ୍ୟର ଆବଶ୍ୟକତା ରହିଛି।

'ମେକ୍ ଇନ୍‌ହେଲଡ ଟ୍ରିଟ୍‌ମେଣ୍ଟ ଆକ୍ସେସିବୁଲ ଫର ଅଲ୍' ଅର୍ଥାତ୍ ସମସ୍ତଙ୍କ ପାଇଁ ଶ୍ୱାସ ଉପଚାର ଉପଲବ୍ଧ କରାଇବା ଚଳିତ ବର୍ଷର 'ବିଶ୍ୱ ଆସ୍ଥମା ଦିବସ'ର ବାର୍ତ୍ତା ରହିଛି। ମେକ୍ ଇନ୍‌ହେଲଡ ଟ୍ରିଟ୍‌ମେଣ୍ଟ ଆକ୍ସେସିବୁଲ ଫର ଅଲ୍'ର ଜିଆଇଏନଏ ଥିମ ଦ୍ୱାରା ସମର୍ଥିତ ଚଳିତ ବର୍ଷର ବିଶ୍ୱ ଆସ୍ଥମା ଦିବସ ଭାରତର ସାର୍ବଜନିନ ସ୍ୱାସ୍ଥ୍ୟ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସିପ୍‌ଲାର ବେରୋକ ଜିନ୍ଦେଗୀ, ଟଫିସ୍ ଏବଂ କମ୍ପାନୀର ବ୍ରେଥଫ୍ରି ଅଭିଯାନ ଭଳି କ୍ୟାମ୍ପେନଗୁଡିକ ଆସ୍ଥମାକୁ ନେଇ ଶିକ୍ଷଣୀୟ ଆଲୋଚନାକୁ ପରିଚାଳନା କରିବା ସହ ନିରନ୍ତର ରୋଗୀ ସହଯୋଗ ପ୍ରଦାନ କରିବାରେ ସାହାଯ୍ୟ କରୁଛନ୍ତି।

ଇନ୍‌ହେଲେଶନ ଥେରାପି ଓ ଚିକିତ୍ସା ପାଇଁ ଉପଲବ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଭୁବନେଶ୍ୱରର ପଲ୍‌ମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା କହିଛନ୍ତି, " ଆସ୍ଥମା ଚିକିତ୍ସାର ପ୍ରାଥମିକ ଲକ୍ଷ୍ୟ ହେଉଛି, ଲକ୍ଷଣଗୁଡିକୁ ନିୟନ୍ତ୍ରଣ କରିବା, ତତ୍କାଳ ଆଶ୍ୱସ୍ତି ପ୍ରଦାନ କରୁଥବା ଔଷଧ ଉପରେ ନିର୍ଭରତା ହ୍ରାସ କରିବା, ହସ୍ପିଟାଲାଇଜେଶନକୁ ରୋକିବା ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟଦକ୍ଷତାକୁ ସଂରକ୍ଷିତ ରଖିବ ଯାହା ଜୀବନର ମାନକୁ ଉନ୍ନତ କରିଥାଏ। ତେଣୁ ସଠିକ ସମୟରେ ନିଦାନ, ସଠିକ ଇନ୍‌ହେଲର ବ୍ୟବହାର ଓ ନିୟମର କଡ଼ାକଡ଼ି ଅନୁପାଳନର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଖରାପ ଡିଭାଇସ ପଦ୍ଧତି, ଚିକିତ୍ସା ପାଇଁ ସୀମିତ ପହଁଞ୍ଚ ଏବଂ ଦୀର୍ଘସ୍ଥାୟୀ ସହଯୋଗର ଅଭାବ କାରଣରୁ ଏହାକୁ ଅଣଦେଖା କରାଯାଉଛି।

ବ୍ରେଥଫ୍ରି ଭଳି ଅଭିଯାନଗୁଡିକ ଅନ୍-ଗ୍ରାଉଣ୍ଡ ସ୍କ୍ରିନିଂ କ୍ୟାମ୍ପ, ଡିଜିଟାଲ ପ୍ଲାଟଫର୍ମ ଭଳି ଅନ୍‌ଲାଇନ ଟୁଲ୍ ଏବଂ ସରଳ 'ହାଓ-ଟୁ' ଡିଭାଇସ ଟ୍ରେନିଂ ଭିଡିଓ ମାଧ୍ୟମରେ ଏହି ଅନ୍ତରକୁ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଭଳି ଉତ୍ସଗୁଡିକ ଆସ୍ଥମାର ଉତ୍ତମ ନିୟନ୍ତ୍ରଣ ଦିଗରେ ଚିକିତ୍ସକ ଓ ରୋଗୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି। ଭାରତରେ ଆସ୍ଥମାକୁ ନେଇ ଅନେକ ଭୁଲଧାରଣା ଥିବାବେଳେ ଏନେଇ ସ୍ଥାୟୀ ସଚେତନତା, ପ୍ରାରମ୍ଭିକ ଶିକ୍ଷା ଏବଂ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ବେରୋକ ଜିନ୍ଦେଗୀ ଭଳି ସଚେତନତା କ୍ୟାମ୍ପେନ ଓ ଟଫିସ କି ସ୍କୁଲ ଯାତ୍ରା ଭଳି ପ୍ରୟାସଗୁଡିକ ସଠିକ ସୂଚନା ବିସ୍ତାର କରି ଏ କ୍ଷେତ୍ରରେ ସାର୍ଥକ ପ୍ରଗତି ଆଣୁଛନ୍ତି।"

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

# ଗୁଜରାଟକୁ ହରାଇଲା ସୁପର୍ ଜାଏଣ୍ଟ୍ସ



**ଅହମ୍ମଦାବାଦ, ୨୨।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୩୩ ରନରେ ଘରୋଇ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଓପନର୍ ମିଚେଲ ମାର୍ଶଙ୍କ ବିସ୍ଫୋରକ ଶତକ ବଳରେ ୨ ୱିକେଟ୍ ହରାଇ ୨୩୫ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜବାବରେ ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୨ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ଗୁଜରାଟ ୧୩ତମ ମ୍ୟାଚରୁ ୪ର୍ଥ ପରାଜୟ ସହ ୧୮ ପଏଣ୍ଟ ପାଇ ପୂର୍ବଭଳି ଶୀର୍ଷ ସ୍ଥାନରେ ସୁରକ୍ଷିତ ରହିଛି। ଅପରପକ୍ଷରେ ଲକ୍ଷ୍ନୌ ୧୩ତମ ମ୍ୟାଚରୁ ୬ଷ୍ଠ ବିଜୟ ସହିତ ୧୨ ପଏଣ୍ଟ ହାସଲ କରିଛି। ମ୍ୟାଚ୍ ଜିତିଥିଲେ ମଧ୍ୟ ଲକ୍ଷ୍ନୌ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି।

୨୩୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ପାଇଁ ଦୁଇ ଓପନର୍ ଅଧିନାୟକ ଗିଲ୍ ଓ ସାଇ ସୁଦର୍ଶନ ପ୍ରଥମ ୱିକେଟ୍‌ରେ ୨୭ ବଲରେ ୪୬ ରନ ଉଠାଇଥିଲେ। ତେବେ ଇନଫର୍ମ ସୁଦର୍ଶନ ୧୬ ବଲରୁ ୨୧ ରନ କରିଥିବାବେଳେ ଦ୍ରୁତ ବୋଲର ୱିଲିୟମ ଓ'ରୁର୍କଙ୍କ ଶିକାର ବନିଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟରଙ୍କ ମିଳିତ ଉପଯୋଗୀ ଇନିଂସ ଖେଳିଥିଲେ ମଧ୍ୟ ଦଳ ୯ ୱିକେଟ୍‌ରେ ୨୦୨ ରନ କରି ବିଜୟଠାରୁ ଦୂରରେ ରହିଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗିଲ୍ ୩୫, ଜୋଶ ବଟଲର୍ ୩୩, ଶିଫାର୍ନ ରଦରଫୋର୍ଡ ୩୮ ରନ କରିଥିଲେ। ଶାହରୁଖ ଖାନ ୫ ଚୌକା ଓ ୩ ଛକା ସହ ୨୯ ରନ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ବିଜୟୀ ସୁପର୍ ଜାଏଣ୍ଟ୍ସ ପାଇଁ ଓ'ରୁର୍କ ସର୍ବାଧିକ ୩ଟି ଏବଂ ଆଭେସ ଖାନ ଓ ଆୟୁଷ ବଦୋନୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ଆଇପିଏଲ୍‌ରେ ଆଜି**
**ବେଙ୍ଗାଲୁରୁ** ବନାମ **ହାଇଦରାବାଦ**
ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

# ମାର୍ଶଙ୍କ ପ୍ରଥମ ଆଇପିଏଲ୍ ଶତକ

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ପାଇଁ ଦୁଇ ଓପନର୍ ଆଇଡେନ ମାର୍କରାମ ଓ ମିଚେଲ ମାର୍ଶ ପ୍ରଥମ ୱିକେଟ୍‌ରେ ୯୧ ରନ ସଂଗ୍ରହ କରି ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ତେବେ ୩୬ ରନ କରିଥିବାବେଳେ ମାର୍କରାମଙ୍କୁ ଆଉଟ୍ କରି ଆର୍. ସାଇକିଶୋର ଗୁଜରାଟକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଆସିଥିବା ନିକୋଲସ ପୁରନ ଅନ୍ୟତମ ଓପନର୍ ମାର୍ଶଙ୍କ ସାଥୀ ହୋଇ ଦଳୀୟ ସ୍କୋରକୁ ଦୁଇଶହ ରନ ଅତିକ୍ରମ କରାଇଥିଲେ। ମାର୍ଶ ୧୦ ଚୌକା ଓ ୮ ଛକା ସହ ୬୪ ବଲରୁ ୧୧୭ ରନ ସଂଗ୍ରହ କରି ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଅର୍ଶଦ ଖାନଙ୍କ ବଲରେ ଆଉଟ୍ ହେବାପୂର୍ବରୁ ସେ ଦ୍ୱିତୀୟ ୱିକେଟ୍‌ରେ ପୁରନଙ୍କ ସହ ୧୨୧ ରନ ଉଠାଇଥିଲେ। ଏହାପରେ ଅଧିନାୟକ ଋଷଭ ପନ୍ତ ୧୬ ରନ କରିବାରୁ ଲକ୍ଷ୍ନୌ ୨ ୱିକେଟ୍‌ରେ ୨୩୫ ରନର ଏକ ଦମ୍‌ଦାର ସ୍କୋର କରିଥିଲା। ପୁରନ ୨୭ ବଲ୍‌ରେ ୫୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଆଇପିଏଲ୍‌ର ୧୮ ବର୍ଷର ଇତିହାସରେ ମିଚେଲ ୧୧ତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ।

# କ୍ୟାନସର ସଚେତନତା ଲାଗି ଜର୍ସି ପରିବର୍ତ୍ତନ



**ଅହମ୍ମଦାବାଦ, ୨୨।୫ (ଏଜେନ୍ସି):** ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ଗୁଜରାଟ ଟାଇଟନ୍ସ ଗୁରୁବାର ଏହାର ତ୍ରୟୋଦଶ ମ୍ୟାଚରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସକୁ ଭେଟିଥିଲା। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲାରେ ଘରୋଇ ଗୁଜରାଟ ଏହାର ଚିରାଚରିତ ଗାଢ଼ ନୀଳ ରଙ୍ଗର ଜର୍ସି ପରିବର୍ତ୍ତେ ଲାଭେଣ୍ଡର (ହାଲ୍‌କା ଗୋଲାପୀ) ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲା। ଗୁଜରାଟର ଏହି ଜର୍ସି ପରିବର୍ତ୍ତନକୁ ନେଇ ପ୍ରଶଂସକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଗୁଜରାଟ ପ୍ରଥମଥର ଲାଗି ଏହି ଜର୍ସି ପରିଧାନ କରିନାହିଁ। ୨୦୨୨ରୁ ଆଇପିଏଲ୍ ଖେଳି ଆସୁଥିବା ଗୁଜରାଟ ପ୍ରତ୍ୟେକ ସିଜନର ଗୋଟିଏ ମ୍ୟାଚରେ ଏହି ହାଲ୍‌କା ଗୋଲାପୀ ରଙ୍ଗର ଜର୍ସି ପରିଧାନ କରିଥାଏ। ଏହା ପଛରେ ଥିବା କାରଣଟି ହେଉଛି, କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଓ ପ୍ରାରମ୍ଭିକ ଚିକିତ୍ସା ଦ୍ୱାରା ଏହା ଭଲ ହୋଇପାରିବ ବୋଲି ବାର୍ତ୍ତା ଜଣାଇ ଗୁଜରାଟ ଏହି ଜର୍ସି ପରିଧାନ କରିଥାଏ।

# ମ୍ୟୁନିକ ସୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା



**ଭୁବନେଶ୍ୱର,୨୨।୫(ସମିସ):** ଓଡ଼ିଆ ତାରକା ମହିଳା ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଆଉ ଏକ ବିଶ୍ୱକପକ୍‌ରେ ଅଂଶଗ୍ରହଣ କରିବେ। ଜର୍ମାନୀର ମ୍ୟୁନିକ୍‌ରେ ଆସନ୍ତା ମାସରେ ଆୟୋଜନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ସୁଟିଂ କ୍ରୀଡ଼ା ମହାସଂଘ (ଆଇଏସ୍‌ଏସ୍‌ଏଫ୍) ବିଶ୍ୱକପ୍ ୨୦୨୫ରେ ସେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ। ୩୦ ବର୍ଷୀୟା ଶ୍ରୀୟଙ୍କା ୫୦ମିଟର ୩ ପୋଜିସନ ରାଇଫଲ ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏନ୍‌ଆରଏଆଇ ଦ୍ୱାରା ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଶ୍ରୀୟଙ୍କା ଏବେ ତୃତୀୟ ସ୍ଥାନରେ ରହିଛନ୍ତି। ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ନିଜର ଦକ୍ଷତା ଓ ପ୍ରତିଭା ପ୍ରମାଣିତ କରିଛନ୍ତି। ଏହାପୂର୍ବରୁ ସେ ଆର୍ଜେଣ୍ଟିନାର ବୁଏନ୍ସ ଆରିଜ ଓ ପେରୁର ଲିମାରେ ଅନୁଷ୍ଠିତ ଦୁଇଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲେ। ଲିମାରେ ସେ ଫାଇନାଲରେ ପ୍ରବେଶ କରି ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏଥର ସେ ଆହୁରି ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

■ ୧୯ ବର୍ଷରୁ କମ୍ ଭାରତୀୟ ଦଳ

# ଆୟୁଷଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀ ସାମିଲ

**ନୂଆଦିଲ୍ଲୀ,୨୨।୫(ଏଜେନ୍ସି):** ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଏକ ୧୬ ଜଣିଆ ଦଳ ଘୋଷଣା କରିଛି। ଜୁନ୍ ୨୪ରୁ ଆରମ୍ଭ ହୋଇ ଏହି ଗସ୍ତ ଜୁଲାଇ ୨୩ରେ ଶେଷ ହେବ। ଭାରତୀୟ ଦଳ ଏହି ଗସ୍ତରେ ଗୋଟିଏ ୱାର୍ମ-ଅପ୍ ମ୍ୟାଚ୍ ସହ ୫ଟି ଦିନକିଆ ଓ ଦୁଇଟି ମଲ୍ଟି-ଡେ ଅର୍ଥାତ ବହୁ-ଦିବସୀୟ ମ୍ୟାଚ୍ ଖେଳିବ। ୧୭ ବର୍ଷୀୟ ଆୟୂଷ ମହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇପିଏଲ ସେନ୍‌ସେସନ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଦଳରେ ସାମିଲ କରାଯାଇଛି। ବୈଭବ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳି ୨୦୬.୫୬ ଷ୍ଟ୍ରାଇକ୍‌ରେଟ୍‌ରେ ୨୫୨ ରନ ସଂଗ୍ରହ କରିଛି। ଗତମାସ ୧୪ ବର୍ଷରେ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ଏକ କୋଟି ୧୦ ଲକ୍ଷ ଟଙ୍କା ବିନିମୟରେ ରାଜସ୍ଥାନ ଦଳରେ ସାମିଲ ହୋଇଥିଲେ। ଆଇପିଏଲ୍ ପଦାର୍ପଣରେ ସେ ପ୍ରଥମ ବଲ୍‌ରେ ହିଁ ଛକା ମାରିଥିଲେ ଓ ପରେ ସେ ୩୫ ବଲରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପର ମହାତ୍ରେ ମଧ୍ୟ ଚେନ୍ନାଇ ସୁପର କିଙ୍ଗ୍‌ସ ତରଫରୁ ପ୍ରତିନିଧିତ୍ୱ କରି ୨୦୬ ରନ ସଂଗ୍ରହ କରିଛନ୍ତି।

**୧୯ ବର୍ଷରୁ କମ୍ ଭାରତୀୟ ଦଳ:** ଆୟୂଷ ମହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ମଲ୍ୟାରାଜସିନ ଚଭଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ଉପ- ଅଧିନାୟକ, ୱିକେଟକିପର), ହରବଂଶ ସିଂ (ୱିକେଟକିପର), ଆରଏସ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ୍, ଆଦିତ୍ୟ ରାଣା ଓ ଅନମୋଲଜିତ ସିଂ।

# କ୍ରୀଡ଼ା ସଂଘଗୁଡ଼ିକର ସହାୟତା ରାଶି ବଢ଼ିଲା

**ନୂଆଦିଲ୍ଲୀ,୨୨।୫(ଏଜେନ୍ସି):** ଦେଶରେ କ୍ରୀଡ଼ାର ସାମୂହିକ ଉନ୍ନତି ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ଜାତୀୟ କ୍ରୀଡ଼ା ସଂଘଗୁଡିକର ସହାୟତା ରାଶି ବୃଦ୍ଧି କରିଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିଆ ବିଭିନ୍ନ ଜାତୀୟ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ସହାୟତା ରାଶିକୁ ୫୧ରୁ ୯୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ସେହିପରି ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ବାବଦରେ ସହାୟତା ରାଶିକୁ ୧ରୁ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ ମୁଖ୍ୟ କୋଚ୍‌ଙ୍କ ମାସିକ ପାଉଣାକୁ ୫ରୁ ୭.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍ୟ କୋଚ୍‌ମାନଙ୍କ ମାସିକ ଦରମା ୨ରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ କ୍ରୀଡ଼ା ସଂଘଗୁଡିକର ବାର୍ଷିକ ବ୍ୟୟ ଅଟକଳକୁ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିସହ ଜଣେ ହାଇପରଫର୍ମାନ୍ସ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ସଂଘଗୁଡିକ ମୁଖ୍ୟ କାର୍ଯ୍ୟନିର୍ବାହୀ, ନିର୍ଦ୍ଦେଶକ ଓ ମ୍ୟାନେଜର ନିଯୁକ୍ତି ବାବଦରେ ସରକାରୀ ଅନୁଦାନର ୧୦ ପ୍ରତିଶତ ଖର୍ଚ୍ଚ କରିବେ ବୋଲି କୁହାଯାଇଛି।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରରେ ଶ୍ରୀକାନ୍ତ
# ପ୍ରଣୟ, ଆୟୂଷ, ସତୀଶ ବିଦା

**କ୍ୱାଲାଲମ୍ପୁର,୨୨।୫(ଏଜେନ୍ସି):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର କିଦାମ୍ବୀ ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଏଚ୍‌ଏସ୍ ପ୍ରଣୟ, ଆୟୂଷ ସେଟ୍ଟୀ ଓ ସତୀଶ କୁମାର କରୁଣାକରନ ପ୍ରି- କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୁରୁଷ ଏକକ ପ୍ରି-କ୍ୱାର୍ଟରରେ ଶ୍ରୀକାନ୍ତ ୨୩-୨୧, ୨୧-୧୭ରେ ବିଶ୍ୱର ୩୩ ନଂ ଖେଳାଳି ଆୟର୍ଲାଣ୍ଡର ଏନ୍‌ହାତ ଏନ୍‌ଗୁଏନଙ୍କୁ ୫୯ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଶ୍ରୀକାନ୍ତ ଏବେ ଫ୍ରାନ୍ସର ତୋମା ପୋପୋଭଙ୍କୁ ଭେଟିବେ। କିନ୍ତୁ ପ୍ରଣୟ ୯-୨୧, ୧୮-୨୧ରେ ଜାପାନର ୟୁସି ତାନାକାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଆୟୂଷ ୧୩-୨୧, ୧୭-୨୧ରେ ତୋମା ପୋପୋଭଙ୍କଠାରୁ, ସତୀଶ ୧୪-୨୧, ୧୬-୨୧ରେ କ୍ରିଷ୍ଟୋ ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ରାଜାଙ୍କୁ ୬ ୱିକେଟ; ଯାଜପୁର ବିଜୟୀ

**କଟକ,୨୨।୫(ସମିସ):** ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୦୩ ରନରେ ସୋନପୁରକୁ ପରାସ୍ତ କରିଛି। ମହମ୍ମଦ ହମିଦ୍ ରାଜା ୧୪ରନ ବିନିମୟରେ ୬ଟି ୱିକେଟ ଦଖଲ କରି ଯାଜପୁର ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଯାଜପୁର ସମସ୍ତ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ମାତ୍ର ୬୮ ରନରେ ଅଲଆଉଟ ହୋଇଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ ଭଦ୍ରକ ୨ ରନ୍‌ରେ ସମ୍ବଲପୁର-ବିକୁ ପରାସ୍ତ କରିଥିଲା। ସ୍ୱୟଂମ୍ଭୁ ପଲାଇଙ୍କ ୫୦ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ସମସ୍ତ ୱିକେଟ ହରାଇ ୧୪୨ରନ କରିଥିଲା। ୧୪୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର-ବି ୧୪୦ରନରେ ଅଲଆଉଟ ହୋଇଥିଲା। ଭଦ୍ରକର ପ୍ରୀତମ ଦାସ ୨୨ରନ ବ୍ୟୟରେ ୪ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଝାରସୁଗୁଡା ୪ ୱିକେଟରେ ରାୟଗଡାକୁ ହରାଇଥିଲା। ୪ ୱିକେଟ ସଫଳତା ପାଇଥିବା ଝାରସୁଗୁଡାର ଆଦର୍ଶ ସିଂହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୦୬ରନରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ସେହିଭଳି କିଟ୍ ବିଜୟ ଅଭିଯାନ ଜାରି ରଖି ଆଜି ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ୪୧ରନରେ ଭୁବନେଶ୍ୱର-ବିକୁ ହରାଇଥିଲା।

**ଏଫ୍‌ଆଇଏଚ୍ ପ୍ରୋ ଲିଗ**


# ଭାରତୀୟ ଦଳରେ ଅମିତ, ନୀଲମ ଓ ଶିଳାନନ୍ଦ

**ନୂଆଦିଲ୍ଲୀ,୨୨।୫(ଏଜେନ୍ସି):** ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ହକି ପ୍ରୋ ଲିଗ୍‌ର ଆଗାମୀ ୨୦୨୪-୨୫ ସିଜନର ୟୁରୋପୀୟ ଲେଗ୍ ତଥା ପର୍ଯ୍ୟାୟ ପାଇଁ ହକି ଇଣ୍ଡିଆ ଗୁରୁବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଅଭିଜ୍ଞ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂହ ଏହି ଦଳର ନେତୃତ୍ୱ ନେବେ। ସେହିପରି ହାର୍ଦ୍ଦିକ ସିଂହ ତାଙ୍କର ଡେପୁଟି ଭାବେ ଦାୟିତ୍ୱ ବହନ କରିବେ। ଏହି ଦଳରେ ୩ଜଣ ଓଡ଼ିଆ ତାରକା ସ୍ଥାନ ପାଇଛନ୍ତି। ସେମାନେ ହେଲେ ୩୨ ବର୍ଷୀୟ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ, ୨୬ ବର୍ଷୀୟ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ ଓ ୨୬ ବର୍ଷୀୟ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ପ୍ରୋ ଲିଗ୍‌ର ଏହି ୟୁରୋପୀୟ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ନେଦରଲାଣ୍ଡସର ଆମଷ୍ଟେଲଭିନ୍ ଓ ବେଲଜିୟମର ଆଣ୍ଟୱେର୍ପରେ ଖେଳାଯିବ। ଭାରତ ୪ଟି ଦଳ ଯଥା ନେଦରଲାଣ୍ଡସ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ବେଲଜିୟମ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ପ୍ରୋ ଲିଗ୍‌ର ବିଜେତା ସିଧାସଳଖ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବ। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଭାରତ ପ୍ରୋ ଲିଗ୍‌ର ଭୁବନେଶ୍ୱର ଲେଗ୍‌ରେ ୮ଟି ମ୍ୟାଚ୍ ଖେଳି ୫ଟି ବିଜୟ ସହ ୧୫ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି।

**ଭାରତର କାର୍ଯ୍ୟସୂଚୀ**

| ତାରିଖ | ବିପକ୍ଷ ଦଳ |
|---|---|
| ଜୁନ୍ ୭ | ନେଦରଲାଣ୍ଡସ |
| ଜୁନ ୯ | ନେଦରଲାଣ୍ଡସ |
| ଜୁନ ୧୧ | ଆର୍ଜେଣ୍ଟିନା |
| ଜୁନ ୧୨ | ଆର୍ଜେଣ୍ଟିନା |
| ଜୁନ ୧୪ | ଅଷ୍ଟ୍ରେଲିଆ |
| ଜୁନ ୧୫ | ଅଷ୍ଟ୍ରେଲିଆ |
| ଜୁନ ୨୧ | ବେଲଜିୟମ |
| ଜୁନ୍ ୨୨ | ବେଲଜିୟମ |

**ଭାରତୀୟ ଦଳ**
ଗୋଲକିପର- କ୍ରିଶନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର- ସୁମିତ, ଅମିତ ରୋହିଦାସ, ଯୁଗରାଜ ସିଂହ, ନୀଲମ ସଞ୍ଜୀପ ଖେସ୍, ହରମନପ୍ରୀତ ସିଂହ (ଅଧିନାୟକ), ସଞ୍ଜୟ, ଯଶଦୀପ ସିୱାଚ୍, ମିଡଫିଲ୍ଡର- ରାଜ କୁମାର ପଲ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂହ, ରାଜିନ୍ଦର ସିଂହ, ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ଶମସେର ସିଂହ, ଫରୱାର୍ଡ- ଗୁରଜାନ୍ତ ସିଂହ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ, ସୁଖଜିତ ସିଂହ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS